78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ସୀମାନ୍ତବାର୍ତ୍ତା
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୧୭୧ ● କଟକ ● ଶନିବାର ● ୨୫ ଜାନୁଆରୀ-୨୦୨୫ ● ବିଛା-୧୩ ● ସାଲ୍ ୧୪୩୧
CUTTACK ● SATURDAY ● 25 JANUARY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

**ପ୍ରାକ୍ ସମୀକ୍ଷା ଶେଷ: ଲୋକାଭିମୁଖୀ ବଜେଟ୍ ପାଇଁ ପ୍ରସ୍ତୁତି**

## ବଢ଼ିବ ବଜେଟ୍ ଆକାର

ଭୁବନେଶ୍ୱର,(ପିପିଏସ୍):

ଆର୍ôଥିକବର୍ଷ ୨୦୨୫-୨୬ରେ ବଢ଼ିବ ଓଡ଼ିଶା ବଜେଟ୍‌ର ଆକାର। ଗତ ଆର୍ଥିକବର୍ଷ ତୁଳନାରେ ବଜେଟ୍ ପରିମାଣ ବଢ଼େଇବା ସହ ନିଯୁକ୍ତି ଓ ଉତ୍ପାଦନ ଉପରେ ଗୁରୁତ୍ୱ ଦେବେ ମୋହନ ସରକାର। ଗାଁରେ ଆର୍ଥିକ ସ୍ରୋତ ସୃଷ୍ଟିପାଇଁ ସରକାର ଆଣିବେ ନୂଆ ଯୋଜନା। ପ୍ରାକ୍ ବଜେଟ୍ ପରାମର୍ଶ ସଭାପରେ ଏଭଳି କିଛି ଆଭାସ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଫେବ୍ରୁଆରୀ ୧୩ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେଉଛି। ୧୭ରେ ଆସିବ ବଜେଟ୍। ସେଥିପାଇଁ ଲୋକମତ ସଂଗ୍ରହ ଓ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅର୍ଥନୀତି ବିଶେଷଜ୍ଞ, ପୂର୍ବତନ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥ ସଚିବଙ୍କ ସହ ବିଭିନ୍ନ ବର୍ଗର ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଛି। ସମସ୍ତ ସଦସ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଛନ୍ତି। ଲୋକଙ୍କ ବଜେଟ୍‌କୁ ଲୋକାଭିମୁଖୀ କରିବା ଲାଗି ସମସ୍ତ ଚେଷ୍ଟାକରାଯିବ। ସେହିପରି ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ସାଧାରଣଲୋକ ନିଜର ମତାମତ ଅନ୍‌ଲାଇନ, ଫୋନ୍, ମେସେଜ ଜରିଆରେ ଦେଇପାରିବେ। ଲୋକମତକୁ ଆଧାର କରି ଯୋଜନା ପ୍ରସ୍ତୁତ ହେବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ରାଜସ୍ୱ ବୃଦ୍ଧିଲାଗି ବ୍ୟବସ୍ଥା ହେଉଛି। ସେହିପରି ସଂକଳ୍ପପତ୍ରକୁ ପ୍ରାଧାନ୍ୟ ଦେଇ ଯୋଜନା ପ୍ରସ୍ତୁତ କରାଯାଉଛି। ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ଆଇଟି, ସ୍କିଲ୍, ଅକ୍ଷୟଶକ୍ତି, ଏଗ୍ରୋ ଇଣ୍ଡଷ୍ଟ୍ରିଜ, ପେଟ୍ରୋକେମିକାଲ ଓ ଟେକ୍ସଟାଇଲ ଉପରେ ଗୁରୁତ୍ୱ ଦେଉଛୁ। ଏଗ୍ରୋ ଇଣ୍ଡଷ୍ଟ୍ରିଜରେ କୃଷକ ନିର୍ଭରଶୀଳ ଅଟନ୍ତି। ସେମାନଙ୍କ ଆୟବୃଦ୍ଧି ଲାଗି ଶୀତଳଭଣ୍ଡାର ସମେତ ଚାଷ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ବନ୍ଦରଭିତ୍ତିକ ଶିଳ୍ପ, ଆଇଟି କ୍ଷେତ୍ରର ସେମିକଣ୍ଡକଟର ଶିଳ୍ପ ଉପରେ ଫୋକସ୍ ରହିଛି। ରାଜସ୍ୱ ବୃଦ୍ଧି ସହ ରାଜ୍ୟର ଜିଡିପି ବଢ଼େଇବା ପାଇଁ କୃଷିଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଛି। ନିବେଶ ବଢ଼ିଲେ ରାଜ୍ୟର ଆର୍ଥିକ ସ୍ଥିତି ବଦଳିବ। ଏହାଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଓ ସାମାଜିକ ବ୍ୟବସ୍ଥାକୁ ସଜଡ଼ା ଯାଇପାରିବ। କ୍ୟାବିନେଟ୍‌ର ଅନୁମୋଦନ ପରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଆରମ୍ଭ କରିବାକୁ ଯାଉଛୁ। ଗାଁ ଲୋକଙ୍କର ଆର୍ଥିକ ସ୍ଥିତି ମଜବୁତ ପାଇଁ ଗାଁରେ ବ୍ୟବସ୍ଥା କରାଯିବ। ଗାଁଲୋକ ସହରକୁ ନଦୌଡ଼ିବା ପାଇଁ ରୋଜଗାରର ଉତ୍ସ ସୃଷ୍ଟିହେବ। ଶ୍ରମିକ, ଚାଷୀ ଓ ଖଟିଖିଆଙ୍କ ଲାଗି ବ୍ୟବସ୍ଥାକରିବୁ। ନିଯୁକ୍ତି କ୍ଷେତ୍ରରେ ଆଶା ରଖିଥିବା ବେକାର ଯୁବକ, ସରକାରୀ ପଦବୀ ପୂରଣ ଭଳି କ୍ଷେତ୍ର ବଜେଟ୍‌ରେ ପ୍ରତିଫଳିତ ହେବ। ନିବେଶ ବଢ଼ିଲେ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ମଧ୍ୟ ବଢ଼ିବ। ସେହିପରି ଖାଲିଥିବା ସରକାରୀ ପଦବୀରେ ଦେଢ଼ଲକ୍ଷ ନିଯୁକ୍ତି କଥାକହିଛୁ। ସେଥିରୁ ୨୦ ହଜାର ନିଯୁକ୍ତି ଦେଇସାରିଛୁ। ଚଳିତ ଆର୍ଥିକବର୍ଷ ଆହୁରି ୨୦ ହଜାର, ଏଭଳି ୪୦ହଜାର ନିଯୁକ୍ତି ଦେବୁ। ଆଗକୁ ୨ବର୍ଷ ମଧ୍ୟରେ ୬୫ହଜାରରୁ ଅଧିକ ପଦବୀ ପୂରଣକରିବୁ। ସଂକଳ୍ପପତ୍ର ଅଧାରେ ନୂଆ ଓଡ଼ିଶା, ସମୃଦ୍ଧ ଓଡିଶା ଦିଗରେ ଆମେ ଅଗ୍ରସର ହେଉଛୁ। ୨୦୨୫-୨୬ ଆର୍ଥିକ ବର୍ଷରେ ଆହୁରି ଅନେକ ଯୋଜନା ସାମିଲ ହେବ। ତେଣୁ ବଜେଟ୍‌ର ଆକାର ବହୁତ ବଢ଼ିବ। ଅନ୍‌ଲାଇନ ମାଧ୍ୟମରେ ଗତ ବର୍ଷ ୬ ହଜାରରୁ ଅଧିକ ପ୍ରସ୍ତାବ ଆସିଥିଲା। ଏଥର ମଧ୍ୟ ତା'ଠାରୁ ଅଧିକ ମତାମତ ଆସିବ ବୋଲି ଆକଳନ କରାଯାଉଛି। ଫଳରେ ଲୋକଙ୍କ ବଜେଟ୍ ନିଶ୍ଚୟ ବୁଦ୍ଧିମନ୍ତ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡ଼େଇ କହିଛନ୍ତି, ଚଳିତ ଆର୍ଥିକବର୍ଷ ଲାଗି ୨ଲକ୍ଷ ୬୫ହଜାର କୋଟି ବ୍ୟୟ ବରାଦ ହୋଇଥିଲା। କିନ୍ତୁ ବ୍ୟୟ ସନ୍ତୋଷଜନକ ହୋଇନାହିଁ। ୩ କ୍ୱାର୍ଟର ଶେଷପରେ ୫୦% ଅର୍ଥ ଖର୍ଚ୍ଚ ହୋଇଛି। ଆଉ ୩ ମାସରେ ବଳକା ୫୦% ଖର୍ଚ୍ଚ ହୋଇପାରିବ ନାହିଁ। ଯେତେ ପାରିବେ ସେତେ ଖର୍ଚ୍ଚ କରିବାକୁ ଚେଷ୍ଟାକରନ୍ତୁ। ରାଜସ୍ୱ ସଂଗ୍ରହ ଉତ୍ସାହଜନକ ହୋଇନାହିଁ। ଖଣି ରାଜସ୍ୱ ସଂଗ୍ରହ ୧% କମ୍ ହୋଇଛି। ଖଣି ଉତ୍ପାଦନ ବଢାଇବାକୁ ପଡ଼ିବ। ବନ୍ଦ ଖଣି ଓ ଶିଳ୍ପ ଚାଲୁ ହେଉ। ବଡ଼ ସହ ଛୋଟ ଶିଳ୍ପ ଉପରେ ଧ୍ୟାନ ଦିଆଯିବା ଦରକାର। ହାରୋ ଅଧ୍ୟକ୍ଷ ଜେ.କେ ମହାନ୍ତି କହିଛନ୍ତି, ସରକାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଫୋକସ୍ ଦେଉଥିବା ବୈଠକରୁ ଆମେ ଅନୁଭବ କଲୁ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ଉନ୍ନତି ପାଇଁ ସରକାର ୧୦ ହଜାର କୋଟି କେନ୍ଦ୍ର ସରକାରଙ୍କୁ ମାଗିଛନ୍ତି।



**ଚଳିତବର୍ଷ ୪୦ହଜାରଙ୍କୁ ମିଳିବ ନିଯୁକ୍ତି**

## ସରିଲା ହାଲୁଆ ଉତ୍ସବ

ନୂଆଦିଲ୍ଲୀ,(ପିପିଏସ୍):


୨୦୨୫-୨୬ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟର ପ୍ରତୀକ ହାଲୁଆ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନର୍ଥ ବ୍ଲକ୍‌ରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେକୌଣସି ଶୁଭ କାମ ଆରମ୍ଭ ପୂର୍ବରୁ ମିଠା ରୋଷେଇର ପରମ୍ପରା ରହିଥାଏ। ଏହି ପରମ୍ପରା ଅନୁସାରେ ବଜେଟ୍ ଉପସ୍ଥାପନ ପୂର୍ବରୁ ହାଲୁଆ ସେରମନି ଆୟୋଜନ କରାଯାଇଥାଏ। ଏହି ଆୟୋଜନ ପରେ ବଜେଟ୍ ସହ ଜଡ଼ିତ ଅଧିକାରୀଙ୍କୁ ବାହାର ଦୁନିଆଠାରୁ ଅଲଗା ରଖାଯାଇଥାଏ। ଏହାର ଉଦ୍ଦେଶ୍ୟ ବଜେଟ୍ ନିଷ୍ପତ୍ତି ଏବଂ ନୀତିକୁ ଗୋପନୀୟ ରଖିବା। କହିବାକୁ ଗଲେ ଅଧିକାରୀମାନେ ଏକ ପ୍ରକାର ନଜରବନ୍ଦୀ ହୋଇ ରହିଥାନ୍ତି। ଅର୍ଥମନ୍ତ୍ରୀ ଲୋକସଭାରେ ନିଜ ବଜେଟ୍ ଭାଷଣ ଶେଷ କରିବା ପରେ ସମସ୍ତେ ବାହାରକୁ ଆସିଥାନ୍ତି। ବଜେଟ୍ ପରମ୍ପରା ଅନୁସାରେ, ପ୍ରତିବର୍ଷ ବଜେଟ୍ ପ୍ରସ୍ତୁତି କାର୍ଯ୍ୟରେ ଜଡ଼ିତ ଅଧିକାରୀଙ୍କ 'ଲକ୍-ଇନ୍' ପ୍ରକ୍ରିୟା ପୂର୍ବରୁ ଏହି ଉତ୍ସବର ଆୟୋଜନ କରାଯାଇଥାଏ। ସଂସଦରେ ବଜେଟ୍ ଉପସ୍ଥାପନର ୫ଦିନ ପୂର୍ବରୁ ଏହି ଉତ୍ସବ ହୋଇଥାଏ। ଏହି ଉତ୍ସବ ପରେ ବଜେଟ୍ କାର୍ଯ୍ୟରେ ଜଡ଼ିତ ଅଧିକାରୀମାନେ ନର୍ଥ ବ୍ଲକ୍‌ରେ ବନ୍ଦ ରୁହନ୍ତି। ସେମାନଙ୍କ ସହ କୌଣସି ପ୍ରକାର ବାହ୍ୟ ଯୋଗାଯୋଗ ରହି ନଥାଏ। ମୋବାଇଲ ଫୋନ୍ ବ୍ୟବହାର ଉପରେ ପ୍ରତିବନ୍ଧକ ରୁହେ। ସଂସଦର ବଜେଟ୍ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହେବ। ଏପ୍ରିଲ ୪ରେ ଅଧିବେଶନ ସମାପ୍ତ ହୋଇପାରେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ନିଜର ଅଷ୍ଟମ ବଜେଟ୍ ଉପସ୍ଥାପନ କରିବେ। ସଂସଦ ବଜେଟ୍ ଅଧିବେଶନ ସମୟରେ ଫେବ୍ରୁଆରୀ ୧ରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିବେ। ପରମ୍ପରା ଅନୁସାରେ ଅଧିବେଶନ ଆରମ୍ଭର ଜାନୁଆରୀ ୩୧ରେ ସଂସଦର ଉଭୟଗୃହର ମିଳିତ ବୈଠକରୁ ହେବ। ସଂସଦର ମିଳିତ ବୈଠକକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବେ। ଅଷ୍ଟଦଶ ଲୋକସଭାର ଏହା ତୃତୀୟ ଅଧିବେଶନ ହେବ। ଏହାସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବଜେଟ୍ ଅଧିବେଶନ। ଏହା ପୂର୍ବରୁ ଗତବର୍ଷ ହୋଇଥିବା ଶୀତଅଧିବେଶନରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା।



## ମାତୃଭାଷାରେ ସ୍ନାତକ
### ୫୦ ଲେଖକଙ୍କୁ ପୁସ୍ତକ ଲେଖା ଦାୟିତ୍ୱ

ଭୁବନେଶ୍ୱର,(ପିପିଏସ୍):

ଆଗକୁ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାରେ ସ୍ନାତକ ପଢ଼ିବେ। ଏନେଇ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିକଟରେ ଇନ୍ଦିରା ଗାନ୍ଧୀ ମୁକ୍ତବିଶ୍ୱବିଦ୍ୟାଳୟ ପକ୍ଷରୁ ଏମ୍‌ବିଏ ପାଠ୍ୟକ୍ରମ ପାଇଁ ଓଡ଼ିଆ ପୁସ୍ତକ ପ୍ରକାଶ କରାଯାଇଥିଲା ବେଳେ ଆଗକୁ ଡାକ୍ତରୀ ଏବଂ ଇଂଜିନିୟରିଂ ମଧ୍ୟ ଓଡ଼ିଆ ଭାଷାରେ ପଢ଼ାଯିବ। 'ଜାତୀୟ ଶିକ୍ଷାନୀତି ୨୦୨୦' ଲାଗୁ କରିବା ପାଇଁ ସରକାରୀ ସ୍ତରରେ ତତ୍ପରତା ଦେଖାଦେଇଛି। ଉଚ୍ଚଶିକ୍ଷା ବିଭାଗରେ ସ୍ନାତକ(+୩) କ୍ଷେତ୍ରରେ ଏହା ଲାଗୁ ହୋଇ ସାରିଥିବାବେଳେ ଛାତ୍ରଛାତ୍ରୀ ଯେଭଳି ଭାବେ ନିଜ ମାତୃଭାଷାରେ ପାଠପଢ଼ିବେ ସେ ଦିଗରେ କାମ ଚାଲିଛି। ପୁସ୍ତକଲେଖା ପାଇଁ ରାଜ୍ୟରେ ପ୍ରାୟ ୫୦ ଲେଖକଙ୍କୁ ମନୋନୀତ କରାଯାଇଛି। ଖୁବ୍‌ଶୀଘ୍ର ପୁସ୍ତକ ଲେଖା କାମ ଆରମ୍ଭ ହେବ। ସୂଚନା ଅନୁଯାୟୀ ଜାତୀୟ ଶିକ୍ଷାନୀତି ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରୁ ଲାଗୁ କରାଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟରେ ଲାଗୁ ହୋଇଛି। ତିନିବର୍ଷ ବଦଳରେ ଚାରିବର୍ଷର ସ୍ନାତକ ପାଠ୍ୟକ୍ରମ ପଢ଼ିବେ ଛାତ୍ରଛାତ୍ରୀ। ପ୍ରଚଳିତ ପୁସ୍ତକ ଲେଖା ପାଇଁ ୫୦ଲେଖକ ମନୋନୀତ ପାଠ୍ୟକ୍ରମକୁ ଦୃଷ୍ଟିରେ ରଖି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ପ୍ରଫେସର ଆଚାର୍ଯ୍ୟଙ୍କୁ ପୁସ୍ତକ ପ୍ରସ୍ତୁତି ପାଇଁ ନୋଡାଲ ଅଧିକାରୀ ଭାବେ ପୂର୍ବରୁ ଦାୟିତ୍ୱ ଦିଆଯାଇଥିଲା। ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ମ୍ୟାନେଜମେଣ୍ଟ ଭଳି ପାଠ୍ୟକ୍ରମର ପ୍ରାୟ ୨୦ପୁସ୍ତକ ପ୍ରାଥମିକ ଭାବେ ଲେଖାଯିବ। ଜାତୀୟ ଶିକ୍ଷା ନୀତିର ପାଠ୍ୟଖସଡ଼ା ମୁତାବକ ଏହି ପୁସ୍ତକ ଲେଖାଯିବ। ପୁସ୍ତକ ଲେଖା ପାଇଁ ସ୍ୱତନ୍ତ୍ର ମାନଦଣ୍ଡ(ଏସ୍‌ଓପି) ପ୍ରସ୍ତୁତ କରାଯାଉଛି। ଏନେଇ ଏକ ବୈଠକ ହୋଇଥିବାବେଳେ ଖୁବ୍‌ଶୀଘ୍ର ପୁସ୍ତକ ଲେଖାର ନିୟମାବଳୀ ଚୂଡ଼ାନ୍ତ କରାଯିବ। ବହିଗୁଡ଼ିକ ଓଡ଼ିଆରେ ଲେଖାଯିବ। ୨୦୨୪-୨୫ରୁ ସ୍ନାତକ (+୩) ରେ ଜାତୀୟ ଶିକ୍ଷାନୀତି ଲାଗୁ ହୋଇଥିବାରୁ କିଭଳି ଶୀଘ୍ର ପୁସ୍ତକ ରଚନା ହେବ ସେନେଇ କାର୍ଯ୍ୟ ଜାରିରହିଛି।




**'ଜାତୀୟ ଶିକ୍ଷାନୀତି ୨୦୨୦' ଲାଗୁ ପରେ ତତ୍ପରତା**

## ଏବେଠୁ ଡରାଉଛି ଜଙ୍ଗଲ ନିଆଁ

**ଭୁବନେଶ୍ୱର,(ପିପିଏସ୍):** ଜାନୁଆରୀ ମାସ ସରିନି, କିନ୍ତୁ ଆରମ୍ଭ ହୋଇଛି ତାତି। ଏପଟେ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଇଗଲାଣି। ଜଙ୍ଗଲ ନିଆଁ ଘଟଣାରେ ଭାରତ ବର୍ଷରେ ତୃତୀୟ ସ୍ଥାନରେ ରହିଛି ଓଡ଼ିଶା। ଗତ ୭ଦିନ ମଧ୍ୟରେ ଏହି ବିରଳ ରେକର୍ଡ ହାସଲ କରିଛି ରାଜ୍ୟ। ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ସର୍ବାଧିକ ବନାଗ୍ନି ଘଟିଥିବାବେଳେ ଦ୍ୱିତୀୟରେ ରହିଛି ନାଗାଲାଣ୍ଡ ଓ ତୃତୀୟରେ ଓଡ଼ିଶା ଜଙ୍ଗଲ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୪୨ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିବା ଉପଗ୍ରହ ତଥ୍ୟକୁ ଆଧାର କରି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ଏହି ସୂଚନା ଜାରି କରିଛି। ଆଗକୁ ବିଭିନ୍ନ ଜଙ୍ଗଲରେ ନିଆଁ ବ୍ୟାପିବା ନେଇ ସମ୍ଭାବନା ରହିଛି। ଆଗକୁ ଗ୍ରୀଷ୍ମଋତୁ କାରଣରୁ ନିଆଁ ଆହୁରି ବ୍ୟାପିବା ନେଇ ମଧ୍ୟ ସମ୍ଭାବନା ରହିଛି। ୨୦୨୪ ମସିହା ପ୍ରାରମ୍ଭରେ ଜଙ୍ଗଲରେ ନିଆଁ ଲାଗିବାରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ ଭାବରେ ମାନ୍ୟତା ହାସଲ କରିଥିଲା। ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟାସ୍କଫୋର୍ସ ଗଠନ କରାଯାଇଥିଲା। ସ୍ଥାନୀୟ ଲୋକଙ୍କର ସହାୟତା ନେଲେ ଜଙ୍ଗଲରେ ନିଆଁକୁ ବହୁମାତ୍ରାରେ କମ୍ କରାଯାଇପାରିବ। ତେବେ ଜଙ୍ଗଲ ନିଆଁ ବିଶେଷ ଭାବରେ ମନୁଷ୍ୟକୃତ। ସ୍ଥାନୀୟ ଲୋକଙ୍କ ସହଯୋଗ ଫଳରେ ଏହାର ମୁକାବିଲା ବିଶେଷ ଭାବରେ ଫଳପ୍ରଦ ହୋଇପାରିବ। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ, ଗତବର୍ଷ ତୁଳନାରେ ରାଜ୍ୟରେ ଜଙ୍ଗଲନିଆଁ କମ୍‌ରହିଛି। ଏଫ୍‌ଏସ୍‌ଆଇର ଗତ ୫ବର୍ଷର ତଥ୍ୟକୁ ଦେଖିଲେ ଶିମିଳିପାଳରେ ମଧ୍ୟ କମ୍ ସ୍ଥାନରେ ନିଆଁ ଲାଗିଥିବା ଦେଖାଯାଇଛି। ୨୦୨୦ରେ ଜାନୁଆରୀରୁ ଏପ୍ରିଲ୍ ମାସ ଭିତରେ ୫୧୯ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିବା ବେଳେ ୨୦୨୧ରେ ୨ ହଜାର ୮୬୧, ୨୦୨୨ରେ ୩୧୯ ଓ ୨୦୨୩ ରେ ୧ ହଜାର ୪୫୬ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଥିଲା। ତେବେ ଓଡିଶାରେ ବିଶେଷ ଭାବରେ ଶିମିଳିପାଳରେ ସର୍ବାଧିକ ନିଆଁ ଲାଗିଥାଏ। ଏହା ସହ କୋରାପୁଟ ସର୍କଲ, ସମ୍ବଲପୁର ସର୍କଲ, ରେଙ୍ଗାଲି ରେଞ୍ଜ, କୁଚିଣ୍ଡା ରେଞ୍ଜ, ବେଲପାହାଡ଼, ବରଗଡ଼, ଭବାନୀପାଟଣା ସର୍କଲ, ଅନୁଗୁଳ ସର୍କଲ, ତାଳଚେର ରେଞ୍ଜ ଏବଂ କେନ୍ଦ୍ରାପଡ଼ା ରେଞ୍ଜ ଆଦି ସ୍ଥାନରେ ନିଆଁ ଲାଗିଥିଲା।

**୩ୟରେ ଓଡ଼ିଶା**



## 'ଆବାସ' ସର୍ଭେ ଆରମ୍ଭ

ଭୁବନେଶ୍ୱର,(ପିପିଏସ୍):

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଆବାସ ସର୍ଭେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ହିତାଧିକାରୀ ଚୟନପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପିପିଲି ଜଗୁଆପୁର ପଞ୍ଚାୟତ ଅର୍ଜୁନ ସିଂହପୁରରେ ଆରମ୍ଭ ହୋଇଛି ଗ୍ରାମୀଣ ଆବାସ ସର୍ଭେ। ଆବାସ ପୋର୍ଟାଲର ବିଧିବଦ୍ଧ ଲଞ୍ଚ କରିଛନ୍ତି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ହିତାଧିକାରୀମାନେ ଆବାସ ପ୍ଲସ ମୋବାଇଲ୍ ଆପ୍ ଜରିଆରେ ଆବେଦନ କରିପାରିବେ। ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ହିତାଧିକାରୀ। ଏଥର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଯୋଗ୍ୟତା ମାପଦଣ୍ଡରେ କୋହଳ କରିଛନ୍ତି ସରକାର। ହିତାଧିକାରୀଙ୍କ ପରିବାରର ମାସିକ ଆୟସୀମା ୧୦ହଜାରରୁ ୧୫ ହଜାର କରାଯାଇଛି। ପରିବାରର ମାସିକ ଆୟ ୧୫ହଜାର ଟଙ୍କା ଥିଲେ ପିଏମ୍‌ଏୱାଇ ପାଇଁ ଯୋଗ୍ୟ ବିବେଚିତ ହେବେ। ଦୁଇଚକିଆ ଯାନ, ଫ୍ରିଜ, ଲ୍ୟାଣ୍ଡ ଫୋନ୍ ଥିଲେ ବି ଯୋଗ୍ୟ ବିବେଚିତ ହେବେ। ତେବେ ଦେଢ଼ରୁ ୨ ମାସ ଚାଲିବ ଆବାସ ସର୍ଭେ। ଆବେଦନକାରୀ ପଞ୍ଚାୟତଗୁଡ଼ିକରେ ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ କିମ୍ବା ଅନ୍‌ଲାଇନ୍‌ରେ ମଧ୍ୟ ଆବେଦନ କରିପାରିବେ। ଏଥିପାଇଁ ବିଭାଗ ପକ୍ଷରୁ ପଞ୍ଚାୟତ ଗୁଡ଼ିକରେ ପଲ୍ଲୀସଭା କରି ସଚେତନ କରାଯିବ। ପଞ୍ଚାୟତିରାଜ ମନ୍ତ୍ରୀ ୫ ଜଣ ହିତାଧିକାରୀଙ୍କୁ ଚୟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।





**ଆବେଦନ ପାଇଁ ଯୋଗ୍ୟତା**

- ▶ଆୟ ମାସିକ ୧୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ
- ▶ବାଇକ୍, ଫ୍ରିଜ୍ ଥିଲେ ବି କରିହେବ ଆବେଦନ
- ▶ଭିନ୍ନ ପୁଅ ବି କରିପାରିବେ ଆବେଦନ
- ▶ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ମହିଳା ବି କରିପାରିବେ ଆବେଦନ
- ▶ପୂର୍ବରୁ ଆବେଦନ କରିଥିବା ଆବେଦନକାରୀ ପୁଣି ଥରେ କରିପାରିବେ ଆବେଦନ

**ସପ୍ତାହାନ୍ତ ବିଚାର**

**ଟ୍ରମ୍ପଙ୍କଠାରୁ ଆଶା ଓ ଆଶଙ୍କା**

**ବାଟେଘାଟେ**



କଟକ ଜିଲ୍ଲାର ଶଙ୍ଖ ସଂଗଠନ
ନାହିଁ ଆଉ ଆଗଭଳି
ଶଙ୍ଖନେତା ସବୁ ଏକକୁ ଆରେକ
ହେଉଛନ୍ତି ଦଳାଦଳି
ଶଙ୍ଖରେ ବସିଛି ମେଳି
ଭଙ୍ଗା ସଂଗଠନ ଯୋଡ଼ିବା ପାଇଁକି
ରୁଷି ଖାଇଲେ ହାଉଳି
ରାଜାବଗିଚାରେ ମେଳି
ବଡ଼ ବଡ଼ ନେତା ଉଭାନ ହୋଇଲେ
ଅଲୋଡ଼ା ମାରିଲେ ତାଳି
ଦଳ ହେଲାଣି ପାତାଳି


-ରାହୀ

## ଫେବୃଆରୀ ୯ରେ ଦୁଲୁକିବ ବାରବାଟୀ

**୨ରେ ଅନ୍‌ଲାଇନ୍, ୫ ଓ ୬ରେ ଅଫ୍‌ଲାଇନ୍ ଟିକେଟ୍**

କଟକ,(ପିପିଏସ୍):

ଫେବୃଆରୀ ୯ରେ ଦୁଲୁକିବ ବାରବାଟୀ। ଐତିହାସିକ ବାରବାଟୀ ଷ୍ଟାଡିଅମ୍‌ରେ ଖେଳାଯିବ ଭାରତ ବନାମ ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍। ଏନେଇ ଷ୍ଟାଡିୟମ୍‌ରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା କ୍ରିକେଟ୍ ସଂଘଙ୍କ ମଧ୍ୟରେ ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଫେବୃଆରୀ ୨ରେ ଜୋମାଟୋ ଓ ପେଟିଏମରେ ଉପଲବ୍ଧ ହେବ ୪୦୦୦ ଅନ୍‌ଲାଇନ୍ ଟିକେଟ୍। ସେହିପରି ୫ ଓ ୬ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ ୧୯ହଜାରରୁ ୨୦,୦୦୦ ଅଫ୍‌ଲାଇନ୍ ଟିକେଟ ଉପଲବ୍ଧ ହେବ। ଅବଶିଷ୍ଟ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ପ୍ରଦାନ କରିବ ଓସିଏ। ଅଫ୍‌ଲାଇନ ଟିକେଟ୍ ବିକ୍ରି ସମୟରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ହେବ। ୪ଟି ବ୍ୟାରିକେଡ ମଧ୍ୟରେ ୬ଟି କାଉଣ୍ଟରରୁ କ୍ରିକେଟ୍ ଫ୍ୟାନ୍ସ ଟିକେଟ କିଣିବେ। ଏହାଛଡା ପ୍ରଥମ ଥର ପାଇଁ ଏଥର ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ଗୌରବ ଆଣିଥିବା ବ୍ୟକ୍ତିଙ୍କୁ ନେଇ ଲିଜେଣ୍ଡାରୀ ବକ୍ସର ଆୟୋଜନ କରାଯାଇଛି। ଉଭୟ ଉପର, ତଳ ବାଲିଯାତ୍ରା ପଡ଼ିଆ ଓ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଖୋଲିବ ଫ୍ୟାନ୍ କ୍ଲବ୍। ଯେଉଁଠି ଖେଳର ମଜା ସହ ସହର ଦହିବରା ଆଳୁଦମରୁ ଆରମ୍ଭ କରି ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇ ପାରିବେ ଫ୍ୟାନ୍ସ। ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମ୍ ଆସୁଥିବା ଦର୍ଶକଙ୍କ ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଗ୍ୟାଲେରୀରେ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ। ଏହାବ୍ୟତୀତ ଅଫଲାଇନ୍ ଟିକେଟ କିଣିବା ବେଳେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେନେଇ ସବୁ ବ୍ୟବସ୍ଥା କରାଯାଇଥିବା କହିଛନ୍ତି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ଅନ୍ୟପଟେ ଏହି ଏକଦିବସୀୟ ମ୍ୟାଚ୍‌କୁ କିପରି ସୁରକ୍ଷିତ ଭାବରେ ଆୟୋଜିତ କରାଯିବ ସେନେଇ ପୁଲିସ୍ କମିଶନରଙ୍କ ସମେତ ଡିସିପି, ଅଗ୍ନିଶମ ଅଧିକାରୀ ଷ୍ଟାଡିୟମ୍ ବୁଲି ସମୀକ୍ଷା କରିଛନ୍ତି। ମୋଟ୍ ୪୪,୦୦୦ ଦର୍ଶକ ମ୍ୟାଚ୍ ଦେଖିବାପାଇଁ ଷ୍ଟାଡିୟମ୍‌କୁ ପ୍ରବେଶ କରିବେ। ସେହି ସମୟରେ ସମସ୍ତ ଗ୍ୟାଲେରୀ, ଅତିଥିଙ୍କ ବସିବା ସ୍ଥାନ ଓ ଦର୍ଶକ କିପରି ଶୃଙ୍ଖଳିତ ଖେଳ ଉପଭୋଗର କରିବେ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ପୁଲିସ କମିଶନର ଓ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଉଭୟ ଷ୍ଟାଡିୟମ୍ ଭିତର ପାର୍ଶ୍ୱ ଓ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରାଯାଇଛି। ସେପଟେ ଆସନ୍ତା ୭ତାରିଖରେ ଉଭୟ ଟିମ୍ ଭୁବନେଶ୍ୱରରେ ପହଞ୍ଚିବେ। ଭୁବନେଶ୍ୱର ପହଞ୍ଚିବା ପରେ ଦୁଇ ଦଳ ମେ' ଫେୟାର ହୋଟେଲରେ ରହିବେ। ଏହାପରେ ୮ ତାରିଖରେ ଉଭୟ ଦଳ ଦୁଇଟି ପର୍ଯ୍ୟାୟରେ ବାରବାଟୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରିବେ।




**ଭାରତ-ଇଂଲଣ୍ଡ ଦିନିକିଆ**

ପ୍ରଜାତନ୍ତ୍ର ପ୍ରଚାର ସମିତି
ଆନୁକୂଲ୍ୟରେ
**ପ୍ରଜାତନ୍ତ୍ର ପାଠଚକ୍ର**
ସମୟ : ୨୫।୦୧।୨୦୨୫ ଶନିବାର ସନ୍ଧ୍ୟା ୬ଟା
ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ
ବିଷୟ : ଆତ୍ମନିର୍ଭର ଓଡ଼ିଶା
ସଭାପତି : ଶ୍ରୀ ରାଜୀବ ସାହୁ, ଚେୟାରମ୍ୟାନ୍, ଚାମ୍ବର ଅଫ୍ କମର୍ସ
ସମ୍ମାନିତ ବକ୍ତା : ଶ୍ରୀ ଜଗଦାନନ୍ଦ, ମାର୍ଗଦର୍ଶକ ସି.ୱାଇ.ଏସ୍.ଡି
: ଶ୍ରୀ ନଟବର ଖୁଣ୍ଟିଆ, ସ୍ତମ୍ଭକାର ଓ ସୁବକ୍ତା
*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*
ଆବାହକ : ଡାକ୍ତର ରବିରଞ୍ଜନ ସାହୁ, ମୋ:୯୪୩୭୩-୧୦୧୭୧, ଶ୍ରୀ ସନ୍ତୋଷ କୁମାର ପତି
// ନିବେଦକ // ଶ୍ରୀ ଭର୍ତ୍ତୃହରି ମହତାବ, ଅଧ୍ୟକ୍ଷ

# ଜାତୀୟ ପର୍ଯ୍ୟଟନ ଦିବସ




ପର୍ଯ୍ୟଟନର ବିକାଶରେ ଦେଶର ବିକାଶ ସମ୍ଭବ ହୋଇପାରିଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜାନୁଆରୀ ୨୫ରେ ଭାରତରେ 'ଜାତୀୟ ପର୍ଯ୍ୟଟନ ଦିବସ' ପାଳନ କରାଯାଇଥାଏ। ଭାରତରେ ପର୍ଯ୍ୟଟନର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ପ୍ରଦର୍ଶନ କରିବା ଏହି ଦିନ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତରେ ସାଂସ୍କୃତିକ, ଐତିହ୍ୟ, ଗ୍ରାମୀଣ, ପ୍ରକୃତି, ଶିକ୍ଷାଗତ, କ୍ରୀଡ଼ା, ଇକୋ-ଟୁରିଜମ ଇତ୍ୟାଦି ବିଭିନ୍ନ ପ୍ରକାରର ପର୍ଯ୍ୟଟନ ରହିଛି। ଭାରତର ବିବିଧତା ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ପ୍ରଦାନ କରିଥାଏ। ମସିହାରେ ଭାରତ ସରକାର ପର୍ଯ୍ୟଟନ କ୍ଷେତ୍ରର କାର୍ଯ୍ୟ ତଥା ବିକାଶର ଯତ୍ନ ନେବା ପାଇଁ ପର୍ଯ୍ୟଟନ ଏବଂ ଯୋଗାଯୋଗ ମନ୍ତ୍ରଣାଳୟ ଗଠନ କରିଥିଲେ। ସରକାର ଏନେଇ ଜାତୀୟ ପର୍ଯ୍ୟଟନ ଦିବସ ପାଳନ କରିବା ଆରମ୍ଭ କରିଥିଲେ। ପ୍ରତିବର୍ଷ ଭାରତକୁ ବିଶ୍ୱସ୍ତରର ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନ ପାଳନ କରାଯାଏ। ଏହି ଦିନ ପର୍ଯ୍ୟଟନ ଶିଳ୍ପରେ କାର୍ଯ୍ୟ କରୁଥିବା ହଜାର ହଜାର ଲୋକଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ଏହି ଦିନ ପର୍ଯ୍ୟଟକଙ୍କ ଅଭିଜ୍ଞତାକୁ ସୁଦୃଢ଼ କରୁଥିବା ସୁବିଧାଗୁଡ଼ିକର ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଥାଏ।

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବାର ଫାଇଦା



ରସୁଣର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡ଼ା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ। ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...

ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ।


ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ହଜମ ପ୍ରକ୍ରିୟାକୁ ମଜବୁତ କରେ- ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ। ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି କରେ- ଯଦି ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ, ତେବେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ନିଶ୍ଚିତ ରୂପେ ଖାଆନ୍ତୁ। ରସୁଣରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ, ଯେଉଁଥିପାଇଁ ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ।

# ଜାତୀୟ ଭୋଟର ଦିବସ



ଅଧିକ ଯୁବ ଭୋଟରଙ୍କୁ ରାଜନୈତିକ ପ୍ରକ୍ରିୟାରେ ଭାଗନେବାକୁ ଉତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ଜାନୁଆରୀ ୨୫କୁ 'ଜାତୀୟ ଭୋଟର ଦିବସ' ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ନିର୍ବାଚନ ଆୟୋଗର ମୂଳ ଦିବସ ପାଳନ ପାଇଁ ଏହା ୨୫ ଜାନୁଆରୀ ୨୦୧୧ରୁ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକ ଏଥିପାଇଁ ଆଇନ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରିଥିବା ନେଇ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅମ୍ବିକା ସୋନି ଗଣମାଧ୍ୟମକୁ କହିଥିଲେ। ବର୍ଷ ବୟସ ହାସଲ କରିଥିବା ନୂତନ ଭୋଟରଙ୍କୁ ନଜରରେ ରଖି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଆଗ୍ରହ ଦେଖାଉ ନ ଥିବାରୁ ସେ କହିଥିଲେ କେତେକ କ୍ଷେତ୍ରରେ ସେମାନଙ୍କ ନାମଲେଖା ସ୍ତର ୨୦ରୁ ୨୫ ପ୍ରତିଶତ କମ୍ ରହିଛି। ଏହି ସମସ୍ୟାର ଫଳପ୍ରଦ ମୁକାବିଲା ପାଇଁ ନିର୍ବାଚନ ଆୟୋଗ ଦେଶର ବିଭିନ୍ନ ମତଦାନ କେନ୍ଦ୍ରରେ ପ୍ରତିବର୍ଷ ଜାନୁଆରୀ ୧ରୁ ୧୮ ବର୍ଷ ବୟସ ହାସଲ କରିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହିପରି ଯୋଗ୍ୟ ଭୋଟରମାନେ ଠିକ୍ ସମୟରେ ନାମ ପଞ୍ଜୀକରଣ ଏବଂ ପ୍ରତିବର୍ଷ ଜାନୁଆରୀ ୨୫ରେ ସେମାନଙ୍କର ଇଲେକ୍ଟୋରାଲ ଫଟୋ ପରିଚୟ କାର୍ଡ (ଇପିସିଆଇ) ହସ୍ତାନ୍ତର କରାଯିବ ବୋଲି ସୋନି କହିଥିଲେ। ଏହି ପଦକ୍ଷେପ ଯୁବକମାନଙ୍କୁ ସଶକ୍ତୀକରଣ, ଗର୍ବ ଏବଂ ସେମାନଙ୍କ ଫ୍ରାଞ୍ଚାଇଜ୍ ଚଳାଇବା ପାଇଁ ପ୍ରେରଣା ଯୋଗାଇଥାଏ।

# କଣ୍ଠଶିଳ୍ପୀ ମୋନାଲି ଠାକୁର



ଲାଇଭ୍ କନସର୍ଟ ସମୟରେ ଅଣନିଶ୍ୱାସୀ ହୋଇପଡ଼ିବାରୁ ଡାକ୍ତରଖାନାରେ ଭର୍ତ୍ତି ହେଲେ କଣ୍ଠଶିଳ୍ପୀ ମୋନାଲି ଠାକୁର। ସେ ବର୍ତ୍ତମାନ ପଶ୍ଚିମବଙ୍ଗର କୁଚବେହାରରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ଜାନୁଆରି ୨୧ ତାରିଖ ସନ୍ଧ୍ୟାରେ କୁଚବେହାରସ୍ଥିତ ଦିନହାଟା ମହୋତ୍ସବରେ ମୋନାଲି ଠାକୁର ସଙ୍ଗୀତ ପରିବେଶଣ କରିଥିଲେ। ଫେସବୁକରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଦେଖାଯାଇଛି ଯେ, ଗାୟିକା ସଙ୍ଗୀତ ପରିବେଶଣ କରୁଥିବା ବେଳେ ହଠାତ୍ ଅଟକି ଯାଉଛନ୍ତି। ଅସୁସ୍ଥ ଅନୁଭବ କରୁଛି, ଆଗକୁ ଗୀତ ଗାଇପାରିବି ନାହିଁ ବୋଲି କହି ସେ ଆସିଥିବା ଶ୍ରୋତାଙ୍କୁ କ୍ଷମା ପ୍ରାର୍ଥନା କରୁଛନ୍ତି। ଏହା ପରେ ତାଙ୍କୁ ଡାକ୍ତରଖାନା ନିଆଯାଉଛି।

କୁହାଯାଉଛି ଯେ, ମୋନାଲିଙ୍କୁ ପ୍ରଥମେ ଦିନହାଟା ଉପ-ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ତା'ପରେ, ଗାୟିକାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଆଉ ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। କିଛି ସପ୍ତାହ ପୂର୍ବେ ମଧ୍ୟ ମୋନାଲି ଠାକୁର ଚର୍ଚ୍ଚାରେ ଥିଲେ। ଉପଯୁକ୍ତ ମଞ୍ଚ ବ୍ୟବସ୍ଥାର ଅଭାବ ଏବଂ ପରିଚାଳନାଗତ ତ୍ରୁଟି ଦର୍ଶାଇ ଗାୟିକା ହଠାତ୍ ବାରାଣସୀରେ ତାଙ୍କର କନସର୍ଟ ବନ୍ଦ କରିଦେଇଥିଲେ।

# ବିବାହ କ'ଣ ଆଉ କାହିଁକି କରାଯାଏ ?



ବିବାହ କ'ଣ ଆଉ କାହିଁକି କରାଯାଏ? ବିବାହ ପରେ କ'ଣ କରାଯିବା ଉଚିତ ଜାଣି ରଖନ୍ତୁ...

ବିବାହ ହେଉଛି ଦୁଇ(ମହିଳା-ପୁରୁଷ)ଙ୍କ ମଧ୍ୟରେ ଆଇନଗତ ଏବଂ ସାମାଜିକ ଭାବରେ ସ୍ୱୀକୃତିପ୍ରାପ୍ତ ଏକ ମିଳନ। ଏହା ଏକ ସାଂସ୍କୃତିକ ସାର୍ବଜନୀନ, କିନ୍ତୁ ବିବାହର ପରିଭାଷା ସଂସ୍କୃତି ଏବଂ ଧର୍ମ ଅନୁସାରେ ଭିନ୍ନ ହୋଇଥାଏ।

**କାହିଁକି ବିବାହ କରାଯାଏ ?**

ବିବାହ ଉଭୟ ପତି/ପତ୍ନୀ, ସେମାନଙ୍କ ପିଲା ଏବଂ ସେମାନଙ୍କ ଶାଶୁଘର ହେଉ କି ଶ୍ୱଶୁର ଘର ମଧ୍ୟରେ ଅଧିକାର ଏବଂ କର୍ତ୍ତବ୍ୟ ସ୍ଥାପନ କରେ।

ବିବାହ ପରିବାର ପ୍ରତିଷ୍ଠା ସହିତ ଘନିଷ୍ଠ ଭାବରେ ଜଡିତ। ଏହା ପୁରୁଷ ଏବଂ ମହିଳାଙ୍କୁ ସନ୍ତାନ ଜନ୍ମ କରିବା ଏବଂ ଏକ ପରିବାର ଗଠନ କରିବାକୁ ଅନୁମତି ଦିଏ।

**ସାମାଜିକ ଏବଂ ବ୍ୟକ୍ତିଗତ କାର୍ଯ୍ୟ**

ବିବାହ ଅନେକ ମୌଳିକ ସାମାଜିକ ଏବଂ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଗଠନ ପ୍ରଦାନ କରେ। ଯେପରିକି ଯୌନ ସନ୍ତୋଷ, ଆର୍ଥିକ ଉତ୍ପାଦନ ଏବଂ ସାଥୀ।

ପ୍ରଜନନ:ବିବାହ ହେଉଛି ସନ୍ତାନ ଜନ୍ମ, ପିଲାମାନଙ୍କର ଯତ୍ନ ନେବା ଏବଂ ବଂଶର ରେଖାକୁ ନିୟନ୍ତ୍ରଣ କରିବାର ଏକ ପ୍ରାଥମିକ ଉପାୟ।

ବିବାହର ପ୍ରକାର ଭେଦ

ବ୍ୟବସ୍ଥାପିତ ବିବାହ, ବାଲ୍ୟ ବିବାହ, ବହୁବିବାହ, ବଳପୂର୍ବକ ବିବାହ, ବିନିମୟ ବିବାହ, ଗୋଷ୍ଠୀ ବିବାହ, ବହୁପତ୍ନୀ ବିବାହ ଏବଂ ବୃକ୍ଷ ବିବାହ।

ବିବାହ ପରେ କ'ଣ କରାଯିବା ଉଚିତ୍

ସୁସଙ୍ଗତତା: ଏକ ବିବାହ ସଫଳ ହେବା ପାଇଁ, ଦୁଇ ବ୍ୟକ୍ତିଙ୍କ ପାଇଁ ସୁସଙ୍ଗତ ହେବା ଗୁରୁତ୍ୱପୂର୍ଣ୍ଣ। ଯଦି ଦୁଇ ଜଣଙ୍କର ମୂଲ୍ୟବୋଧ, ଲକ୍ଷ୍ୟ କିମ୍ବା ଆଗ୍ରହ ବହୁତ ଭିନ୍ନ ଥାଏ, ତେବେ ସେମାନଙ୍କ ପାଇଁ ଏକ ଦୃଢ଼ ଏବଂ ସ୍ଥାୟୀ ସମ୍ପର୍କ ଗଠନ କରିବା କଷ୍ଟକର ହୋଇପାରେ।

ସମ୍ପର୍କ ସମସ୍ୟା: ପ୍ରତ୍ୟେକ ସମ୍ପର୍କରେ ନିଜର ଚ୍ୟାଲେଞ୍ଜ ଥାଏ, ଏବଂ ବିବାହ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ। ଯଦି କୌଣସି ଦମ୍ପତିଙ୍କ ସମ୍ପର୍କରେ ପୂର୍ବରୁ ସମସ୍ୟା ରହିଛି, ଯେପରିକି ଯୋଗାଯୋଗ ସମସ୍ୟା କିମ୍ବା ବିଶ୍ୱାସ ସମସ୍ୟା, ତେବେ ବିବାହ କରିବା ସେହି ସମସ୍ୟାଗୁଡ଼ିକର ସମାଧାନ କରି ନ ପାରେ ଏବଂ ସେମାନଙ୍କୁ ଆହୁରି ଖରାପ କରିପାରେ।

ସାମାଜିକ ଆଶା: କିଛି କ୍ଷେତ୍ରରେ, ବ୍ୟକ୍ତିମାନେ ସେମାନଙ୍କ ପରିବାର, ବନ୍ଧୁ କିମ୍ବା ସମାଜରୁ ବିବାହ କରିବା ପାଇଁ ଚାପ ଅନୁଭବ କରିପାରନ୍ତି। ଯଦି ସେମାନେ ବିବାହ ପାଇଁ ପ୍ରସ୍ତୁତ ନୁହନ୍ତି କିମ୍ବା ବିବାହ କରିବାକୁ ଚାହାନ୍ତି ନାହିଁ, ତେବେ ଏହି ଚାପ ଚାପପୂର୍ଣ୍ଣ ଏବଂ ମୁକାବିଲା କରିବା କଷ୍ଟକର ହୋଇପାରେ।

ଆର୍ଥିକ ବିଚାର: ବିବାହ ମହଙ୍ଗା ହୋଇପାରେ, ବିଶେଷକରି ଯଦି ଜଣେ ଦମ୍ପତି ଏକ ବଡ଼ ବିବାହ କରିବାକୁ କିମ୍ବା ଏକ ନୂତନ ଘରକୁ ଯିବାକୁ ନିଷ୍ପତ୍ତି ନିଅନ୍ତି। କିଛି ବ୍ୟକ୍ତିଙ୍କ ପାଇଁ, ବିବାହର ଖର୍ଚ୍ଚ ମୂଲ୍ୟହୀନ ହୋଇପାରେ, ବିଶେଷକରି ଯଦି ସେମାନେ ସେମାନଙ୍କର ବର୍ତ୍ତମାନର ଆର୍ଥିକ ପରିସ୍ଥିତିରେ ଖୁସି ଅଛନ୍ତି ତେବେ ସଂସାର ଗାଡ଼ି ଭଲରେ ଚାଲିଥାଏ।

# ଆଜିର ରାଶିଫଳ

ମେଷ: ଜୀବନସାଥୀ ସହ କେ ?ଣସି ଧର୍ମାନୁଷ୍ଠାନକୁ ଯିବେ। କ୍ଷୁଦ୍ରଉଦ୍ୟୋଗୀଙ୍କୁ ଯଥେଷ୍ଟ ଲାଭ ହେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ଲାଭ ମିଳିବ। ପୂର୍ବ କଥା ଦାମ୍ପତ୍ୟ ଜୀବନକୁ ମଧୁର କରିବ।

ବୃଷ: ଜରୁରୀ କାମ ବ୍ୟବସ୍ଥିତ କରିବା ପାଇଁ ଅଧିକ ପରିଶ୍ରମ କରିବେ। ବ୍ୟବସାୟୀଙ୍କ ପାଇଁ ଦିନଟି ବହୁତ ଭଲ। ଜୀବନସାଥୀଙ୍କର ସ୍ନେହ ଆଦର ପାଇବେ। ଶିକ୍ଷାର୍ଥୀଙ୍କର ମନ ପାଠପଢ଼ାରେ ଲାଗି ରହିବ।

ମିଥୁନ: କାରବାର ବୃଦ୍ଧି ପାଇଁ ଉପାୟ ଫଳପ୍ରଦ ହେବ। ଧନଲାଭ ହେବା ଯୋଗୁଁ ଖର୍ଚ୍ଚ ଭରଣା କରିବା ସହଜ ହେବ। ଘରକୁ ନୂଆ ବନ୍ଧୁ ଆସିବେ। କଳାକାରଙ୍କୁ ଲାଭ ମିଳିବା ଯୋଗ ଅଛି।

କର୍କଟ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। କାରବାରରେ ଧନଲାଭ ହେବ। କେ ?ଣସି ଲୋକଙ୍କ ସହିତ ନୂଆ ଯୋଜନା ଉପରେ କଥା ହେବେ। ବିବାହିତ ବାହାରକୁ ବୁଲି ଯିବେ।

ସିଂହ: ଆପଣଙ୍କ ଯୋଗ୍ୟତା ଅନୁସାରେ ଆପଣଙ୍କୁ ପରିଣାମ ମିଳିବ। ବେ ?ବାହିକ ଜୀବନ ସୁଖକର ହେବ। ବେକାରଙ୍କୁ ନୂଆ ଚାକିରିର ସୁଯୋଗ ମିଳିବ। ନୂଆ କାର୍ କିଣିବା ଲାଗି ଆଗ୍ରହ ବଢ଼ିବ।

କନ୍ୟା: ଆପଣଙ୍କର ନୂଆ ଶକ୍ତିକୁ ପ୍ରୟୋଗରେ ଲଗାନ୍ତୁ। ଧନଲାଭର ନୂଆ ରାସ୍ତା ଖୋଲିବ। ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। ଜୀବନସାଥୀର ପ୍ରେମ ଓ ସୁଖ ପାଇବେ।

ତୁଳା: ପୂର୍ବରୁ ପ୍ରୟାସ କରି ଆସୁଥିବା କାମରେ ଆପଣଙ୍କୁ ଲାଭ ମିଳିପାରେ। ଆପଣଙ୍କ ସକାରାତ୍ମକ ବିଚାରରେ ଲୋକେ ପ୍ରଭାବିତ ହେବେ। ରାଜନୀତିରେ କିଛି ଆଶା ପୂରଣ ହେବ। ପ୍ରେମ ଜୀବନ ମଧୁର ହେବ।

ବିଛା: ପୂର୍ବ କଥା ପସୋରି ନୂଆ କାମ ଆରମ୍ଭ କରନ୍ତୁ। ବ୍ୟବସାୟରେ ଯଥେଷ୍ଟ ଲାଭ ପାଇବେ। ଋଣ ପରିଶୋଧ କରିବେ। ଓକିଲ ପୁରୁଣା ମକଦ୍ଦମାରେ ଜିତିବେ। ଛାତ୍ରଙ୍କ ଲାଗି ଦିନଟି ଭଲ।

ଧନୁ: ଆପଣଙ୍କର ଧ୍ୟାନ ଆଧ୍ୟାତ୍ମିକ ଆଡ଼କୁ ଅଧିକ ରହିବ। ପ୍ରତିଟି କାମରେ ନିଜକୁ ଯୋଗ୍ୟ ପ୍ରମାଣିତ କରିବେ। ବନ୍ଧୁ ଆପଣଙ୍କୁ ବଧାଇ ଦେବା ପାଇଁ ଘରକୁ ଆସିବେ। ଦାମ୍ପତ୍ୟ ଜୀବନ ପ୍ରୀତିମୟ ହେବ।

ମକର: ସାରାଦିନ କାମରେ ବ୍ୟସ୍ତ ରହିବେ। ଶାନ୍ତ ରହି ବିବାଦକୁ ସମାଧାନ କରନ୍ତୁ। ଭାଗୀଦାରି କାରବାରରେ ଲାଭ ପାଇବେ। ଯେଉଁମାନେ ପ୍ରେମ କରୁଛନ୍ତି ସେମାନେ ମନର କଥା ସାଥୀଙ୍କୁ କହିବେ।

କୁମ୍ଭ: ପୂର୍ବରୁ ଲାଗି ରହିଥିବା ଚିନ୍ତା ଦୂର ହେବ। ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ବ୍ୟବସାୟରେ ଲାଭ ହେବ। ଡ଼ାକ୍ତରୀ ଛାତ୍ରଙ୍କୁ ବଡ଼ ଡ଼ାକ୍ତରଙ୍କ ସହ କାମ କରିବାର ଅବସର ମିଳିବ।

ମୀନ: କାମରେ ବ୍ୟସ୍ତ ରହିବା ସତ୍ତ୍ୱେ ସନ୍ଧ୍ୟାରେ ପରିବାର ସହ ସମୟ ଅତିବାହିତ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଭୋଜନ କରିବେ। କଳା କ୍ଷେତ୍ରରେ ଥିବା ବ୍ୟକ୍ତିମାନଙ୍କୁ ସଫଳତା ମିଳିପାରେ।

# କଞ୍ଚା କ୍ଷୀର ପିଉଛନ୍ତି କି ?



ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟରେ ଅନେକ ପ୍ରକାର ଭିଟାମିନ ଓ ମିନେରାଲ ରହିଛି, ଯାହା ଆମ ଶରୀର ପାଇଁ ଆବଶ୍ୟକ। ତେବେ ଆମେ ଏଗୁଡ଼ିକୁ କେମିତି ଖାଇବା କଥା, ତାହା ମଧ୍ୟ ଜାଣି ରଖିବା ଉଚିତ। କେତେକ ଲୋକ କହନ୍ତି ଯେ ସେମାନେ କଞ୍ଚା କ୍ଷୀର ପିଅନ୍ତି। ସେମାନେ ଯୁକ୍ତି କରନ୍ତି ଯେ କ୍ଷୀରକୁ କଞ୍ଚା ପିଇବା ଦ୍ୱାରା ସେଥିରେ ଥିବା ସମସ୍ତ ଭିଟାମିନ ଶରୀରକୁ ଯାଇଥାଏ। କ୍ଷୀରକୁ ଗରମ କରି ଦେଲେ ସେଥିରେ ଥିବା କିଛି ଭିଟାମିନ ନଷ୍ଟ ହୋଇଯାଏ। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କଞ୍ଚା କ୍ଷିର ନପିଇବାକୁ ପରାମର୍ଶ ଦେଉଛନ୍ତି। କଞ୍ଚା କ୍ଷୀର ଶରୀର ପାଇଁ ହାନିକାରକ ହୋଇପାରେ ବୋଲି ସେମାନେ କହୁଛନ୍ତି। ଆମେରିକାର ଫୁଡ୍ ଡ୍ରଗ୍ ଆଣ୍ଡ ଆଡମିନିଷ୍ଟ୍ରେସନ (ଏଫ୍ଡିଏ) ସମେତ ଆଉ କିଛି ସଂସ୍ଥା କରିଥିବା ଗବେଷଣାରୁ ଜଣାପଡ଼ିଛି ଯେ କଞ୍ଚା କ୍ଷୀରରେ ପ୍ରୋବାୟୋଟିକ୍ସ ନଥାଏ। ବରଂ ଏଥିରେ ଏମିତି କିଛି ଉପାଦାନ ଥାଏ, ଯେଉଁଗୁଡ଼ିକ ଶରୀର ପାଇଁ କ୍ଷତିକାରକ ହୋଇଥାଏ। କଞ୍ଚା କ୍ଷୀରରେ ଋ.ମକ୍ଟକ୍ଷସ, ଉକ୍ଟକ୍ଷସଲକ୍ଟକ୍ସଙ୍କ ଭବମସ୍ପରକ୍ସବ, ଝବକ୍ଷଙ୍କକ୍ଟଭରକ୍ଷକ୍ଷବ, ଖସସ୍ୱସ୍ପରକ୍ସବ ଓ ଝସ୍ପବକ୍ଟକ୍ରଛ-କ୍ଷକ୍ଟମକ୍ଟମମଙ୍କସ୍ୱ ସମେତ ଆଉ କିଛି ବ୍ୟାକ୍ଟେରିଆ ଥାଆନ୍ତି, ଯେଉଁଗୁଡ଼ିକ ଆମ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ତେଣୁ କ୍ଷୀରକୁ ସ୍ୱାସ୍ଥ୍ୟ ଉପଯୋଗୀ କରିବାକୁ ହେଲେ ସେଥିରେ ଥିବା ଏହିଭଳି ବ୍ୟାକ୍ଟେରିଆଗୁଡ଼ିକୁ ପ୍ରଥମେ ନଷ୍ଟ କରିବାକୁ ପଡ଼ିବ। ସେଥିପାଇଁ କ୍ଷୀରକୁ ପିଇବା ପୂର୍ବରୁ ଗରମ କରିବା ନିହାତି ଆବଶ୍ୟକ। ଋ.ମକ୍ଟକ୍ଷସ ବ୍ୟାକ୍ଟେରିଆ ୟୁରିନ ଇନଫେକ୍ସନ କରେ। ସେହିଭଳି ଝବକ୍ଷଙ୍କକ୍ଟଭରକ୍ଷକ୍ଷବ ଫୁଡ୍ ପଏଜନିଂ ଓ ଟାଇଫଏଡ୍ କରିଥାଏ। ଖସସ୍ୱସ୍ପରକ୍ସବ ଦ୍ୱାରା ଖସସ୍ୱସ୍ପରକ୍ସସକ୍ଟସ୍ୱସସ୍ୱ ଇନଫେକ୍ସନ ହୋଇଥାଏ, ଯାହାର ଲକ୍ଷଣଗୁଡ଼ିକ ମଧ୍ୟରେ ରହିଛି ଜ୍ୱର, ବାନ୍ତି, ଝାଡ଼ା ଓ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବ। ସେହିଭଳି ଝସ୍ପବକ୍ଟକ୍ରଛ-କ୍ଷକ୍ଟମକ୍ଟମମଙ୍କସ୍ୱ ଫୁଡ୍ ପଏଜନିଂ, ଝାଡ଼ାବାନ୍ତି ଓ ଗ୍ୟାସଟ୍ରାଇଟିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।

# 'ଟମାଟୋ ରସମ୍'

**ଆବଶ୍ୟକ ସାମଗ୍ରୀ :** ଟମାଟୋ, ତେନ୍ତୁଳି, ଶୁଖିଲା ଲଙ୍କା, ଧନିଆ ପତ୍ର, ହେଙ୍ଗୁ, ପଞ୍ଚଫୁଟଣ, ଭୃସଙ୍ଗ ପତ୍ର, ରସୁଣ, ଲୁଣ, ହଳଦୀ ଓ ଗୋଲମରିଚ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ତେନ୍ତୁଳିକୁ ପାଣିରେ କିଛି ସମୟ ଭିଜାଇ ଦିଅନ୍ତୁ। ଏହାପରେ ତେନ୍ତୁଳି ବାହାର କରି ପାଣିକୁ ଅଲଗା କରି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଅଳ୍ପ ସୋରିଷ, ଭୃସଙ୍ଗପତ୍ର ଓ ହେଙ୍ଗୁ ପକାନ୍ତୁ।ଏହାପରେ ଛୋଟ ଛୋଟ ଖଣ୍ଡରେ କଟାଯାଇଥିବା ଟମାଟୋକୁ ଏଥିରେ ପକାଇ ନରମ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଟମାଟୋ ଟିକେ ନରମ ହୋଇ ଆସିଲେ ସେଥିରେ ହଳଦୀ, ରସୁଣ(ଗୋଟା ପକାଇପାରିବେ ଅବା ଛୋଟ ଛୋଟ ଖଣ୍ଡ କରି ପକାଇପାରିବେ) । ଏହାପରେ ଗୋଲମରିଚ ଓ ଜିରା ଗୁଣ୍ଡ ପକାଇ ଘାଣ୍ଟନ୍ତୁ। ତା'ପରେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ତେନ୍ତୁଳି ପାଣିକୁ ଏଥିରେ ପକାନ୍ତୁ। ଏହାପରେ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାକୁ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଫୁଟିବାର କିଛି ସମୟ ପରେ ଏଥିରେ ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଟମାଟୋ ରସମ୍।







# ରାଜ୍ୟ ପ୍ରଜାତନ୍ତ୍ର

୨୫-୦୧-୨୦୨୫ ପୃଷ୍ଠା:୩


# ‘ଉତ୍କର୍ଷ ଓଡ଼ିଶା’ କନ୍‌କ୍ଲେଭରେ ଯୋଗଦେବେ ୧୨ ଦେଶର ପୁଞ୍ଜିପତି

**ଭୁବନେଶ୍ୱର, (ପିପିଏସ୍):**

ଚଳିତବର୍ଷ ‘ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା’ କନ୍‌କ୍ଲେଭରେ ୫ହଜାରରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କନକ୍ଲେଭକୁ ଉଦଘାଟନ କରିବେ। ୧୨ଟି ରାଷ୍ଟ୍ରର ପୁଞ୍ଜିନିବେଶକଙ୍କ ସମେତ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୧୦୦ କମ୍ପାନୀର ପ୍ରତିନିଧି ମଧ୍ୟ ଏହି କନକ୍ଲେଭରେ ସାମିଲ ହେବେ। ଏହି ଦୁଇଦିନିଆ ସମ୍ମିଳନୀ ଆନୁଷ୍ଠାନିକ ଭାବେ ଜାନୁୟାରୀ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦଘାଟିତ ହେବ।

ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ରାଜ୍ୟ ସରକାର ଚଳିତବର୍ଷ ‘ଉତ୍କର୍ଷ ଓଡ଼ିଶା’ କନକ୍ଲେଭରେ ଯୋଗ ଦେବା ପାଇଁ ଫର୍ଚ୍ୟୁନ୍ ତାଲିକାରେ ସାମିଲ ୪୦୦କମ୍ପାନୀ ମଧ୍ୟରୁ ୧୦୦କମ୍ପାନୀକୁ ନିମନ୍ତ୍ରଣ କରିଛନ୍ତି। ଏହି କନକ୍ଲେଭରେ ଦେଶର ପ୍ରମୁଖ ନିବେଶକ ଓ ଶିଳ୍ପପତିଙ୍କ ସମେତ ୧୨ଟି ରାଷ୍ଟ୍ର ଯଥା-ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, କ୍ୟୁବା ଓ ହଲାଣ୍ଡ ପ୍ରମୁଖ ଦେଶର ନିବେଶକ,ରାଷ୍ଟ୍ରଦୂତ ଓ ପ୍ରତିନିଧିମାନେ ଯୋଗ ଦେବେ। ଏହି ସବୁ ଦେଶ ‘କଂଟ୍ରି ଅଫ ଫୋକସ୍?’ ରହିବାକୁ ନିମନ୍ତ୍ରଣ କରାଯାଇଛି । ଚଳିତ ଥର କନକ୍ଲେଭରେ ଆଇଟି,ଅକ୍ଷୟ ଶକ୍ତି, ବୟନଶିଳ୍ପ, କେମିକାଲସ, ଫୁଡ ପ୍ରୋସେସିଂ ଭଳି ୫ଟି କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦିଆଯିବାକୁ ନିଷ୍ପତ୍ତି ହୋଇଛି।

୨୭ ତାରିଖରେ ପ୍ରାକ୍ ଉତ୍କର୍ଷ ଓଡ଼ିଶା କନକ୍ଲେଭର ଅଂଶ ସ୍ୱରୂପ ସିଆଇଆଇ ନ୍ୟାସନାଲ କାଉନସିଲର ୫ଟି ଅଧିବେଶନ ଆୟୋଜିତ ହେବ। ଯେଉଁଥିରେ ସିଆଇଆଇ ନ୍ୟାସନାଲ କାଉନସିଲର ୨୦୦ ସଦସ୍ୟ ଯୋଗ ଦେବେ। ସେହିପରି ୨୮ତାରିଖ ପୂର୍ବାହ୍ନରେ ଉତ୍କର୍ଷ ଓଡ଼ିଶା କନକ୍ଲେଭକୁ ଆନୁଷ୍ଠାନିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କନକ୍ଲେଭରେ ମୋଟ ୧୫ଟି ସ୍ୱତନ୍ତ୍ର ଅଧିବେଶନ ହେବ। ପ୍ରଥମ ଦିନରେ ୫ଟି ଓ ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଅନୁଷ୍ଠିତ ହେବ।






ଜନତା ମୈଦାନରେ ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ କାର୍ଯ୍ୟକ୍ରମର ପ୍ରସ୍ତୁତି ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ (ଫଟୋ- ପ୍ରଜାତନ୍ତ୍ର)

## ସାଧାରଣତନ୍ତ୍ର ଦିବସରେ ଯୋଗଦେବେ ମତ୍ସ୍ୟଜୀବୀ ପ୍ରସନ୍ନ

# ନିମନ୍ତ୍ରଣ ପଠାଇଲେ ରାଷ୍ଟ୍ରପତି

**ଅସ୍ତରଙ୍ଗ (ପିପିଏସ୍):**



୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପଲ୍ଲୀଠାରୁ ଦିଲ୍ଲୀ ଯାଏଁ ଜୋରଦାର ପ୍ରସ୍ତୁତି ଚାଲିଛି। ରାଷ୍ଟ୍ରପତି ଭବନ ରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହେବ, ଯେଉଁଥିରେ ମତ୍ସ୍ୟଜୀବି ନେତା ପ୍ରଶନ୍ନ ବେହେରା ଯୋଗଦେବା ପାଇଁ ନୂଆ ଦିଲ୍ଲୀ ଯିବେ। ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ରେ ଯୋଗଦେବେ। ଏ ନେଇ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପ୍ରଶନ୍ନଙ୍କୁ ନିମନ୍ତ୍ରଣ କରିଛନ୍ତି।

ସାଧାରଣତନ୍ତ୍ର ଦିବସରେ ଆସିଥିବା ଅତିଥିଙ୍କଠାରୁ ଆରମ୍ଭ କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଂଚାୟତ ଅଧୀନ ନଗର ଗ୍ରାମର ପ୍ରଶ୍ନନ ବେହେରା ମତ୍ସ୍ୟଜୀବି ନେତା ହିସାବରେ ଡାକରା ଦିଲ୍ଲୀରୁ ଆସିଛି। ଏହି କାର୍ଯ୍ୟକ୍ରମ ରେ ଖାଦ୍ୟପେକ୍ଷର ବନ୍ଦବୋସ୍ତ କରାଯାଇଥାଏ। ଆମନ୍ତ୍ରିତ ଅତିଥି ସିଧାସଳଖ ଭାବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସହ ସାକ୍ଷାତ କରିଥାନ୍ତି। ସେଥିପାଇଁ କେନ୍ଦ୍ର ସରକାର ଏବେ ନିମନ୍ତ୍ରଣ ପତ୍ର ପଠାଇଛନ୍ତି। ଆୟୋଜିତ ହେବାକୁ ଥିବା ଭବ୍ୟ ସମାରୋହରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ର ପାଇଛନ୍ତି। ତାଙ୍କୁ ରାଷ୍ଟ୍ରପତି ଭବନରୁ ଏହି ନିମନ୍ତ୍ରଣ ପତ୍ର ମିଳିଛି। ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପତ୍ର ମିଳିବା ନେଇ ମତ୍ସ୍ୟଜୀବି ନେତା ପ୍ରଶ୍ନନ ବେହେରା ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ଭବନ ପକ୍ଷରୁ ପଠାଯାଇଥିବା ନିମନ୍ତ୍ରଣପତ୍ର ଗ୍ରହଣ କରି ମୁଁ ଖୁସି ଅନୁଭବ କରୁଛି।

# ସତ କହିଦେଲେ ଅରୁଣ !

## ପାଣ୍ଡିଆନ୍ ଟିମ୍‌କୁ ଖୋଲା ଚ୍ୟାଲେଞ୍ଜ

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ ବିଜେଡିର ୨୪ବର୍ଷର ଶାସନର ଅନ୍ତ କାହିଁକି ହେଲା ? ଲୋକସଭାରେ ଦଳ କାହିଁକି ଗୋଟିଏ ବି ସିଟ୍ ହାତେଇପାରିଲା ନାହିଁ ? ଏସବୁ ପାଇଁ କେଉଁ ସବୁ ଫ୍ୟାକ୍ଟର ଦାୟୀ, ତା’ର କାରଣ ସିନା ବିଜେଡି ଏପର୍ଯ୍ୟନ୍ତ ଖୋଜିବାକୁ ସାହାସ ଜୁଟାଇ ପାରିନି ସତ। କିନ୍ତୁ ଦଳର ପ୍ରଭାବଶାଳୀ ନେତା ଅରୁଣ ସାହୁ ଦଳର ବିପର୍ଯ୍ୟୟର କାରଣ ଓ ପେଡ଼ି ଖୋଲିବା ସହ କେଉଁମାନେ ଦାୟୀ ତାହା ବି ଦଳୀୟ କର୍ମୀଙ୍କ ଆଗରେ ରଖିବାକୁ ପଛାଇ ନାହାନ୍ତି । ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ଫଳାଫଳର ପ୍ରାୟ ୮ମାସ ବିତିଯିବା ପରେ ମଧ୍ୟ ବିଜେଡି ନିଜର ପରାଜୟର ସମୀକ୍ଷା କରିବାକୁ ଆଗ୍ରହ ଦେଖାଇନାହିଁ । ଦୀର୍ଘବର୍ଷ ଧରି ଦଳ ପାଇଁ କଠିନ ପରିଶ୍ରମ କରି ସଂଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିଥିବା ନେତାମାନେ ଦଳର ଏଭଳି ଅପ୍ରତ୍ୟାଶିତ ବିପର୍ଯ୍ୟୟକୁ ନେଇ ଆକ୍ରୋଶ ଓ ଅସନ୍ତୋଷ ମଧ୍ୟ ଦେଇ ଗତି କରୁଛନ୍ତି । ପଂଚାୟତଠୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଦଳୀୟ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ଚରମସୀମାରେ ପହଂଚିଲାଣି । ମାତ୍ର ଏସବୁକୁ ପ୍ରଶମିତ କରି ଦଳକୁ ଠିକଣା ବାଟରେ ନେବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଗଭର ହେବା ତ ଦୂରର କଥା ଏବେ ନିଜର ପୁରୁଣା ଫର୍ମକୁ ଫେରି ଦଳୀୟ ନେତାମାନଙ୍କଠୁ ମାତ୍ରାଧିକ ଦୂରତ୍ୱ ଅବଲମ୍ବନ କରିବାରେ ଲାଗିଲେଣି ।



ଆଉ ଖାସ୍ ଏହି କାରଣରୁ ଦଳ ଏବେ ଦିଶାହୀନ ହୋଇ ତୀବ୍ର ଗୋଷ୍ଠୀକନ୍ଦଳ ଓ ଅସନ୍ତୋଷ ଆଡ଼କୁ ମୁହାଁଇବାରେ ଲାଗିଛି । ଦଳର ‘କ୍ରାଇସିସ୍ ମ୍ୟାନେଜର’ ତ ଦୂରର କଥା ଦଳୀୟ କର୍ମୀ ଓ ନେତାମାନଙ୍କୁ କିଏ ଭରସା ଦେବ ଏବଂ ସେମାନେ କାହାକୁ ବିଶ୍ୱାସ କରି ତୃଣମୂଳସ୍ତରରେ ସାଂଗଠନିକ କାର୍ଯ୍ୟକୁ ଆଗେଇ ନେବେ ସେଭଳି ଚେହେରା ମଧ୍ୟ ଆଗକୁ ଆଣିବାରେ ବିଜେଡି ସୁପ୍ରିମୋ ବିଫଳ ହୋଇଛନ୍ତି । ଦୀର୍ଘ ୮ମାସ ଧରି ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ରଙ୍କୁ ଆଗରେ ରଖି ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ଯେଉଁ ଗୋଟିଚାଳନା କରୁଛନ୍ତି ତାହା ବି ଏବେ ଫେଲ୍ ମାରିବାରେ ଲାଗିଛି । ବିଜେଡିର ନେତାମାନେ କୌଣସି ପରିସ୍ଥିତିରେ ‘ପାଣ୍ଡିଆନ ଓ ତାଙ୍କ ଟିମ’କୁ ହଜମ କରିବା ମୁଡରେ ନାହାନ୍ତି । ମାତ୍ର ନବୀନଙ୍କ ଅପାରଗତା ଓ ଅନାଗ୍ରହ ଯୋଗୁ ସଂଗଠନର ଅଘୋଷିତ ମୁଖିଆ ହୋଇ ଏବେ ପୁଣିଥରେ ପାଣ୍ଡିଆନ ମାତ୍ରାଧିକ ସକ୍ରିୟ ହୋଇଛନ୍ତି। ଯାହାକୁ ଖୋଲାଖୋଲି ବିରୋଧ କରିଛନ୍ତି ଅରୁଣଙ୍କ ଭଳି ନେତାମାନେ। ରାୟଗଡ଼ାରେ ଏକ ଦଳୀୟ କର୍ମକର୍ତ୍ତା ସମ୍ମିଳନୀରେ ଅରୁଣ ଯେଉଁସବୁ ମତ ଓ ମନ୍ତବ୍ୟ ରଖିଛନ୍ତି ତାହା ହିଁ ଖୋଲାଖୋଲି ଭାବେ ‘ପାଣ୍ଡିଆନ ଓ ତାଙ୍କ ଟିମ୍’ର ହାକିମାତି ଆଡ଼କୁ ଇଙ୍ଗିତ କରିଛି। ସେମାନଙ୍କ ଅହଙ୍କାର ଯୋଗୁ କିଭଳି ଦଳ ହାରିଲା ତା’ର ମଧ୍ୟ ଉଦାହରଣ ଦେଇଛନ୍ତି । ଅରୁଣ କହିଛନ୍ତି ଯେ ଦୀର୍ଘଦିନ ଧରି ଶାସନରେ ରହିବା ଯୋଗୁ ସରକାରୀ ଦଳ(ବିଜେଡି)ରେ ଅହଙ୍କାର କମ୍ ନଥିଲା । ଯେଉଁ ପଂଚାୟତରେ ସ୍ଥିତି ଖରାପ ଥିଲା ସେଠାରେ ମୋତେ କୁହାଗଲା ଆପଣ ମୁଣ୍ଡ ଖେଳାଇବା ଦରକାର ନାହିଁ। ଆପଣଙ୍କର ଯଦି ୮୦୦ ଭୋଟରୁ କମିଯିବ ଆମକୁ କହିବେ। ମୋତେ କିନ୍ତୁ ଜଳଜଳ ଦିଶୁଥିଲା ଯେ ୫୦୦-୬୦୦ ଭୋଟ୍ ବି ହେବନି। କିନ୍ତୁ ସେମାନେ କହିଲେ ଆପଣ ଚିନ୍ତା କରନ୍ତୁ ନାହିଁ, ସେଠି ମୁଁ କ’ଣ କରିପାରିଥାନ୍ତି ? ଶ୍ରୀ ସାହୁ ଏହି କଥା ନିଜ ନିର୍ବାଚନମଣ୍ଡଳୀର ସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଥିଲେ। ଆଉ ଏଭଳି ସ୍ଥିତି ତାଙ୍କ ସହ ହୋଇଥିବାରୁ ଅନ୍ୟ ନିର୍ବାଚନମଣ୍ଡଳୀରେ ବି ସେୟା ସେମାନେ କରିଥିବେ ବୋଲି ଶ୍ରୀ ସାହୁ ଏହି କର୍ମୀ ସମ୍ମିଳନୀରେ କହିବାକୁ ପଛାଇନଥିଲେ। ଏହାଦ୍ୱାରା ଶ୍ରୀ ସାହୁ ହିଁ ଖୋଲାଖୋଲି ଭାବେ ‘ପାଣ୍ଡିଆନ୍ ଓ ତାଙ୍କ ଟିମ୍’ କିଭଳି ହାକିମାତି କରୁଥିଲା ଓ ସ୍ଥାନୀୟ ନେତାମାନଙ୍କୁ ଗୁରୁତ୍ୱ ଦେଉନଥିଲା ତା’ର ପ୍ରମାଣ ଦେଇଛନ୍ତି । ଏହି ସଭାରେ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଏନ ଭାସ୍କର ରାଓ ମଧ୍ୟ ଟିକେଟ୍ ବଣ୍ଟନକୁ ନେଇ କିଭଳି ଅସନ୍ତୋଷ ବଢ଼ିଲା ଓ ତାହା ଜିଲ୍ଲାରେ ପରାଜୟର କାରଣ ସାଜିଲା ସେ କଥା ଖୋଲାଖୋଲି କହିଥିଲେ।

## ଆଇପିଏସ୍ ମୀନା ରାଜ୍ୟପାଳଙ୍କ ଏଡିସି

**ଭୁବନେଶ୍ୱର (ପିପିଏସ୍):**

ରାଜ୍ୟପାଳଙ୍କ ଏଡିସି ଭାବେ ୨୦୨୧ ବ୍ୟାଚ୍ ଆଇପିଏସ୍ କୁଳଦୀପ ମୀନାଙ୍କୁ ନିଯୁକ୍ତି ମିଳିଛି । ସେ ତାଙ୍କର ଏହି ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ପୂର୍ବ ରାଜ୍ୟପାଳ ରଘୁବର ଦାସଙ୍କ ସମୟରେ ୨୦୨୪ ମେ’ ମାସରୁ ଏଡିସି ଭାବେ ଲେଫଟନାଂଟ କମାଣ୍ଡର ନୀତିନ୍ ତ୍ରିପାଠୀ କାର୍ଯ୍ୟ କରୁଥିଲେ ।

ରାଜ୍ୟ ଗୃହ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧ ବ୍ୟାଚ୍ ଆଇପିଏସ୍ କୁଳଦୀପ ମୀନାଙ୍କୁ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତି ମିଳିଛି। ସେ ବୌଦ୍ଧ ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ସ୍ଥାନୀୟସ୍ତରରେ ରିଲିଭ୍ କରାଯିବା ପରେ ସେ ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଇଥିବା ଜଣାପଡ଼ିଛି।

ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ଜାନୁୟାରୀ ପ୍ରଥମ ସପ୍ତାହରେ ଓଡ଼ିଶାରେ ଯୋଗ ଦେବା ପରେ ଲେଫ୍ଟନାଂଟ କମାଣ୍ଡର ନୀତିନ ତ୍ରିପାଠୀଙ୍କୁ ହଟାଇ ଜଣେ ଆଇପିଏସ ଅଫିସରଙ୍କୁ ତାଙ୍କର ଏଡିସି(ଏଡ୍ -ଡେ-କ୍ୟାମ୍ପ) ଭାବେ ନିଯୁକ୍ତି ଦିଆଯାଇଛି।

# ସ୍କୁଲରେ ବ୍ୟାପିଲା ଝାଡ଼ାବାନ୍ତି: ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ

**ଡେନ୍ତୁଲିଖୁଣ୍ଟି :**

ନବରଙ୍ଗପୁର ଜିଲ୍ଲା ଡେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ଖାତିଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଝାଡାବାନ୍ତି ବ୍ୟାପିଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ଗୁରୁତର ୯ ଜଣ ଛାତ୍ରଛାତ୍ରୀଙ୍କୁ ଡେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା କରିଛି। ଏହାପରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ହୋଇଥିବା ବେଳେ ଆଜି ପୁଣି ୫ ଜଣ ଆକ୍ରାନ୍ତ ଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ ଖାତିଗୁଡା ଜବାହର ନବୋଦ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତକାଲି ମଧ୍ୟାହ୍ନରେ ଖାଇ ସାରିବା ପରେ ଶତାଧିକ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏମଏଚୟୁ ଟିମ୍‌ର ଡା. ଅମରେଶ ମହାନ୍ତି, ଡା. ଶୁଭେନ୍ଦୁ ବାଗ, ଭେଷଜକ ରଶ୍ମିତା ପଲେଇ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସ, ତପନ ରାଓ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଷମା ନାୟକ, ରନ୍‌ମଞ୍ଜୁରୀ ମହାଳି ନବୋଦୟ ବିଦ୍ୟାଳୟରେ ପହଂଚିଥିଲେ। ତେବେ ବିଦ୍ୟାଳୟର ୧୨୨ ଜଣ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଥି ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ୯ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠେଇ ଦିଆଯାଇଛି। ବର୍ତ୍ତମାନ ସମସ୍ତ ଛାତ୍ରଛାତ୍ରୀ ସୁସ୍ଥ ରହିଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଥିଲେ ହେଁ ଆଜି ପୁଣି ୫ ଜଣ ଆକ୍ରାନ୍ତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଆଗୁଆ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

ଝାଡ଼ାବାନ୍ତି କେଉଁ କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇନଥିଲେ ହେଁ ଆଜି ଜିଲ୍ଲା ଏପିଡେମିୟ ଲଜିଷ୍ଟ ପକ୍ଷରୁ ମଳ ଓ ଜଳ ନମୁନା ସଂଗ୍ରହ କରି ନେଇଥିବା ସୂଚନା ମିଳିଛି। ଶତାଧିକ ଛାତ୍ରଛାତ୍ରୀ ଏକକାଳୀନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାପରେ ଅଭିଭାବକ ମହଲରେ ଆତଙ୍କ ଖେଳିଯାଇଛି। କିଛି ଅଭିଭାବକ ନିଜ ପିଲାଙ୍କୁ ଘରକୁ ନେବା ସକାଶେ ଆସିଥିଲେ ହେଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାଡ଼ିନଥିବା ଜଣାପଡ଼ିଛି।

## ଶୁଳିଆପଦାରେ ଜନଅଭିଯୋଗ ଶୁଣାଣି

# ୩୨୮ ଅଭିଯୋଗର ତ୍ୱରିତ ସମାଧାନ କଲେ ମନ୍ତ୍ରୀ

**ବାରିପଦା (ପିପିଏସ୍):**

ଓଡିଶା ସରକାରଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମାନ୍ୟବର କ୍ୟାବିନେଟ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଶୁଳିଆପଦା ବ୍ଲକ ବୈଠକ ଗୃହରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୩୨୮ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ୨ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦,୦୦୦ ଓ ୫୦୦୦ ଲେଖାଏଁ ସମୁଦାୟ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର, ସମସ୍ତ ଜନତାଙ୍କର ଅଭିଯୋଗ ଗୁଡିକ ଶୁଣି ସେ ସବୁର ଆବଶ୍ୟକ ସମାଧାନ ପାଇଁ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡିକର ତୁରନ୍ତ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଏହି ଜନଅଭିଯୋଗ ଶୁଣାଣୀ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଧର୍ମାନନ୍ଦ ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଅଭିଯୋଗ ପତ୍ର ଗୁଡିକ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ନିର୍ମାଣ, ଜମି ପଟ୍ଟା, ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା।

ଆଜିର ଶୁଣାଣୀ ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ, ଅନୁପମା ଘୋଷଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ସହଯୋଗ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଅଭିଯୋଗ ସଂଚାଳନା କାର୍ଯ୍ୟ କରିଥିଲେ।


# ଛୁଟିରେ ଘରକୁ ଆସି ଫେରୁଥିବା ନୌସେନା ଅଧିକାରୀ ନିଖୋଜ

## ବ୍ରହ୍ମପୁର ରେଳଷ୍ଟେସନ୍ ନିକଟରୁ ମିଳିଲା ଭୋଟର କାର୍ଡ

**ବ୍ରହ୍ମପୁର(ପିପିଏସ୍):**

ଛୁଟିରେ ଘରକୁ ଆସି ଫେରୁଥିବା ବେଳେ ଅଧାରାସ୍ତାରୁ ଓଡ଼ିଆ ନୌସେନା ଅଧିକାରୀ ନିଖୋଜ ହୋଇଯାଇଛନ୍ତି । ନିଖୋଜ ନୌସେନା ଅଧିକାରୀଜଣକ ବ୍ରହ୍ମପୁର ଗେଟ୍‌ବଜାର ଅଞ୍ଚଳର ୨୫ବର୍ଷୀୟ ସୌରଭ କୁମାର ପାତ୍ର। ଏନେଇ ତାଙ୍କ ପରିବାର ପକ୍ଷରୁ ବ୍ରହ୍ମପୁର ଟାଉନ୍ ଥାନାରେ ଏତଲା ଦିଆଯାଇଥିବା ବେଳେ ପୁଲିସ୍ ନୌସେନା ସହ ଯୋଗାଯୋଗ କରୁଛି। ସୂଚନାଯୋଗ୍ୟ ଯେ, ସୌରଭ କୁମାର ପାତ୍ର ୨୦୧୯ରୁ କେରଳ ରାଜ୍ୟ କୋଚିସ୍ଥିତ ଦକ୍ଷିଣ ନୌସେନା କମାଣ୍ଡରେ କାର୍ଯ୍ୟରତ ଅଛନ୍ତି। ସେ ଗତ ଡିସେମ୍ବର ୨୫ତାରିଖରେ ଛୁଟିରେ ଘରକୁ ଆସିଥିଲେ । ପରିବାର ସହ ଏକ ଭୋଜିରେ ଯୋଗଦେବା ପାଇଁ ସୌରଭ ବ୍ରହ୍ମପୁର ଆସିଥିଲେ ବୋଲି ପରିବାର ଲୋକେ କହିଛନ୍ତି।

ଛୁଟି ଶେଷ ହେବାପରେ ଜାନୁୟାରୀ ୧୯ତାରିଖରେ ବ୍ରହ୍ମପୁର ରେଳ



ଷ୍ଟେଶନ୍‌ରୁ ବିଶାଖପାଟଣା ଅଭିମୁଖେ ବାହାରିଥିଲେ । ବିଶାଖପାଟଣାରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ କେରଳର କୋଚିରେ ପହଞ୍ଚିବା ପାଇଁ ଟିକେଟ୍ କରିଥିଲେ। ହେଲେ ଇଚ୍ଛାପୁର ପରେ ତାଙ୍କ ମୋବାଇଲ୍ ଫୋନ୍ ସୁଇଚଅଫ୍ ହୋଇଯାଇଥିଲା। ପରିବାର ସଦସ୍ୟ ବାରମ୍ବାର ପ୍ରୟାସ କରିବା ସତ୍ତ୍ୱେ ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନଥିଲା । ପରେ ସୌରଭ କୋଚିରେ ମଧ୍ୟ ପହଞ୍ଚିନଥିବା ପରିବାର ସଦସ୍ୟ ଜାଣିବାପରେ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ଗୁରୁତର ସହିତ ନେଇ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ପୁଲିସ୍ ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି କହିଛନ୍ତି । ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ୍ କହିଛନ୍ତି ଯେ, ମୋବାଇଲ୍ ସୁଇଚ୍ ଅଫ୍ ହେବା ନେଇ ପରିବାରବର୍ଗଙ୍କ ଠାରୁ ଅଭିଯୋଗ ଆସିବାପରେ ଇଚ୍ଛାପୁର ରେଳ ଷ୍ଟେଶନ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରୁ ମିଳିଥିବା ଭିଡିଓ ଆଧାରରେ ତଦନ୍ତ କରୁଛୁ । ଏନେଇ ପୁଲିସ୍‌କୁ ଅନେକ ତଥ୍ୟ ମିଳିଛି। ରେଳ ଷ୍ଟେଶନ୍‌ରୁ ବାହାରକୁ ବାହାରିବା ପାଇଁ ରହିଥିବା ସ୍ଥାନରୁ ମିଳିଥିବା ଭିଡିଓ ଫୁଟେଜ୍‌ରୁ ସୌରଭ ଏକ ଅଟୋ ଯୋଗେ ଯାଇଥିବା ସୁରାକ ମିଳିଛି। ତେବେ ବ୍ରହ୍ମପୁର ରେଳ ଷ୍ଟେଶନ୍‌ର କିଛି ଦୂରରୁ ମିଳିଛି ନିଖୋଜ ହୋଇଥିବା ସୌରଭ କୁମାର ପାତ୍ରଙ୍କ ଭୋଟର ପରିଚୟ ପତ୍ର। ଏହି ଘଟଣାର ଅଧିକ ଖୋଳତାଡ କରିବାକୁ ବ୍ରହ୍ମପୁର ପୁଲିସ୍‌ର ଏକ ଟିମ୍ ଇଚ୍ଛାପୁର ଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି।

# ବେପାରୀଙ୍କୁ ଧାନ ନ ଦେବାକୁ ପରାମର୍ଶ: କଟ୍‌ନି ଛଟ୍‌ନି ବନ୍ଦ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ରେଢୁଆ, ଗୁଆଲିପୁର କୃଷି ସେବା ସମବାୟ ସମିତି ଏବଂ ତାରପୁର ଠାରେ ଶିବଶକ୍ତି ମହିଳା ଗ୍ରୁପଙ୍କ ଦ୍ୱାରା ପରିଚାଳିତ ଧାନମଣ୍ଡିର ଶୁଭ ଉଦଘାଟନ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ ୩ ଟି ସ୍ଥାନରେ ଅତିଥି ଭାବେ ଯୋଗଦେଇ ଶୁଭ କଣ୍ଢାରେ ନଡିଆ ବାଡେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଶିବଶକ୍ତି ଏସଏଚଜି ପକ୍ଷରୁ ତାରପୁର ବାଇପାସ୍ ଠାରେ ଅନୁଷ୍ଠିତ ସଭାରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଡ ଭୋଇ ବାହାରେ ବୁଲୁଥିବା ଦଲାଲ କିମ୍ବା ବେପାରୀଙ୍କୁ ଧାନ ଦେଇ ଅଭାବୀ ବିକ୍ରିର ସମ୍ମୁଖୀନ ନହେବା ପାଇଁ ପରାମର୍ଶ ରଖିଥିଲେ। ଏହାଛଡା ଶେଷ ଟୋକନ୍ ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ଧାନ ନିଆଯିବ ଏବଂ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ବୋଲି ପ୍ରକାଶ କରିଥିଲେ। ତେବେ ସମସ୍ତ ଚାଷୀ ଶୃଙ୍ଖଳାକୁ ପ୍ରାଥମିକତା ଦେବାପାଇଁ ବିଧାୟକ ଡ ଭୋଇ ଅନୁରୋଧ କରିଥିଲେ। ସମ୍ମାନୀତ ଅତିଥି ଭାବେ ରଘୁନାଥପୁର ତହସିଲଦାର ଆଭିପସା ପଟ୍ଟନାୟକ ଯୋଗଦେଇ ବ୍ଲକ ଅଞ୍ଚଳରେ ୮୦ ପ୍ରତିଶତ ଧାନ ଭଲଥିବା ଏବଂ ସମସ୍ତଙ୍କ ଧାନ ମିଲର କ୍ରୟ କରିବ ବୋଲି କହିଥିଲେ।

ସେହିପରି ଯଦି କୌଣସି ସ୍ଥାନରେ ଚାଷୀମାନଙ୍କର ଅସୁବିଧା ହୁଏ ଏବଂ ଏ ସମ୍ପର୍କରେ ଅଭିଯୋଗ ହେଲେ ତୁରନ୍ତ ଅଧିକାରୀମାନେ ଆସି ପହଞ୍ଚିବେ ବୋଲି ଆରଏମସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ସଭାରେ ବକ୍ତବ୍ୟ ରଖିଥିଲେ।ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସରକାର ଚାଷୀମାନଙ୍କ ପ୍ରତି ସହନଶିଳ ମନୋଭାବ ପୋଷଣ କରିବା ପାଇଁ ପ୍ରକାଶ କରିଥିଲେ। ଆୟୋଜିତ ସଭାରେ ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ସଫଳ ଚାଷୀ ଚନ୍ଦ୍ରଶେଖର ସିଂହ, ମିଶନଶକ୍ତି ଡିପିସି ମୋନାଲିସା ଭଞ୍ଜ, ବ୍ଲକ ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଓଏଲଏମ ବିପିଏମ ଲିପିକା ଷଡଙ୍ଗୀ, ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ଓ ମଣ୍ଡି ନୋଡାଲ ଅଫିସର ଅମିୟ କୁମାର ପରିଜା ଉପସ୍ଥିତ ଥିଲେ। କୃଷକ ନେତା ବିନୋଦ ବିହାରୀ ମହାନ୍ତି ସଭା ସଞ୍ଚାଳନ, ମହିଳା ଗୋଷ୍ଠୀର ସଭାପତି କାମିନୀ ସ୍ୱାଇଁ ଅତିଥି ପରିଚୟ, ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ ଧନ୍ୟବାଦ ଏବଂ ବିଦ୍ୟାଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଣ୍ଡିରେ ୩୩୨ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳ ପ୍ରଥମ ପର୍ଯ୍ୟାୟରେ ୩.୫ ହଜାର କୁଇଣ୍ଟାଲ ଧାନ ଧରାଜିବା ପାଇଁ ଟାର୍ଗେଟ ରହିଛି।

## ପୂରଣ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘଟିତ

ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍ ଅଧୀନସ୍ଥ ୨୨ ମଉଜା ପୂରଣ କୃଷି ସେବା ସମବାୟ ସମିତି ମଣ୍ଡି ଖୋଲାଯାଇଛି। ସଭାପତି ନନ୍ଦକିଶୋର ବସ୍ତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ପରିଚାଳନରେ ଆୟୋଜିତ ମଣ୍ଡିକୁ ତିର୍ତ୍ତୋଲ ବିଧାୟକ ପ୍ରଫେସର ରାମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଚାଷୀଙ୍କ ଉପସ୍ଥିତିରେ ମଣ୍ଡି ସୁପରଭାଇଜର ତଥା ତହସିଲଦାର ସଞ୍ଜୟ କୁମାର ବେହେରାଙ୍କ ସହିତ ଧାନ ସଂଗ୍ରହ ବେଳେ ଚାଷୀଙ୍କ ପାଇଁ ଯେପରି ସମସ୍ୟା ନ ଉପୁଜେ ସେଥିପ୍ରତି ଧାନଦେବାକୁ ଆଲୋଚନା କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ବିଜେଡି ଜିଲ୍ଲାସଭାପତି ରବିନାରାୟଣ ଜେନା, ବ୍ଲକ ସଭାପତି ରବୀନ୍ଦ୍ର ରାଉଳ, ସରପଞ୍ଚ ଯୁଧିଷ୍ଠିର ବେହେରା, ତରୁଣ କୁମାର ଦାସ, ମନୋଜ ଭୋଇ, କାଳନ୍ଦି ବସ୍ତିଆ, ପ୍ରଦୀପ୍ତ ଭୂୟାଁ, ସୁବ୍ରତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବୁଡ଼

# ସରକାର ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବାକୁ ଦାବି



କୋଣାର୍କ (ପିପିଏସ): ଭାରତ ବର୍ଷର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତୀକ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ ନିମନ୍ତେ ଉତ୍ତର ପ୍ରଦେଶର ପ୍ରସିଦ୍ଧ କୁମ୍ଭମେଳା ଓ ଓଡ଼ିଶାର ପ୍ରସିଦ୍ଧ ବିଶ୍ୱ ବିଦିତ ବରଗଡର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ନିମନ୍ତେ ସରକାରଙ୍କ ପକ୍ଷରୁ ଯେଭଳି ସ୍ୱତନ୍ତ୍ରଭାବେ ସ୍ଥାୟୀ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇ ଏହାର ଶୋଭା ବର୍ଦ୍ଧନ କରାଯାଉ ଥିବାବେଳେ ପ୍ରାଚୀନ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଉ ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ଐତିହ୍ୟ ବିଶାରଦ, ଐତିହାସିକ, ସାଧୁ ସନ୍ଥ ସମାଜ ଓ ସେବାୟତମାନଙ୍କ ପକ୍ଷରୁ ଦାବି ହେଉଛି। ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୩ କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ତୀର୍ଥ ।ଏହି ତୀର୍ଥରେ ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଭାରତ ବର୍ଷର କୋଣ ଅନୁକୋଣରୁ ସାଧୁ ସନ୍ଥ, ଶ୍ରଦ୍ଧାଳୁ ଭକ୍ତ, ଐତିହ୍ୟ ବିଶାରଦ, ଐତିହାସିକ, ବୁଦ୍ଧିଜୀବୀ, ସେବାୟତ ସମାଜ ଓ କୋଣାର୍କ ସମେତ ଆଖପାଖ ଅଞ୍ଚଳର ଲକ୍ଷାଧିକ ଭକ୍ତ ମାନେ ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ ପକାଇଥାନ୍ତି। ପୁରାଣ ଓ କିମ୍ବଦନ୍ତୀରେ ଉଲ୍ଲେଖ ରହିଛି ଯେ ଭାରତ ବର୍ଷର ପବିତ୍ର ନଦୀ ଗଙ୍ଗା ନଦୀରେ ସାତ ଥର ସ୍ନାନ କରି ଶ୍ରଦ୍ଧାଳୁ ଭକ୍ତମାନେ ଯେତିକି ପୁଣ୍ୟ ଅର୍ଜନ କରିଥାଏ ମାତ୍ର ଥରେ ପୁଣ୍ୟତୋୟା ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ କଲେ ସେହି ପୁଣ୍ୟ ଓ ଆଶିଷ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ଉତ୍ତର ପ୍ରଦେଶର ପ୍ରୟାଗରାଜ ଠାରେ ପ୍ରସିଦ୍ଧ କୁମ୍ଭ ମେଳା ନିମନ୍ତେ ଶ୍ରଦ୍ଧାଳୁ ଭକ୍ତ, ସାଧୁ ସନ୍ଥ, ମୁନିରୁଷି ଓ ଧାର୍ମିକ ବିଶାରଦ ମାନଙ୍କ ସୁରକ୍ଷିତ ସ୍ନାନ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ବ୍ୟୟ ବରାଦ କରି ଏହାର ଶୋଭା ବର୍ଦ୍ଧନ କରି ଲୋକପ୍ରିୟତାର ଶୀର୍ଷକୁ ଛୁଇଁ ପାରିଛି।

ସେହିପରି ଓଡ଼ିଶାର ବରଗଡ ଠାରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥାର ବନ୍ଦୋବସ୍ତ କରାଯାଇ ଏହାର ପ୍ରଚାର ଓ ପ୍ରସାର କରିବା ଦିଗରେ ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଦ୍ୱାଦଶ ଶତାବ୍ଦୀର ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ର ପ୍ରଚାର ଓ ପ୍ରସାର କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଇନାହିଁ। ଫଳରେ ପ୍ରଚାର ଓ ପ୍ରସାର ଅଭାବରୁ ପ୍ରାଚୀନ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ମେଳା ଜନମାନସରେ ଲୋକପ୍ରିୟତା ଅର୍ଜନ କରିବା ପରିବର୍ତ୍ତେ ବିଲୁପ୍ତ ହେବାକୁ ବସିଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସେବାୟତ ସମାଜ, ଐତିହ୍ୟ ବିଶାରଦ ଓ କୋଣାର୍କ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନଙ୍କ ମହଲରେ ଆଲୋଚନା ହେଉଛି। ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ବୁଡକୁ ଭାରତ ବର୍ଷର କୋଣ ଅନୁକୋଣରେ ଲୋକପ୍ରିୟତା ହାସଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସ୍ୱତନ୍ତ୍ର ସ୍ଥାୟୀ ଆର୍ଥିକ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ପାଇଁ ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗବେଷକ ସଂଜୟ କୁମାର ବରାଳ, ବରିଷ୍ଠ ଐତିହାସିକ ଓ ସଂସ୍କୃତି ଗବେଷଣା ଅଧିକାରୀ ସୁରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ସମାଜସେବୀ ହରିଶ୍ଚନ୍ଦ୍ର ଦାଶ ଓ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ସମେତ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ଚାରିଛକ ଅଞ୍ଚଳରେ ବହିରାଗତ ପକ୍ଷୀ, ସୁରକ୍ଷା ଦାବି



ଚାରିଛକ, (ପିପିଏସ): ଶୀତ ଋତୁରେ ପ୍ରତିବର୍ଷ ଚାରିଛକ ଓ ନୟାହାଟ ଅଞ୍ଚଳରେ ଦେଶୀ ବିଦେଶୀ ପକ୍ଷୀଙ୍କୁ ଦେଖିବାକୁ ମିଳେ। ଏ ବର୍ଷ ମଧ୍ୟ ନୟାହାଟ ନିକଟସ୍ଥ କାଦୁଆ ନଦୀ କୂଳ ଓ ପ୍ରାଚୀ ନଦୀ କୂଳ,ଚାରିଛକ ଅଞ୍ଚଳ ର ଚଉରାଶି ଖଜୁରିଆ ପୋଖରୀ ଓ ବିଭିନ୍ନ ଜୋରରେ ଶହ ଶହ ବହିରାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଅସ୍ତରଙ୍ଗ ବନ ବିଭାଗ କେବଳ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ବିଚରଣ କରୁଥିବା ବହିରାଗତ ପକ୍ଷୀମାନଙ୍କୁ ଗଣନା କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରୁଛନ୍ତି ।କିନ୍ତୁ ଚାରିଛକ ଓ ନୟାହାଟ ଅଞ୍ଚଳ ରେ ଥିବା ବହିରାଗତ ପକ୍ଷୀମାନଙ୍କୁ ଗଣନା କରା ଯାଉନାହିଁ କିମ୍ବା ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ପକ୍ଷୀ ଶିକାରୀମାନେ ବେଧଡ଼କ ଭାବେ ଏହି ଅଞ୍ଚଳରେ ବିଦେଶୀ ପକ୍ଷୀମାନଙ୍କୁ ଶିକାର କରି ଖୋଲା ବଜାରରେ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ନୟାହାଟ ଠାରୁ ମାତ୍ର ୩ କିମି ଦୂରରେ ପାଣିଛତ୍ରଠାରେ ରହିଛି ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ। ଏଠାରେ ବନାଞ୍ଚଳ ଅଧିକାରୀ ରହୁ ଥିବାବେଳେ ନୟାହାଟ ଓ ଚାରିଛକ ଅଞ୍ଚଳରେ ବିଚରଣ କରୁଥିବା ବହିରାଗତ ପକ୍ଷୀମାନଙ୍କ ସମ୍ପର୍କରେ ଚିନ୍ତା କରୁ ନ ଥିବାରୁ ପ୍ରକୃତି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ନୟାହାଟ ଓ ଚାରିଛକ ଅଞ୍ଚଳରେ ବିଚରଣ କରୁଥିବା ଦେଶୀ, ବିଦେଶୀ ପକ୍ଷୀଙ୍କ ଗଣନା କରିବା ସହିତ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।

# ଭଞ୍ଜସେନାର ପ୍ରତିଷ୍ଠା ଦିବସ ପାଳିତ



ବାରିପଦା, (ପିପିଏସ୍): ଜାନୁୟାରୀ ୨୩ ତାରିଖ ଭାରତବର୍ଷର ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଦିବସରେ ପ୍ରତିଷ୍ଠା ହୋଇଥିବା ମୟୁରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ 'ଭଞ୍ଜସେନା'ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଙ୍କ ଆହ୍ୱାନକ୍ରମେ ଦୁଇ ଦିନିଆ ୨୭ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳନ ହୋଇଯାଇଛି। ପ୍ରଥମ ଦିନ ଜିଲ୍ଲାରେ ଥିବା ସମସ୍ତ ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସଂଗଠନ କର୍ମକର୍ତ୍ତାମାନେ ରୋଗୀମାନଙ୍କୁ ଫଳ ଓ ସୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ସଂଗଠନ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ର ଉନ୍ନତୀ ନିମନ୍ତେ ୯ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ଜରୀଆରେ ପ୍ରେରଣ କରାଯାଇଥିଲା।

୨୩ ତାରିଖ ଖିଚିଂ ସ୍ଥିତ ମୟୁରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀ ଦେବୀଙ୍କ ମନ୍ଦିର ସମେତ ସବୁ ଦେବାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସଦର ମହକୁମା ବାରିପଦା ସ୍ଥିତ ସମସ୍ତ ମହାତ୍ମାମାନଙ୍କ ପ୍ରତିମୂର୍ତ୍ତିରେ ସଂଗଠନ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। 'ସୁସ୍ଥ, ସମୃଦ୍ଧ, ଶିକ୍ଷିତ, ସୁରକ୍ଷିତ, ସ୍ୱାବଲମ୍ବୀ ଓ ସବୁଜିମା ମୟୁରଭଞ୍ଜ ଗଠନ ଆମ ଲକ୍ଷ୍ୟ' ସ୍ଲୋଗାନ ଦେଇ ମଧୁବନସ୍ଥିତ ମା' ଭୈରବୀ ମନ୍ଦିର ପାଖରୁ ଏକ ବିଶାଳ ଶୋଭାଯାତ୍ରା ସଂଗଠନର ଅଧକ୍ଷ ସଂଜୀବ ରାଉତଙ୍କ ତତ୍ତ୍ୱାବଧାନରେ ସହର ମୁଖ୍ୟ ରାସ୍ତା ପରିକ୍ରମା କରି ଛଉ ପଡିଆରେ ପହଞ୍ଚିଥିଲା।

ସଂଗଠନର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଶୋଭାଯାତ୍ରାରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟୀ ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧକ୍ଷ ଅଞ୍ଜନ ବରାଳ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଦକ୍ଷିଣା ମହାନ୍ତ, କନିକା ବୋଷ, ଜିତେନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ଜିଲ୍ଲା ଉପସଭାପତି ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ଼, ବାରିପଦା ସହର ସଭାପତି ରାକେଶ ମହାନ୍ତି, ପ୍ରୀତମ ପଣ୍ଡା, ଧନଞ୍ଜୟ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା ଛାତ୍ର ଶାଖା ସଭାପତି କିଷାନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ, ରୂପାଲୀ ରୂପନୀତ ବେହେରା, ପ୍ରଶାନ୍ତ ମହାକୁଡ଼, ସଞ୍ଜୟ ମାହାନା, ସୁନୀଲ ମହାପାତ୍ର, ସଚିନ ସାଲାଂକ୍ଷୀ, ସଞ୍ଜୟ ମହାନ୍ତ, ଗୌରାଙ୍ଗ ଘଡେଇ ପ୍ରମୁଖଙ୍କ ସହିତ ସମଗ୍ର ଜିଲ୍ଲାରୁ ଦଶ ହଜାରରୁ ଉର୍ଦ୍ଧ୍ୱ ଯୁବଛାତ୍ର ସାମିଲ ଥିଲେ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଏଆଇଓସିଡିର ଗୋଲ୍ଡେନ ଜୁବୁଲି

# ଜଗନ୍ନାଥ ସିନ୍ଦେଜୀଙ୍କ ୭୫ବର୍ଷ ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର

ବ୍ରହ୍ମପୁର (ପିପିଏସ୍): ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଂଘ ଏଆଇଓସିଡିର ଗୋଲ୍ଡେନ ଜୁବୁଲି ଓ ଜାତୀୟ ସଭାପତି ଜଗନ୍ନାଥ ସିନ୍ଦେ ଜୀଙ୍କ ୭୫ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଔଷଧ ବ୍ୟବସାୟୀ ସଂଘ ୟୁସିଡିଏର ଆହ୍ୱାନକ୍ରମେ ଗଞ୍ଜାମ ଔଷଧ ବ୍ୟବସାୟୀ ସଂଘ ଜିପିସିଡିଏ ତରଫରୁ ଶୁକ୍ରବାର ପ୍ରେମ ନଗର ରୋଟାରୀ ହଲ୍ ଠାରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିପିସିଡିଏ ସମ୍ପାଦକ ତଥା ୟୁସିଡିଏ ସଭାପତି ପି.ସତ୍ୟନାରାୟଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରକୁ ଜିପିସିଡିଏ ଉପଦେଷ୍ଟା ତଥା ଏଆଇଓସିଡି ଯୁଗ୍ମ ସମ୍ପାଦକ ଭି.ଜଗନ୍ନାଥ ରାଓ ଓ ଜିପିସିଡିଏ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା ଶୁଭ ଉଦ୍‌ଘାଟନ କରିଥିଲେ। ଶିବିରରୁ ମୋଟ ୧୮୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ କର୍ମକର୍ତ୍ତା ପ୍ରଦୀପ ପଣ୍ଡା, ମନୁ ସେନାପତି, ବଲ୍ଲଭ ପାଣିଗ୍ରାହୀ, ଇପାରି କ୍ରିଷ୍ଣା ପ୍ରସାଦ ରାଓ, ସତ୍ୟକାମ ପାତ୍ର, ଭି.ଚନ୍ଦ୍ରଶେଖର, ଜିତେନ୍, ସୁଜିତ୍ ଭୂୟାଁ, କେଦାରନାଥ ଜେନା, ସିମାଞ୍ଚଳ ପାଣିଗ୍ରାହୀ, ଅବନୀ ସାହୁ, ଆନନ୍ଦ ରାଓ, ଗିରିଶ ପ୍ରଧାନ, ଧର୍ମା ରାଓ, ଲକ୍ଷ୍ମୀ ପାତ୍ର, ନାଗେଶ୍ୱର ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବ୍ରହ୍ମପୁର ବ୍ଲଡ୍ ବ୍ୟାଙ୍କର ଡ଼ାକ୍ତର ଓ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଆଜି ଭାରତର ସମସ୍ତ ଔଷଧ ବ୍ୟବସାୟୀ ସଂଘ ଓ ଓଡ଼ିଶାର ସମସ୍ତ ଔଷଧ ବ୍ୟବସାୟୀ ସଂଘ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଥି ଦ୍ୱାରା ଭାରତ ବର୍ଷରେ ଗିନିଜ୍ ବୁକ୍ ଅଫ୍ ୱାଲର୍ଡ ରେକର୍ଡ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜନସାଧାରଣ ସୁବିଧାରେ ରକ୍ତ ପାଇବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

# ପୂରଣ ଗ୍ରାମରେ ଜଳିଗଲା ୩ ବଖରା

## ୫ଛେଳି ଜୀବନ୍ତ ଦଗ୍ଧ, ୨ ଗୁରୁତର



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ବିରିଡି ତହସିଲ ଅଧୀନ ୨୨ ମୌଜା ପୂରଣ ଗ୍ରାମର ନବ ସେଠୀ ଓ ରାଜକିଶୋର ସେଠୀଙ୍କ ରୋଷେଇ ଘର ସମେତ ଦୁଇ ବଖରା ଘର ଜଳି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଏହି ଅଗ୍ନିକାଣ୍ଡ ଯୋଗୁଁ ସେହି ଘରେ ବନ୍ଧା ଯାଇଥିବା ୫ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ୨ଟି ଛେଳି ପୋଡି ଯାଇ ଥିବାରୁ ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ରହିଛି। ବାରିବାର ଲୋକେ ସମସ୍ତେ ସୁରକ୍ଷିତ ଥିବା ଜଣା ପଡିଛି। ସୂଚନା ଅନୁଯାଇ ଗୁରୁବାରଦିନ ବଡିଭୋର ସମୟରେ ହଟାତ ଘରେ ନିଆଁ ଲାଗିଯାଇଥିବା ଏବଂ ଘର ହୁତୁହୁତୁ ହୋଇଜଳୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ ପରେ ଗାଁ ଲୋକଙ୍କୁ ଡାକ ପକାଇଥିଲେ। ସେମାନେ ପହଂଚି ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ପରେ ଖବର ପାଇ ବିରିଡି ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଂଚି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ ମାତ୍ର ସେତେବେଳକୁ ଘର ଜଳି ପାଉଁଶ ହୋଇଯାଇଥିଲା। ତେବେ ନବସେଠୀ ଓ ରାଜକିଶୋର ସେଠୀ ଉଭୟ ଗରିବ ପରିବାର ଛେଳି ପୋଶିଥିଲେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବାକୁ ହେଲେ ଆଜିର ଅଗ୍ନିକାଣ୍ଡରେ ସେମାନଙ୍କ ଛେଳି ଜୀବନ୍ତ ଦଗ୍ଧ ହୋଇ ପ୍ରାଣ ହରାଇଥିବାରୁ ସେ ରୋଜଗାର ହରାଇଛନ୍ତି। ତେଣୁ ତୁରନ୍ତତାଙ୍କୁ ସରକାରୀସ୍ତରରେ ସହାୟତା ଯୋଗାଇଦେବାକୁ ଅଞ୍ଚଳ ବାସୀ ଦାବି ଜଣାଇଛନ୍ତି।

# ବ୍ରାହ୍ମଣସାଇଲୋ ସ୍କୁଲ କ୍ରୀଡା ଉତ୍ସବ ଉଦ୍‌ଯାପିତ

କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ସରକାରୀ ନୋଡାଲ ହାଇସ୍କୁଲ ଓ ପଞ୍ଚାୟତ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପୀତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ରାହ୍ମଣସାଇଲୋ ଗ୍ରାମ ପଞ୍ଚାୟତ ସରପଞ୍ଚ ତୃପ୍ତିମୟୀ ରାଉତ ଉଦ୍‌ଘାଟନ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ପତାକା ଅବତରଣ କରି ଆନୁଷ୍ଠାନିକ ଭାବେ କ୍ରିଡା ଉତ୍ସବର ପରିସମାପ୍ତି ଘୋଷଣା କରିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର କ୍ରିଡା ପ୍ରତିଯୋଗୀତାର ପୁରସ୍କାର ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ବ୍ରାହ୍ମଣସାଇଲୋ ସରକାରୀ ନୋଡାଲ ହାଇସ୍କୁଲ ଓ ପଞ୍ଚାୟତ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଗତ ୨୧ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ଶେଷ ହୋଇଛି। ଉଦ୍‌ଘାଟନନୀ କାର୍ଯ୍ୟକ୍ରମରେ ସ୍ଥାନୀ ୟସରପଞ୍ଚ ତୃପ୍ତିମୟୀ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗୀତାର ଶୁଭାରମ୍ଭ କରିଥିଲେ। ପରେ ଏହି ପ୍ରତିଯୋଗୀତା ୩ ଦିନ ପର୍ଯନ୍ତ ଚାଲିବା ପରେ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରିଡା ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପତାକା ଅବତରଣ କରାଇବା ପରେ ଏହାକୁ ସସମ୍ମାନ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅର୍ପଣ କରିଥିଲେ। ଦୁଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ସରିତା ବାରୀକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ଗଣେଷ ଚନ୍ଦ୍ର ଭୋଇ ଓ ସନ୍ତୋଷ କୁମାର ସାହୁ କ୍ରିଡା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କବିତା ବିଟ୍,ରେଣୁବାଳା ଦାଶ, ମମତା ବାରୀକ,ଶିକ୍ଷକ ଅସୀତ କୁମାର ପାଢୀ, ପ୍ରଫୁଲ୍ଲ କୁମାର ଦାଶ, ବିଭୂତି ଭୂଷଣ ମାନସିଂ, ଚନ୍ଦ୍ରକାନ୍ତ ଜେନା, ପତିତପାବନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହାନଗର ପ୍ରାଥମିକ ଶିକ୍ଷକ ସଂଘର

# ବନ୍ଧୁମିଳନ ଓ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ



ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଏନ୍‌ଜିଓ ଟାଉନ୍ ହଲ୍‌ରେ ବ୍ରହ୍ମପୁର ମହାନଗର ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବନ୍ଧୁମିଳନ ଓ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ଏୟୁପିଟିଏଫ୍ ରାଜ୍ୟ ସଭାପତି ଧିରେନ୍ଦ୍ର କୁମାର ପଟ୍ଟନାୟକ, ମହାସଚିବ ଚାରୁଲତା ମହାପାତ୍ର, ସଂଘର ସଭାପତି ରାଜେଶ କୁମାର ତାରିଣୀ ଓ ସମ୍ପାଦକ ଅବିନୀ କୁମାର ପାଢ଼ୀ ମଞ୍ଚାସୀନ ଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ୧୭ଜଣ ସିଆର୍‌ସିସି ତଥା ୨ଜଣ ପୂର୍ବତନ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଶିକ୍ଷକ ଅରୁଣ କୁମାର ସାହୁ ଓ ଶିକ୍ଷୟିତ୍ରୀ ସୁଜ୍ଞାନୀ ସାହୁ ମଞ୍ଚ ପରିଚାଳନା ଓ ସ୍ୱାଗତ ସଙ୍ଗୀତଗାନ କରିଥିଲେ। ଉକ୍ତ ଉତ୍ସବଟି ଉପସଭାପତି ମମତା ପାଣିଗ୍ରାହୀ, ବାଙ୍କ ପ୍ରଧାନ, ସହ ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ସଂଘର କର୍ମକର୍ତ୍ତା ସୁନୀତା ପଟ୍ଟନାୟକ, ରୀତାରାଣୀ ବେହେରା, ତନୁଜା କୁମାରୀ ଦେବୀ, ବି.ଦୁହିତାମ୍ବା ପାତ୍ର ତଥା ବରିଷ୍ଠ ଶିକ୍ଷାବିତ୍ ଓ ଉପଦେଷ୍ଟା ମଣ୍ଡଳୀ କେ.କୃଷ୍ଣମୂର୍ତ୍ତି, ହାଡିବନ୍ଧୁ ମାଳି, ନରସିଂହ ପାଢ଼ୀ, ସୀମାଞ୍ଚଳ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସଂଘର ସମ୍ପାଦକ ଅବନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁର ମହୋତ୍ସବ ନେଇ ଭୂମିପୂଜନ



ବ୍ରହ୍ମପୁର(ପିପିଏସ୍): ଅଗ୍ରଣୀ ସାଂସ୍କୃତିକ ମହୋତ୍ସବ ବ୍ରହ୍ମପୁର ମହୋତ୍ସବ ଫେବୃଆରୀ ୧ରୁ ୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ହେବ। ୬ଦିନ ବ୍ୟାପି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କିସମର ଷ୍ଟଲ୍ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଶୁକ୍ରବାର ଭୂମି ପୂଜନ ସହ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ସାବତ, ସାଧାରଣ ସମ୍ପାଦକ ଇ.ପ୍ରଶାନ୍ତ କୁମାର ପାତ୍ର, ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ, ପ୍ରକାଶ ଭାଜନୀ, ସଞ୍ଜୟ ମାଝୀ, ରେସମ୍ପାସ ମାର୍କେଟିଂ ଇଭେଣ୍ଟ ଏମ୍‌ଡି ରବିଶଙ୍କର, ବିଭୀଷଣ ମଲ୍ଲିକ, ପ୍ରଶାନ୍ତ ବାଇ, ତପନ ପଣ୍ଡା, ନିବେଦିତା ପାଢ଼ୀ, ସାଧନା ପାଢ଼ୀ, ନାରାୟଣ ମହାଙ୍କୁଡ, ରିତାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଜେନା, ପ୍ରଭାସିନୀ ପଣ୍ଡା, ଅନିଲ ପାତ୍ର, ଅନନ୍ତ ପ୍ରଧାନ, ରୋହିତ ପରିଡା, କାର୍ତ୍ତିକ ପାଣିଗ୍ରାହୀ, ମନୋରଞ୍ଜନ ପାଢ଼ୀ, ପଣ୍ଡିତ ଶୁଭମ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଗସ୍ତପାଇଁ

## ରାତି ଅଧରେ ଚାଲିଛି ପିଚୁ କାମ



ଚାରିଛକ, (ପିପିଏସ୍): ରାତି ପାହିଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡ଼ାଙ୍କ ସ୍ୱର୍ଗତ ମାଆଙ୍କ ଏକାଦଶାହ ଉତ୍ସବ ନୟାହାଟ ନିକଟସ୍ଥ ନିଭରଣ ଗାଁରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଓ ନୂତନ ରାଜ୍ୟପାଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ରାସ୍ତା ପଥରେ ପିପିଲି, ନିମାପଡା, ଚାରିଛକ, ତୁଳସୀପୁର, ନୟାହାଟ ଦେଇ ନିଭରଣ ଗାଁକୁ ଯିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର ଠାରୁ ନିମାପଡ଼ା ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଭଲ ଥିବା ବେଳେ ନିମାପଡ଼ା ଠାରୁ ନୟାହାଟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଭଲ ନ ଥିଲା। ବିଭିନ୍ନ ସ୍ଥାନରେ ରାସ୍ତା ମଝିରେ ଗର୍ତ୍ତମାନ ସୃଷ୍ଟି ହୋଇଥିଲା। ବାରମ୍ବାର ଏ ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ତେବେ ଏହି ରାସ୍ତାରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଏକାଧିକ ମନ୍ତ୍ରୀ ଗସ୍ତ କରିବା ଜଣା ପଡ଼ିବା ପରେ ଚୁପ୍‌ଚାପ୍ ସୋଇ ପଡ଼ିଥିବା ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାତି ଅଧରେ ଆରମ୍ଭ ହୋଇଛି ମୁଖ୍ୟ ରାସ୍ତାରେ ପିଚୁ କାର୍ଯ୍ୟ। ରାସ୍ତାର ଯେଉଁଠି ଯେଉଁଠି ଖାଲ, ଖମା, ଗର୍ତ୍ତ ଥିଲା ସେଠାରେ ନୂଆ ପିଚୁ କାର୍ଯ୍ୟ କରା ଯାଉଛି। ଆମ ଅଞ୍ଚଳ କୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଆସୁଥିବାରୁ ମୁଖ୍ୟ ରାସ୍ତା କାର୍ଯ୍ୟ ହୋଇ ପାରିଲା ବୋଲି ଚାରିଛକ ଓ ନୟାହାଟ ଅଞ୍ଚଳର ଲୋକମାନେ ଆଲୋଚନା କରୁଛନ୍ତି।

## କେନ୍ଦ୍ରାପଡ଼ା କଲେଜରେ କର୍ତ୍ତବ୍ୟବୋଧ ଦିବସ

କେନ୍ଦ୍ରାପଡ଼ା, (ପିପିଏସ୍) ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ରାଜ୍ୟ ଶାଖା ତରଫରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜଠାରେ କର୍ତ୍ତବ୍ୟବୋଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜର ଅଧକ୍ଷ ଡକ୍ଟର ଅଭିଜିତ ବୋଷଙ୍କ ସଭାପତିତ୍ୱରେ ଏକ ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ ରେଭେନ୍ ?ସା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ତଥା ମୁଖ୍ୟ ଡକ୍ଟର ଶିବବ୍ରତ ଦାସ ମୁଖ୍ୟ ଅତିଥି ଓ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟବକ୍ତା ରୂପେ ଯୋଗଦେଇ ଶିକ୍ଷକମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କଲେ ସମାଜରେ ଆଦୃତି ଲାଭ କରିବେ ବୋଲି କହିଥିଲେ। ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି ଓ ଡକ୍ଟର ବିକଳି ଚରଣ ଦାସ ଏକ ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଡକ୍ଟର ପ୍ରଭାକର ମଲ୍ଲିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଓ ପ୍ରାଧ୍ୟାପକ ରଣଜିତ୍ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜରୁ ବହୁସଂଖ୍ୟକ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ।

# ଜାତୀୟ କନ୍ୟାସନ୍ତାନ ଦିବସରେ କନ୍ୟାଭ୍ରୁଣ ହତ୍ୟା ରୋକିବାକୁ ଶପଥ



ଜଗତସିଂହପୁର (ପିପିଏସ୍): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି ଓ ପ୍ରତିବର୍ଷ ଜାନୁଆରୀ ମାସ ୨୪ ତାରିଖରେ ଉକ୍ତ ଦିବସ ପାଳିତ ହୋଇଆସୁଅଛି ଓ ଏ ବର୍ଷର ବାର୍ତ୍ତା ଝିଅ ହେଲେ ସଶକ୍ତ, ଉଜ୍ଜ୍ୱଳ ହେବ ଭବିଷ୍ୟତ ଓ ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅଭିଭାଷଣରେ କହିଥିଲେ ଯେ, ପ୍ରତିବର୍ଷ ୨୦୦୮ ମସିହାଠାରୁ ଏହି ଦିବସ ପାଳିତ ହୋଇ ଆସୁଅଛି, ଏହାର ଉଦ୍ଦେଶ୍ୟ ସମାଜରେ କନ୍ୟା ସନ୍ତାନଙ୍କୁ ସେମାନଙ୍କର ସମାନ ଅଧିକାର ଯଥା: ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକସ୍ତରରେ ପୁତ୍ର ସନ୍ତାନଙ୍କ ଭଳି ମିଳିବା ଉଚିତ ଓ ତେଣୁ ସଚେତନତାକୁ ବ୍ୟାପକ କରିବା ଆମ ସମସ୍ତଙ୍କ ଦାୟିତ୍ୱ ଓ ଲିଙ୍ଗ ନିରୂପଣ କରିବା ଆଇନ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ଅଟେ ଓ ଲିଙ୍ଗ ନିରୂପଣ କରୁଥିବା ଓ କରାଉଥିବା ଉଭୟଙ୍କ ପାଇଁ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଅଛି ଓ ଯଦି କୌଣସି ଜାଗାରେ ଏପରି ପରିଲକ୍ଷିତ ହୁଅ, ତେବେ ସୂଚନା ମିଳିଲେ ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହିତ ୫୦,୦୦୦/- ଟଙ୍କା ଜୋରିମାନା ଦେବାକୁ ପଡିଥାଏ।

ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ନିଜ ଅଭିଭାଷଣରେ ପୁତ୍ର ଓ କନ୍ୟା ଉଭୟ ସମାନ ସମାଜକୁ ଆଗକୁ ବଢେଇବାକୁ, ସମାଜରେ ଲିଙ୍ଗଗତ ଭାରସ୍ୟାମ ରକ୍ଷା କରିବାକୁ କନ୍ୟା ସନ୍ତାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ତେଣୁ କନ୍ୟା ଭୃଣହତ୍ୟାକୁ ରୋକିବା ଓ ପୁଅ ଓ ଝିଅଙ୍କ ସେକ୍ସ ରେସିଓକୁ ସମାନ କରିବାକୁ ହେଲେ ସଚେତନତା ନିତ୍ୟାନ୍ତ ଆବଶ୍ୟକ ଓ ଯଦି ଏହିପରି ଝିଅମାନଙ୍କ ସଂଖ୍ୟା ହ୍ରାସ ହୋଇଚାଲେ, ଯାହାଦ୍ୱାରା ସାମାଜିକ ସମସ୍ୟା ବଢିଚାଲିବ ଯେପରି କି ଧର୍ଷଣ, ମହିଳା ଚାଲାଣ, ଏକାଧିକ ପତି ଗ୍ରହଣ, ମହିଳା ବିରୋଧରେ ହିଂସାକୁ ବହୁ ଭାବରେ ପ୍ରଶୟ ଦେବା, ଏସବୁକୁ ରୋକିବାକୁ ହେଲେ ଲିଙ୍ଗଗତ ଅସମାନତା ସମସ୍ୟାକୁ ରୋକିବାକୁ ପଡିବ ବୋଲି ସେ ବକ୍ତବ୍ୟ ରଖିଥିଲେ ଓ ଜିଲ୍ଲା ଆକାଉଣ୍ଟ ମ୍ୟାନେଜର ନୀଳମାଧ୍ୱ ରଥ ଲିଙ୍ଗଗତ ଅସମାନତା ଭବିଷ୍ୟତରେ ଅନେକ ସାମାଜିକ ସମସ୍ୟା ସୃଷ୍ଟି କରିବ, ତେଣୁ ଆମେ ସମସ୍ତେ ମିଶି ସଚେତନତା କରିବା ଲିଙ୍ଗ ନିରୂପଣ ଓ ଚୟନ ରୋକିବା, ମାନବ ଜାତିକୁ ବଞ୍ଚାଇ ଏକ ସୁସ୍ଥ ସମାଜ ଗଢିବାରେ ସହାୟକ ହେବା ବୋଲି କହିଥିଲେ ଓ ଡଃ: ଜ୍ୟୋତିର୍ମୟୀ ମହାନ୍ତି ନିଜ ଅଭିଭାଷଣରେ ଏବେ ସମାଜରେ ଲିଙ୍ଗ ନିରୂପଣ ଓ କନ୍ୟା ଭୃଣ ହତ୍ୟା ଭଳି ଘୃଣ୍ୟ ପ୍ରଥାକୁ ଏବେଠୁ ଯଦି ରୋକାନଯାଏ, ତେବେ ଭବିଷ୍ୟତରେ ଅନେକ ସାମାଜିକ ସମସ୍ୟା ସୃଷ୍ଟି ହେବ ଓ ଉତ୍ପାଦନକାରୀ ଜନସଂଖ୍ୟାର ଅଭାବ ପୁରୁଷଙ୍କ କାର୍ଯ୍ୟଦକ୍ଷତାକୁ ବାଧା ଦେବ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠି କହିଲେ ଯେ ଆମ ସମାଜର ହୀନ ମାନସିକତା ଯୋଗୁ ଲିଙ୍ଗ ନିରୂପଣ ଓ କନ୍ୟା ଭୃଣହତ୍ୟା ଭଳି ପ୍ରଥା ଯୋଗୁ ପ୍ରତି ୧୦୦୦ ପୁରୁଷ ଶିଶୁଙ୍କ ତୁଳନାରେ ମାତ୍ର ୯୧୩ ଜଣ କନ୍ୟା ଶିଶୁ ଜନ୍ମ ଗ୍ରହଣ କରୁଛନ୍ତି, ଫଳରେ ଭବିଷ୍ୟତରେ ଲିଙ୍ଗଗତ ବୈଷମ୍ୟ ଓ ଏହାର ପ୍ରଭାବରେ ସାମାଜିକ ସମସ୍ୟା ସବୁ ଉତ୍କଟ ହେବାର ଆଶଙ୍କା ଉପୁଜିଲାଣି, ତେଣୁ ଏବେଠୁ ସମସ୍ତେ ସଚେତନ ହେବଓ ଉଚିତ ଓ ଅନ୍ଧବିଶ୍ୱାସ ରୂପକ ମାନସିକତାରୁ ଦୂରେଇରହି ଯଥା ବଂଶରକ୍ଷା, ମୃତ୍ୟୁ ପରେ ମୁଖାଗ୍ନି ଦେବା, ଦାରିଦ୍ର୍ୟତା, ନିରକ୍ଷରତା ଇତ୍ୟାଦି, ଶିଶୁ କନ୍ୟାକୁ ଜନ୍ମ ହେବାକୁ ଦିଅନ୍ତୁ, ପ୍ରଥମେ ପରିବାର ତାପରେ ସମାଜ, ସମସ୍ତେ ଝିଅମାନଙ୍କୁ ସମାନ କରିପାରିଲେସୁସ୍ଥ ସମାଜ ଗଠନ ହବ ବକ୍ତବ୍ୟ ରଖିଥିଲେ।


ଆସିଷ୍ଟାଣ୍ଟ ମ୍ୟାନେଜର ସ୍ୱସ୍ତି ମହାନ୍ତି ପ୍ରସବ ପୂର୍ବରୁ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କଲେ କ'ଣ ସବୁ ଆଇନଗତ ଦିଗ ଅଛି ଓ ଆମ ଜିଲ୍ଲାରେ କ'ଣ କାର୍ଯ୍ୟକ୍ରମ ହୋଇଛି। ସେ ବିଷୟରେ ଏକ ପ୍ରେଜେଣ୍ଟସନ କରିଥିଲେ ଓ ତାପରେ ସମସ୍ତେ ଶପଥ ଗ୍ରହଣ କରିଥିଲେ ପୁଅ ଝିଅ ମଧ୍ୟରେ କୌଣସି ବାଛ ବିଚାର ନ ରଖି, ସମାଜରେ ଲିଙ୍ଗଗତ ସମାନତା ଆଣିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିବା ସହ ଝିଅମାନଙ୍କୁ ସଶକ୍ତ କରି ସମାଜରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସମସ୍ତଙ୍କୁ ସଚେତନ କରିବାକୁ ଚେଷ୍ଟା କରିବେ ଓ ଯେଉଁ ୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୩-୨୪ ବର୍ଷରେ ଅଧିକ ଝିଅ ଜନ୍ମ ଗ୍ରହଣ କରିଥିଲେ ଯଥା : କୁଜଙ୍ଗ, ବାଲିକୁଦା ଓ ଏରସମାଙ୍କୁ ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ଓ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ଟ୍ରଫି ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ପରିଚାଳନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ସ୍ତରରୁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପେରିଟେଣ୍ଡେଣ୍ଟ, ପି.ଏଚ.ଇ.ଓ , ବି.ପି.ଏମ., ଆସିଷ୍ଟାଣ୍ଟ ମ୍ୟାନେଜର ପାର୍ଥସାରଥୀ କରଶର୍ମା, ମନୋରଞ୍ଜନ ମହାପାତ୍ର, ନର୍ସିଂ ଅଫିସର, ବିଜୟଲକ୍ଷ୍ମୀ ସାମଲ, ରାଜେନ୍ଦ୍ର ସେଠୀ ଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ବନ୍ଧୁକ ତିଆରି କାରଖାନା ଠାବ ବିପୁଳ ବିସ୍ଫୋରକ ଜବତ



ମାଲକାନଗିର (ପିପିଏସ୍): ମାଲକାନଗରିରି ଜିଲ୍ଲା ସୀମାନ୍ତ ସୁକୁମା ଜିଲ୍ଲା ପୁଲିସକୁ ମିଳିଛି ଆଉ ଏକ ସଫଳତା। ସୀମାନ୍ତ ବର୍ତ୍ତି ଅଞ୍ଚଳରେ ମାଓ ବଡ଼ଧରଣର ହିଂସାକାଣ୍ଡ ଘଟାଇବା ପାଇଁ ଚଳାଇଥିବା ଯୋଜନାକୁ ଭଣ୍ଡୁର କରିଦେଇଛନ୍ତି ଯବାନମାନେ। ସୀମାନ୍ତ ଜଙ୍ଗଲରେ ମାଓବାଦୀଙ୍କ ବନ୍ଧୁକ ତିଆରି କାରଖାନା ଠାବ କରିବା ସହିତ ବନ୍ଧୁକ ତିଆରି ସାମଗ୍ରୀ, ଜେନେରେଟର, ପ୍ରେସର ବମ୍, ଗୋଳାବାରୁଦ ଜବତ କରିଛନ୍ତି ଯବାନମାନେ। ସୀମାନ୍ତ ଛତିଶଗଡ଼ରେ ଜୋରଦାର ଚାଲିଛି ମାଓ ଅପରେସନ୍। ମାଓଗଡ଼ ଭାଙ୍ଗିବାକୁ ସର୍ଚ୍ଚ ଅପରେସନ୍ କରୁଛନ୍ତି ଯବାନ। ଏହାରି ଭିତରେ ଓଡିଶା ଛତିଶଗଡ଼ ସୀମାରୁ ଆଉ ଏକ ବନ୍ଧୁକ ତିଆରି କାରଖାନା ଠାବ ହୋଇଛି। ସୁକୁମା ମାଲକାନଗିରି ସୀମାରୁ ବନ୍ଧୁକ ତିଆର କାରଖାନା ଠାବ କରିଛନ୍ତି ଯବାନ। ବନ୍ଧୁକ ତିଆରି ସାମଗ୍ରୀ ସହ ୨୧ଟି ପ୍ରେସର ବମ, ବିଜିଏଲ ବୋମା, ଜେନେରେଟର, ଓ୍ୱେଲଡିଙ୍ଗ ମେସିନ, ଲେଥ୍ ମେସିନ ସାମଗ୍ରୀ ଜବତ ହୋଇଛି। ବନ୍ଧୁକ ତିଆରି ସରଂଜାମ ସହ ଗୋଳାବାରୁଦ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସୁକୁମା ଜିଲ୍ଲା ମେଟାଗୁଡା ଓ ଦୁଲେଡ ଜଂଗଲରେ କୁମ୍ବିଂ ଅପରେସନ୍ ବେଳେ କୋବ୍ରା ଓ ସିଆରପିଏଫ୍ ଯବାନମାନେ ଏହି ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

# ଶିଳ୍ପକ୍ଷେତ୍ର ଓ ଖଣି ସୁରକ୍ଷା ସମୀକ୍ଷା ବୈଠକ



ସୁନ୍ଦରଗଡ଼,(ପିପିଏସ୍): ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଥିବା ଶିଳ୍ପ ପ୍ରତିଷ୍ଠାନ ଏବଂ ଖଣିମାନଙ୍କରେ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ, ସୁନ୍ଦରଗଡ଼ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲାଇ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା , ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାର ବିଭିନ୍ନ କମ୍ପାନୀର ଅଧିକାରୀ ତଥା ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ମହାଜନ ଗତ ସପ୍ତାହରେ ରାଜଗାଙ୍ଗପୁରସ୍ଥିତ ଡିସିବିଏଲ କମ୍ପାନୀରେ ଘଟିଥିବା ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ କରିଥିଲେ ଏବଂ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ସହିତ ସେ କଳକାରଖାନା ଏବଂ ଖଣି ମାନଙ୍କରେ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ନିୟମିତ ଭାବେ ଯାଞ୍ଚ କରାଯିବା ଏବଂ କୌଣସି ଭୁଲ ତ୍ରୁଟି ରହିଥିଲେ ତୁରନ୍ତ ତାହାକୁ ସୁଧାରିବା, ନିୟମିତ ଭାବେ ନିରାପତ୍ତା ଅଡ଼ିଟ କରାଯିବା ଏବଂ କାରଖାନା ମାନଙ୍କରେ ମୋକଡ୍ରିଲ କରାଯିବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସବୁ ଅନୁପାଳନ କରିବା ଦ୍ୱାରା କାରଖାନା ରେ କଣ କଣ ସବୁ ଅସୁବିଧା ରହିଛି କିମ୍ବା ଯନ୍ତ୍ରାଂଶ ଗୁଡ଼ିକର କ୍ଷମତା ମଧ୍ୟ ଜଣା ପଡ଼ିବ ଏବଂ ତାହାର ପ୍ରତିକାର କରାଯାଇ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି କହିଥିଲେ।ସେହିଭଳି ସମସ୍ତ କାରଖାନା ଗୁଡ଼ିକ ଆସନ୍ତା ଏକ ମାସ ଭିତରେ ମୋକଡ୍ରିଲ୍ କରିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଥିଲେ। କାରଖାନାମାନଙ୍କ ରେ କର୍ମଚାରୀ ଏବଂ ଶ୍ରମିକ ମାନେ କିଭଳି ସୁରକ୍ଷିତ ବାତାବରଣ ମଧ୍ୟରେ କାର୍ଯ୍ୟ କରିବେ ସେନେଇ କମ୍ପାନୀ କର୍ତ୍ତୃପକ୍ଷ ମାନେ ଧ୍ୟାନ ଦେବା ସହିତ ଏବଂ ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଶ୍ରମ ଏବଂ ଇଏସଆଇ ବିଭାଗ ଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା ର ସଠିକ ଅନୁପାଳନ କରାଯିବା ନେଇ ମଧ୍ୟ କହିଥିଲେ। ସେହିଭଳି ଜିଲ୍ଲାପାଳ ଶ୍ରୀ ମହାଜନ କଳକାରଖାନା ମାନଙ୍କରେ କୌଣସି ଅଘଟଣ ଘଟିଲେ ତୁରନ୍ତ ସଠିକ୍ ସୂଚନା ପ୍ରଦାନ କରାଯିବା ନେଇ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦିବାକର ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଠିକ୍ ସୂଚନା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଭୁଲ ସୂଚନା ପ୍ରଦାନରୁ କର୍ତ୍ତୃପକ୍ଷମାନେ ଦୂରେଇ ରୁହନ୍ତୁ ବୋଲି ଏବଂ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ବୋଲି କହିଥିଲେ। ବୈଠକ ରେ କାରଖାନା ଓ ବାଷ୍ପିତ୍ର ରାଉରକେଲା ର ଡିଭିଜନ ର ଉପନିର୍ଦ୍ଦେଶକ ଶ୍ରୀ ବିଭୁ ପ୍ରସାଦ କାରଖାନା ଅଧିନିୟମ ୧୯୪୮ ( the factories act) , ବାଷ୍ପିତ୍ର ଅଧିନିୟମ ୧୯୨୩(the boileres act) , ଓଡ଼ିଶା କାରଖାନା ଅଧିନିୟମ ୧୯୫୦ ଆଦି ପ୍ରମୁଖ ଅଧିନିୟମ ଗୁଡିକ ଉପରେ ଉପସ୍ଥାପନ କରିଥିଲେ ଏବଂ କଳକାରଖାନା ମାନଙ୍କରେ କିଭଳି ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରାଯିବ, କେଉଁ କେଉଁ ଦିଗ ପ୍ରତି ସତର୍କତା ଅବଲମ୍ବନ କରାଯିବ, ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ଉପସ୍ଥାପନ କରିଥିଲେ। ସେହିଭଳି କର୍ମଚାରୀ କ୍ଷତିପୂରଣ ଅଧିନିୟମ, କମ୍ପାନୀ କର୍ତ୍ତୃପକ୍ଷ ମାନଙ୍କ କର୍ମଚାରୀ ଏବଂ ଶ୍ରମିକ ମାନଂକ ପ୍ରତି ଉତ୍ତରଦାୟିତ୍ୱ, ସେମାନଙ୍କ ପାଇଁ କାରଖାନା ମାନଙ୍କରେ ସମସ୍ତ ଅତ୍ୟାବଶ୍ୟକୀୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବା, ଶ୍ରମିକ ମାନେ କିଭଳି ଭାବେ ନିରାପଦ ରେ କାମ କରିବେ, କୌଣସି ଯନ୍ତ୍ର ବା ମେସିନ କୁ ଚଳାଇବା ପୂର୍ବରୁ କର୍ତ୍ତୃପକ୍ଷ ମାନଙ୍କ ଦ୍ୱାରା ତାହାର ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦେବା, ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିବା, ସି ସି ଟିଭି ବ୍ୟବସ୍ଥା, ଗ୍ୟାସ , ଅଗ୍ନି ସୁରକ୍ଷା ବ୍ୟବସ୍ଥା ଆଦିର ପରିଚାଳନା ଆଦି ଉପରେ ଉପସ୍ଥାପନା କରିଥିଲେ। ସେହିଭଳି ଜିଲ୍ଲା ରେ ଶିଳ୍ପ ଦୁର୍ଘଟଣା କୁ ରୋକିବା ନିମନ୍ତେ ରୋଡ ମ୍ୟାପ ଓ ରଣନୀତି ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା । ପରେ ପରେ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା କାରଖାନା ମାନଙ୍କରେ ସୁରକ୍ଷା ଓ ସତର୍କତା ଅବଲମ୍ବନ ନେଇ ପି ପି ଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବଲାଙ୍ଗିର : ବଲାଙ୍ଗୀର ସ୍ଥିତ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଦଭାବନା ପ୍ରମୁଖ ଦିଲୀପ କୁମାର ମିଶ୍ର ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।ଏହାପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରା ଯାଇଥିଲା । ଶିଶୁ ବକ୍ତା ସ୍ୱିକୃତି ରାଣୀ କର୍ମି, ରୁତୁପର୍ଣ୍ଣା ରଣା ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଗୁରୁଜୀ ବକ୍ତା ନାରାୟଣ ପୋଦ୍ ଦୁଇ ମହାନ ବୀର ପୁରୁଷଙ୍କ ମହାନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ ।ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ ସମସ୍ତ ଭାରତ୍ୱାସୀ ରାଷ୍ଟ୍ରନିର୍ମାଣ ଦିଗରେ ସଦାସର୍ବଦା ଲାଗି ରହିବା ଉଚିତ୍ । ବିଦ୍ୟାଳୟର ସଭାପତି ଡ.ଭବାନୀଶଙ୍କର ପଟେଲ ନିଜର ଆର୍ଶିବଚନ ପ୍ରଦାନ କରିଥିଲେ ।ସଂଯୋଜନା ଛାତ୍ରୀ ପ୍ରତୀକ୍ଷା ସାହୁ,ଧର୍ଷିତା ସିଂ ଓ ଛାତ୍ର ଅବିନାଶ ପଣ୍ଡା କରିଥିଲେ । ମଂଚାସୀନ ଅନ୍ୟ ଅତିଥିଙ୍କ ମଧ୍ୟରେ ସଂପାଦକ ତରଣୀସେନ ପଟେଲ ଉପସ୍ଥିତ ଥିଲେ ।ଶେଷରେ ଗୁରୁମା ମମତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହିପରି ଗୁରୁମା ପ୍ରତିମା ରାଉତଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସଂପୂର୍ଣ୍ଣ ହୋଇଥିଲା ।

# ଜାତୀୟ ସ୍ୱାସ୍ଥ୍ୟ ମିଶନର ଯୋଗ ଶିକ୍ଷକଙ୍କ ସମ୍ମିଳନୀ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଯୋଗ ସମିତି ଜାତୀୟ ସ୍ୱାସ୍ଥ୍ୟ ମିଶନର ଯୋଗ ଶିକ୍ଷକ ଙ୍କ ଏକ ଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସୋନପୁର ସଦର ମହକୁମା ସ୍ମାର୍ଟ ପାର୍କ ର ଯୋଗ ମଣ୍ଡପ ରେ ଅନୁଷ୍ଠିତ ଏବଂ ସି ଡି ଏମ ପି ଏଚ ଓ ଡ଼ା ପ୍ରଦୀପ ଗରୁ ଙ୍କ ତତ୍ୱାବଧାନରେ ଆୟୋଜିତ ଏ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗ ର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ବିଶ୍ୱମ୍ଭର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ , ମୁଖ୍ୟ ବକ୍ତା ଅଧାପକ ମଦନ ସୁନ୍ଦର କ୍ଷେତୀ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଯୋଗ ଶିକ୍ଷକ ଙ୍କ ପ୍ରଚେଷ୍ଟା ଓ ଉଦ୍ୟମକୁ ପ୍ରଶଂସା କରିବା ସହିତ ସମଗ୍ର ଜିଲ୍ଲାର କୋଣ ଅନୁକୋଣ ରେ ବ୍ୟାପକ ଯୋଗ ପ୍ରଚାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଦିନକୁ ଦିନ ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା ଓ କ୍ରୋନିକ ରୋଗର ନିବାରଣ ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ସମସ୍ତ ଅତିଥି ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ପାର୍କ ର ଯୋଗ ସଂଯୋଜକ ମନୋ ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ କରି ସଭା ସଂଯୋଜନା କରିଥିବା ବେଳେ ଯୋଗ ଗୁରୁ ମନୋଜ୍ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ରଖି ଥିଲେ । ଯୋଗ ସମିତି ର ସଂଯୋଜକ ପରେଶ୍ ମେହେର, ରବୀନ୍ଦ୍ର ଜେନା ସହଯୋଗ କରିଥିଲେ । ଶେଷରେ ଯୋଗ ଶିକ୍ଷକ ଅଚ୍ୟୁତାନନ୍ଦ ପୁଜାହାରୀ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ରମେଶ ଚନ୍ଦ୍ର ସାଇଁ, ଏଡିଏମଓ ଡ଼ା.ଦୈତ୍ୟ ନାରାୟଣ ପାଢ଼ୀ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ମନୋଜ କୁମାର ଅଦାବର , ସୋନପୁର କଲେଜ୍ ଏନସିସି ଲ୍ୟାଫ୍ଟନେଂଟ ଅଧାପକ ଆଶିଷ ଅଗ୍ରୱାଲ , ଆଇନ ଜିବୀ ପ୍ରଦୀପ ପୁରୋହିତ ପହଂଚି ଯୋଗ କୁ ଗାଁ ଗାଁ ରେ ପ୍ରତି ପାରିବାର ରେ ପହଂଚାଇ ଏକ ସୁସ୍ଥ ସମାଜ ଗଠନ କରିବାକୁ ଯୋଗ ଶିକ୍ଷକ ଙ୍କୁ ପରାମର୍ଶ ଓ ଉତ୍ସାହିତ କରିଥିଲେ । ଯୋଗ ସମିତି, ସ୍ୱଚ୍ଛ ଭାରତ କର୍ମକର୍ତା ଓ ସୋନପୁର କଲେଜ୍ ଏନ୍ ସି ସି ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୋଗ ସଂଯୋଜକ ମନୋଜ ପଣ୍ଡା, ଯୋଗ ଶିକ୍ଷକ ବିଶ୍ୱଜିତ୍ ଚାନ୍ଦ, ଦୀପ୍ତିରଞ୍ଜନ କର୍ଣ୍ଣ,ଡାକ୍ତର କ୍ଷେତି, ସାଗରିକ ସାହୁ, ସୁଜାତା ସାହୁ , ମିନାକ୍ଷୀ ସାହୁ ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ । ପାର୍କ ର କେୟାର ଟେକର ହରି ଶଙ୍କର ଚୌଧୁରୀ ଓ ଅନ୍ୟ କର୍ମଚାରୀ ସହାଯୋଗ କରିଥିଲେ ।

# ନିଖୋଜ ପ୍ରେମୀଯୁଗଳଙ୍କ ଶବ ଉଦ୍ଧାର

## ପୋଲିସ୍ କରୁଛି ତଦନ୍ତ

ମାଲକାନଗିରି (ପିପିଏସ୍): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଗମ୍ପାକୋଣ୍ଡା ପଞ୍ଚାୟତର ଏମପିଭି-୨୦ ଗ୍ରାମ ନିକଟସ୍ଥ ପାହାଡ଼ ନିକଟରୁ ପ୍ରେମୀଯୁଗଳଙ୍କ ଶବ ଉଦ୍ଧାର ହୋଇଛି । ଉଭୟ ପ୍ରେଣୀଯୁଗଳ ତୁମକିମାଡ଼କା ଗ୍ରାମର ବୋଲି ଜଣାପଡ଼ିଛି। ଗତ ରବିବାରଠାରୁ ନିଖୋଜ ଥିଲେ ଏହି ପ୍ରେମୀଯୁଗଳ। କାଲିମେଲା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ତୁମକିମାଡ଼କା ଗ୍ରାମର ମାଲା ପଡ଼ିଆମୀଙ୍କ ପୁଅ ପଦ୍ମ ପଡ଼ିଆମୀ ଓ ସେହି ଗ୍ରାମର ପଦିଆ ମାଡ଼କାମୀଙ୍କ ଝିଅ ବିଥିକା ମାଡ଼କାମୀ ରବିବାର ଅପରାହ୍ନରୁ ନିଖୋଜ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନଥିଲା। ଉଭୟ ପରସ୍ପରକୁ ଭଲ ପାଉଥିଲେ ମଧ୍ୟ ପରିବାର ଲୋକ ଏହାକୁ ଗ୍ରହଣ କରିବାକୁ ରାଜିନଥିବା ଜଣାପଡ଼ିଛି। ଫଳରେ ଉଭୟ ଏକାଠି ଆତ୍ମହତ୍ୟା କରିବା ପାଇଁ ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇ ସେହିଦିନ ହିଁ ଉଭୟ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । କିଛି ଲୋକ ଏମ୍ପିଭି-୨୦ ପାହାଡ଼ ନିକଟରେ ଥିବା ଜଙ୍ଗଲକୁ ଯାଇଥିବାବେଳେ ସେଠାରେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଏହାପରେ ଏକ ଗଛରେ ଉଭୟ ଯୁବକ ଯୁବତୀ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା । ଉଭୟ ପରିବାର ଲୋକ ଖବରପାଇ ଘଟଣାସ୍ଥଳକୁ ଯାଇ ଶବ ଚିହ୍ନଟ କରିଥିଲେ । ଏହାପରେ ପୁଲିସ ଉଭୟ ପରିବାରକୁ ଡାକି ପଚରାଉଚୁରା କରୁଥିବା ସୂଚନା ମିଳିଛି ।

# ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପ୍ରସ୍ତୁତି

କେନ୍ଦୁଝର , (ପିପିଏସ୍): ସିଏସ୍ ହାଇସ୍କୁଲ୍, ବୋଦାପଳସା ପ୍ରାଙ୍ଗଣରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାମ୍ବର ମହାନ୍ତଙ୍କ ସଭାପତିତ୍ୱରେ ଏକ ବୈଠକ ଆୟୋଜିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉତ୍ସବର ଆୟୋଜନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସଭାରେ ସମସ୍ତ ଅଂଶଗ୍ରହୀଙ୍କର ସହମତି ଅନୁସାରେ ଏହି ଉତ୍ସବ ଉପଲକ୍ଷେ ଏକ ଶେଷ ସଭା ଆଗାମୀ ଫେବୃଆରୀ ମାସ ୯ ତାରିଖ ରେ ଆୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି ।ଉକ୍ତ ସଭା ରେ ସର୍ବଶ୍ରୀ ବନବିହାରୀ ଦାସ, ଅକ୍ଷୟ କୁମାର ଦାସ, ପ୍ରତ୍ୟୁଷ କପଟ୍ଟନାୟକ ସମେତ ଅନେକ ପୁରାତନ ସଭ୍ୟ ଉପସ୍ଥିତ ଥିଲେ ଏବଂ ସେମାନେ ସ୍କୁଲର ୧୦୦ ବର୍ଷ ପୂର୍ତ୍ତି ପାଇଁ ଅନେକ ପ୍ରସ୍ତାବ ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି ।ପ୍ରଧାନ ବିଷୟ ଥିଲା ସମସ୍ତ ସ୍କୁଲ ପୁରୁଣା ଛାତ୍ରମାନେ ସହ ଏହି ଉତ୍ସବରେ ସମ୍ମିଳିତ ହୋଇ ଅନୁଷ୍ଠାନର କୁ ଆହୁରି ଆଗକୁ ନେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବା। ବିଶେଷ ଭାବେ, ଏହି ସଭାରେ ସ୍କୁଲ ପାଠାଗାର ଓ ଖେଳ ପଡିଆ କୁ କିପରି ଉନ୍ନତ ତର କରାଯାଇ ପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଛି ।ସମସ୍ତ ପ୍ରାକ୍ତନ ଛାତ୍ରମାନେ ଏହି ଉତ୍ସବକୁ ସଫଳ କରିବା ପାଇଁ ଅଧିକ ସଂଖ୍ୟାରେ ଯୋଗଦେବାର ଆହ୍ୱାନ କରାଯାଇଛି ।

# କୋରାପୁଟ ସଦର ମହକୁମାରେ ନେତାଜୀ ଜୟନ୍ତୀ

ଜୟପୁର : କୋରାପୁଟ ସଦର ମହକୁମାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ,ତହସିଲଦାର ତଥା କୋରାପୁଟ ପୌର ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ଡେପୁଟି କଲେକ୍ଟର ଦେବେନ୍ଦ୍ର କୁମାର ରାଉତ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର,ପୂର୍ବତନ ବିଧାୟକ ନିମାଇଁ ସରକାର,ବିଜେପି ମଣ୍ଡଳ ସଭାପତି ୱାଇ ସତ୍ୟ ନାରାୟଣ, ବିଜେପି ନେତା ଶ୍ରୀଧର ପଟ୍ଟନାୟକ,ଅଧାପକ ରବି ଶତପଥି, କଂଗ୍ରେସ ନେତା ରୂପକ ତୁରୁକ, ସମାଜସେବୀ ଲଳିତ ମୋହନ ପଟ୍ଟନାୟକ, ଅରୁଣ କୁମାର ଦାସ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ କରିଥିଲେ ।କୋରାପୁଟ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ଯୋଗଦେଇ ପରିଚାଳନା କରିଥିଲେ।

# ତୃତୀୟ ବିମଲେଇ ମହୋତ୍ସବ ଉଦ୍‌ଘାଟିତ

ବଲାଙ୍ଗିର: ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ମିନି ଷ୍ଟାଡିୟମ ଠାରେ ତୃତୀୟ ବିମଲେଇ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବର ସଭାପତି ଭରତଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ପୁଇଁତଲା ବ୍ଲକ ଚେୟାରମ୍ୟାନ ସରୋଜ ପ୍ରଧାନ ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଜାତିକୁ ତାର ଲୋକକଳା ଗୌରବାନ୍ୱିତ କରିଥାଏ ଏବଂ ସଂସ୍କୃତିର ପରିଭାଷାକୁ ଦ୍ୱିଗୁଣିତ କରିଥାଏ ବୋଲି କହିବା ସହ ଏକତା ବଜାୟ ରହିଲେ ସଫଳତା ମିଳେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜକିଶୋର ପଣ୍ଡା ଯୋଗଦେଇ ମହୋତ୍ସବର ଆୟୋଜକ ମାନଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସ୍ଥାନୀୟ କଳାକାର ମାନଙ୍କ ପାଇଁ ଏ ମହୋତ୍ସବ ନିଜର କଳାକୁ ଦେଖେଇବାର ପ୍ରକୃଷ୍ଟ ମଂଚ ବୋଲି କହିବା ସହ ସ୍ଥାନୀୟ ଅଂଚଳର ଶିକ୍ଷାର ବିକାଶ ଦିଗରେ ବିଲେଇସର୍ଡାର ବରପୁତ୍ର ରାଧାଶ୍ୟାମ ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ବିଲେଇସର୍ଡା ସରପଂଚ ସୁଶାନ୍ତ ଛତ୍ରିଆ ନିଜ ବକ୍ତବ୍ୟରେ ଲୋକକଳା ଲୋକ ସଂସ୍କୃତିର ଜୀବନ୍ତ ବାର୍ତ୍ତାବହ ଓ ଏହାର ଭୂମୀକା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜବାହାର ଲାଲ ସରକାରୀ ଉଚ୍ଚବିଦ୍ୟାଳୟ ର ଛାତ୍ରୀ ଆଦ୍ୟାଶା, ଲିପ୍ସା, ମୌସୁମୀ, ସୁନେନା, ସେବତୀ, ଆଦ୍ୟାସାଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଓ ସନ୍ଥ ଦିବ୍ୟଜୀବନ ଗୁରୁକୁଳର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ଜ୍ୟୋତିପ୍ରକାଶ ସାହୁ କାର୍ଯ୍ୟକ୍ରମ ର ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ କିଶୋର ବିଶ୍ୱାଳ । ସଭାପରେ କଂସ ଦରବାର ବସିଥିଲା। ଗୋପାଳ ଦାସ କଂସ ଭୂମୀକାରେ ଅଭିନୟ କରିଥିଲେ। କଂସ ଦରବାର ରେ ଜ୍ୟୋତିଧାରା କଳା ପରିଷଦ ବେଲବାହାଲିରର କୁନି କଳାକାର ମାନଙ୍କ ଦ୍ୱାରା ଦଳଗତ ନୃତ୍ଯ ,ରାଜନନ୍ଦିନୀ ପଟ୍ଟନାୟକଙ୍କ ଏକକ ନୃତ୍ୟ, ଓମ୍ ବାଗ ଓ ତୃପ୍ତୀ ପ୍ରଧାନଙ୍କ ଦଳଗତ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ କଳାକାର ନିଜର କଳା ପ୍ରଦର୍ଶନ କରିବେ ବୋଲି ବିମଲେଇ ମହୋତ୍ସବ ଆୟୋଜନ କମିଟୀ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

# ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

କନ୍ଧମାଳ (ହି.ସ.) ଚଳିତ ଶିକ୍ଷାବର୍ଷ ୨୦୨୪–୨୫ ସରକାରୀ ବୃତ୍ତି ୯ମ ଶ୍ରେଣୀର ଫଳାଫଳ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଛି। ଉକ୍ତ ପରୀକ୍ଷାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ନବମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ୭ ଜଣ ବୃତ୍ତି ପାଇ ସମଗ୍ର ଜିଲ୍ଲାରେ ହଇଚଇ ସୃଷ୍ଟି କରିଛନ୍ତି ।ସେମାନେ ହେଲେ ଅଭିଷେକ ମହାପାତ୍ର, ପ୍ରତ୍ୟାଶା ପ୍ରିୟଦର୍ଶିନୀ ସାହୁ, ଶକ୍ତିମାନ ବେହେରା, ସ୍ମୃତି ଆଞ୍ଚଲ ଦିଗାଲ, ସୋମ୍ୟା ପ୍ରିୟ ଦର୍ଶନି ମୁଖୀ, ନନ୍ଦିତା ମଲ୍ଲିକ, ନମ୍ରତା ପ୍ରଧାନ ପ୍ରମୁଖ କୃତିତ୍ୱ ହାସଲ କରି ଅନୁଷ୍ଠାନକୁ ଗୌରବାନିତ୍ୱ କରିଛନ୍ତି। ।ଉକ୍ତ କୃତି ଛାତ୍ରଛାତ୍ରୀ ମାନଙ୍କ ପଶ୍ଚାଦ ପଟରେ ଥିବା ଶୁଭେଚ୍ଛୁ, ଆଚାର୍ଯ୍ୟ, ଆଚାର୍ଯ୍ୟା, ଅଭିଭାବକ, ଅଭିଭାବିକା ତଥା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ପରିଚାଳନା ସମିତି ସହିତ ଉକ୍ତ ଛାତଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ପ୍ରକାଶ ଥାଉ କି ଏହି ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ବାଟିକା ଠାରୁ ଆରମ୍ଭ କରି ବିଦ୍ୟା ମନ୍ଦିର ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟକ୍ରମ ଶିକ୍ଷା ସହିତ ଶାରୀରିକ, ନୈତିକ, ବୌଦ୍ଧିକ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥାଏ। ତେଣୁ ପ୍ରତି ବର୍ଷ ଏହି ଅନୁଷ୍ଠାନ ସମଗ୍ର ଜିଲ୍ଲାରେ ବୃତ୍ତି ପାଇବା ସହିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ଲାଭ କରିବା ସହ ଅଧିକ ଏ(୧) ନମ୍ବର ରଖି କୃତକାର୍ଯ୍ୟ ହେଉଛନ୍ତି ବୋଲି ମତ ପ୍ରକାଶ ପାଉଛି ।

# 'ଭାରତ ହେଁ ହମ୍' ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା

ମାଲକାନଗିରି,(ପିପିଏସ୍): କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ରେ ବିଦ୍ୟାଳୟ ଅଧକ୍ଷ ଡ଼ କୈଳାଶ ମୀନାଙ୍କ ଅଧକ୍ଷତା ରେ 'ଭାରତ ହେଁ ହମ'ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କ ଜନ୍ମ ଜୟନ୍ତୀ ଏବଂ ପରାକ୍ରମ ଦିବସ ଉପଲକ୍ଷେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଧାପକ ଡ଼ ରଞ୍ଜନ କୁମାର ସାଇଁ ମୁଖ୍ୟ ଅତିଥି ରୁପେ ଯୋଗଦେଇ ପ୍ରତିଯୋଗୀ ଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ଏହି ପ୍ରତିଯୋଗିତା ରେ ମାଲକାନଗିରି ର ୧୧ ଟି ବିଦ୍ୟାଳୟ ରୁ ୧୦୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ପ୍ରତିଯୋଗିତା ରେ ଜବାହର ନବୋଦୟ ବିଦ୍ୟାଳୟ ର ରଶ୍ମିତା କିରସାନି ପ୍ରଥମ ହୋଇଥିଲେ । କୃତି ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ଏବଂ ସମସ୍ତ ପ୍ରତିଯୋଗୀ ଙ୍କୁ ଏଗଜାମ ୱାରିଅର ପୁସ୍ତକ ଦିଆଯାଇ ପୁରସ୍କୃତ କରାହେବ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଅମିତ ଦାସ ଏବଂ କଳା ଶିକ୍ଷକ ଆଦିତ୍ୟ ରାୟ ଏହି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ଏବଂ ପ୍ରାଥମିକ ଶିକ୍ଷକ ନିରଞ୍ଜନ କୁମାର, କମ୍ପ୍ୟୁଟର ଶିକ୍ଷିକା ଆଶ୍ରିତା ପଣ୍ଡା, ଇଂରାଜୀ ଶିକ୍ଷକ ନରେଶ ପ୍ରଧାନ ଏବଂ ସାମାଜିକ ବିଜ୍ଞାନ ଶିକ୍ଷକ ରଂଜିତ କୁମାର ପାତ୍ର କାର୍ଯ୍ୟକ୍ରମ କୁ ସଫଳ ହେବାରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦ୍ୱାରା ଅନୁପ୍ରାଣିତ ପରୀକ୍ଷା ପେ ଚର୍ଚ୍ଚା ଶୃଙ୍ଖଳା ର ଅନ୍ତର୍ଭୁକ୍ତ ।

# ନେତାଜୀ ସୁବାଷ ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ

ରାଉରକେଲା,(ପିପିଏସ୍): ରାଜଗାଙ୍ଗପୁର ସୁବାଷ ବୋଷ ଛକଠାରେ ସ୍ଥାପିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସୁବାଷ ବୋଷ କମିଟି ପକ୍ଷରୁ ୧୨୮ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ଡାକ୍ତର ସିଏସ ରାଜନ ଏକ୍କା, ସମ୍ମାନୀୟ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷା ମାଧୁରୀ ଲୁଗୁନ, ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ଥାନା ପ୍ରଭାରୀ ମନୋରଞ୍ଜନ ପ୍ରଧାନ ଯୋଗଦେଇ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲରୁ ଆସିଥିବା ଏନ୍‌ସିସି କ୍ୟାଡର ଛାତ୍ରଛାତ୍ରୀମାନେ ପ୍ୟାରେଡ୍ କରିଥିଲେ । କୁମାରୀ ତ୍ରୀରଙ୍ଗା ସେନାପତି ଏବଂ ପୱନ ଅହମ୍ମଦ ଦେଶାତ୍ମକ ସଙ୍ଗୀତ ଗାନ କରିଥିଲେ । ସମ୍ମାନୀୟ ଅତିଥି



ପୌରପାଳିକା ଅଧ୍ୟକ୍ଷା ସଙ୍ଗୀତ ମାଧ୍ୟମରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଉପରେ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଡାକ୍ତର ସିଏସ୍ ରାଜନ ଏକ୍କା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନାଦର୍ଶ ବିଷୟରେ ଆଲୋଚନା କରିବା ସହ ଜୟ ହିନ୍ଦ ଶବ୍ଦ ଆରମ୍ଭ କରି 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସାଧୀନତା ପ୍ରଦାନ କରିବି' ସ୍ଲୋଗାନ ଦେଇଥିବା ଏହି ମହାନ ବ୍ୟକ୍ତିତ୍ୱଙ୍କୁ ଆମ ଦେଶ କୌଣସି ସମୟରେ ଭୁଲିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଥାନା ପ୍ରଭାରୀ ମନୋରଞ୍ଜନ ପ୍ରଧାନ ନେତାଜୀଙ୍କ ଜୀବନୀ ଉପରେ ବିଶଦ ଭାଷଣ ଦେଇଥିଲେ। ସୁବାଷ ବୋଷ କମିଟି ପକ୍ଷରୁ ବିଧାୟକ ଡାକ୍ତର ସିଏସ ରାଜନ ଏକ୍କା, ପୌରପାଳିକା ଅଧ୍ୟକ୍ଷା ମାଧୁରୀ ଲୁଗୁନ, ଥାନା ପ୍ରଭାରୀ ଶ୍ରୀ ପ୍ରଧାନ, ଟ୍ରକମାଲିକ ସଙ୍ଘର ସାଧାରଣ ସମ୍ପାଦକ ରାଜେଶ ନନ୍ଦା, ବରିଷ୍ଠ କଂଗ୍ରେସ ନେତା ଅରୁଣ ସାମଲ ଓ ସୁରେଶ ଚନ୍ଦ୍ର ବାରିକଙ୍କ ସମେତ ପୌରପାଳିକାର କାଉନସିଲରମାନଙ୍କୁ ଉପଢ୍ୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୫।୦୧।୨୦୨୫ ■ ଶନିବାର

## ସପ୍ତାହାନ୍ତ ବିଚାର

# ଟ୍ରମ୍ପଙ୍କଠାରୁ ଆଶା ଓ ଆଶଙ୍କା

ଆମେରିକାର ୪୭ତମ ଓ ସବୁଠାରୁ ବୟସ୍କ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ନେଇ ଭାରତ ସମେତ ସମଗ୍ର ବିଶ୍ୱରେ ଉତ୍ସୁକତା ଏବଂ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି । ଇଉରୋପୀୟ ବୈଦେଶିକ ସଂପର୍କ ପରିଷଦ ପକ୍ଷରୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ୨୪ ଦେଶମାନଙ୍କର ନାଗରିକଙ୍କର ଏକ ସର୍ଭେ କରାଇଥିଲା, ଯହିଁରେ ଭାରତ, ଚୀନ, ପଶ୍ଚିମ ଏସିଆ, ବ୍ରାଜିଲ, ତୁର୍କୀ ଓ ଦକ୍ଷିଣ ଆଫ୍ରିକାର ଲୋକେ ଟ୍ରମ୍ପଙ୍କର କ୍ଷମତାସୀନ ହେବା ଘଟଣାକୁ ସ୍ୱାଗତ କରିଛନ୍ତି । ସେମାନଙ୍କର ମତ ହେଉଛି ଟ୍ରମ୍ପ ପ୍ରଶାସନ ଏସବୁ ଦେଶମାନଙ୍କ ପ୍ରତି ତଥା ବିଶ୍ୱ ଶାନ୍ତି ଲାଗି ଉତ୍ତମ ସାବ୍ୟସ୍ତ ହେବେ । ଟ୍ରମ୍ପଙ୍କ ପ୍ରତି ସବୁଠାରୁ ଅଧିକ ଲୋକପ୍ରିୟତା ଭାରତରେ ଦେଖିବାକୁ ମିଳିଛି ଯେଉଁଠି ୮୦ ପ୍ରତିଶତରୁ ଅଧିକ ଲୋକ ତାଙ୍କର ଶାସନକୁ ପ୍ରତ୍ୟାବର୍ତ୍ତନକୁ ଭଲ ଘଟଣା ବୋଲି କହିଛନ୍ତି । କିନ୍ତୁ ଏହାର ବିପରୀତରେ ଇଉରୋପ, ଦକ୍ଷିଣକୋରିଆ ଓ ତାଇୱାନ ଭଳି ଆମେରିକାର ମିତ୍ର ଦେଶର ଲୋକେ ଟ୍ରମ୍ପଙ୍କ ଗାଦିନସୀନ ହେବା ନେଇ ଚିନ୍ତା ପ୍ରକଟ କରିଛନ୍ତି । ସର୍ଭେରୁ ନିଷ୍କର୍ଷ ବାହାର କରାଯାଇପାରେ ଯେ ଆମେରିକାର ପାରମ୍ପରିକ ମିତ୍ର ଦେଶର ଲୋକେ ଟ୍ରମ୍ପଙ୍କର ପୂର୍ବ ସମୟରୁ ହୋଇଥିବା ଚୁକ୍ତି ଓ ସନ୍ଧିପତ୍ର ସବୁକୁ ତାତ୍କାଳିକ ଲାଭର ତରାଜୁରେ ତଉଲିକରି ଦେଖିବାର ନୀତିକୁ ନାପସନ୍ଦ କରୁଛନ୍ତି । ନିଜର ପୂର୍ବ କାର୍ଯ୍ୟକାଳରେ ସିଏ ନାଟୋ ମେଣ୍ଟ, ଦକ୍ଷିଣ କୋରିଆ, ଜାପାନ ଓ ତାଇୱାନର ସୁରକ୍ଷାକୁ ନେଇ ଜାତିସଂଘର ବିଭିନ୍ନ ସଂସ୍ଥାମାନଙ୍କରେ ଅନ୍ୟ ଦେଶମାନଙ୍କ ତୁଳନାରେ ଆମେରିକାର ବଡ଼ ଯୋଗଦାନର ଉପାଦେୟତା ଉପରେ ପ୍ରଶ୍ନ ଉଠାଇ ସାରିଛନ୍ତି, ସେମାନେ ସେ ପାଇଁ ମୂଲ୍ୟ ମଧ୍ୟ ମାଗି ସାରିଲେଣି ।

ଆମେରିକାର ମାର୍କେଟ ଶକ୍ତିକୁ ବାଣିଜ୍ୟ ଓ ସାମରିକ ସଉଦା ପାଇଁ ସବୁଠାରୁ ବଡ଼ ଅସ୍ତ୍ର ଭାବେ ଟ୍ରମ୍ପ ମାନି ଆସିଛନ୍ତି ଓ ଆମଦାନୀ ଶୁଳ୍କ ଲଗାଇବା ପାଇଁ ଧମକ ମଧ୍ୟ ଦେଇଆସିଛନ୍ତି । ତାଙ୍କର ମିତ୍ର ତଥା ଶତ୍ରୁ ଦେଶମାନଙ୍କ ଆଗରେ ସବୁଠାରୁ ବଡ଼ ଚାଲେଞ୍ଜ ହେଉଛି ତାଙ୍କର ନାଟକୀୟ ଅପ୍ରତ୍ୟାଶିତ ବ୍ୟବହାର ଯାହାକି ନୀତି ନିର୍ମାତାମାନଙ୍କ ଲାଗି ବଡ଼ ଅଡୁଆରେ ପକାଉଦେଉଛି । ସିଏ ଏହା ସହିତ ଆଉ କେତେକ ନୂଆ ଚାଲେଞ୍ଜ ମଧ୍ୟ ଯୋଡ଼ି ଦେଇଛନ୍ତି । ଆମେରିକାରେ ନିର୍ଭରଯୋଗ୍ୟ, ଅନୁଗତ ନାଟୋ ମିତ୍ର ଡେନମାର୍କ ଏବେ ବ୍ୟସ୍ତବିବ୍ରତ ଯେ ତାହାର ଉତ୍ତର ମେରୁ ଦ୍ୱୀପ ଗ୍ରୀନଲ୍ୟାଣ୍ଡକୁ ସେ ଦେଶ କିଣିନେବାକୁ ଚାହୁଁଛି । ପଡ଼ୋଶୀ କନାଡ଼ା ଆଜି ଚିନ୍ତିତ କାରଣ ତାହାର ସର୍ତ୍ତ ପାଳନ ନ କରିବା କାରଣରୁ କନାଡାକୁ ୫୧ତମ ରାଜ୍ୟ ଭାବେ ଗ୍ରହଣ କରିବା ପାଇଁ ଆମେରିକା ବିବଶ କରିବାକୁ ପଛାଉ ନାହିଁ । ମଧ୍ୟ-ଆମେରିକୀୟ ଦେଶ ପନାମା ଆଜି ଭୟଭୀତ ଯେ ଚୀନଠାରୁ ବିପଦ ଥିବା ଦର୍ଶାଇ ଆମେରିକା ପନାମା କେନାଲକୁ ନିଜ ଦଖଲକୁ ନେଇଯିବାକୁ ତତ୍ପର, ଯାହାକି ସେ ଦେଶର ମୁଖ୍ୟ ଆୟର ସ୍ରୋତ ହୋଇ ରହିଆସିଛି । ଟ୍ରମ୍ପଙ୍କର ସହସ୍ର କୋଟିପତି ମିତ୍ର ଏଲନ ମସ୍କ ତ ଇଉରୋପୀୟ ସମାଜବାଦୀ ରାଜନୀତିକୁ ସଫା କରିଦେବା ଲାଗି ବ୍ରିଟେନ ଓ ଜର୍ମାନୀ ଭଳି ଦେଶରେ ଅତି ଦକ୍ଷିଣପନ୍ଥୀ ପାର୍ଟିମାନଙ୍କୁ ଧନ ପ୍ରଦାନ କରିବା ସହ ମିଡ଼ିଆର ସମର୍ଥନ ଦେବା ଆରମ୍ଭ କରିଦେଇଛି । ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନ ଆଜି ଅଡୁଆରେ କାରଣ ସେମାନେ ନିଜର ସୁରକ୍ଷା ପାଇଁ କେତେ ମୂଲ୍ୟ ଦେବେ ତାହା ଜାଣିପାରୁ ନାହାନ୍ତି । ତାହା ପ୍ରଦାନ କଲାପରେ ମଧ୍ୟ ଚୀନ ସହ କେବେ ଓ କିପ୍ରକାର ବେପାର ଟ୍ରମ୍ପ କରିଦେବେ, ତାହାର କୌଣସି ଗ୍ୟାରେଣ୍ଟି ନାହିଁ ।

ଏପ୍ରକାର ଚାଲେଞ୍ଜ ସବୁ ଭାରତ ଆଗରେ ମଧ୍ୟ ଅଛି । ଯଦି ରାଷ୍ଟ୍ରପତି ଟ୍ରମ୍ପ ଚୀନକୁ ଆମେରିକାର ସବୁଠାରୁ ବଡ଼ ଆର୍ଥିକ ଏବଂ ସାମରିକ ଚାଲେଞ୍ଜ ଭାବେ ଦେଖନ୍ତି । ତେଣୁ ସେ ଫ୍ଲୋରିଡା ଚୀନ-ବିରୋଧୀ ସିନେଟର ମାର୍କୋ ରୁବିଓଙ୍କୁ ବୈଦେଶିକ ମନ୍ତ୍ରୀ ଓ ଆଉ ଜଣେ ଚୀନ-ବିରୋଧୀ ସିନେଟର ମାଇକେଲ ୱାଲ୍ଟସଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି । ସଂଯୋଗକ୍ରମେ ଏ ଦୁଇଜଣ ଭାରତ ସମର୍ଥକ ଭାବେ ପରିଗଣିତ । ରୁବିଓ ହିଁ ଭାରତ-ଆମେରିକା ସାମରିକ ରଣନୀତି ଚୁକ୍ତି ପ୍ରସ୍ତାବ ଆମେରିକା ପାର୍ଲାମେଣ୍ଟ କଂଗ୍ରେସରେ ଆଗତ କରିଥିଲେ ଓ ୱାଲ୍ଟସ ଭାରତ ପକ୍ଷରୁ ଅଧ୍ୟକ୍ଷ ମଧ୍ୟ ଥିଲେ । ତେଣୁ ନୂଆ ଟ୍ରମ୍ପ ପ୍ରଶାସନଠାରୁ ଆଶା କରାଯାଉଛି ଯେ ଭାରତକୁ ଭାରତ ମହାସାଗରୀୟ କ୍ଷେତ୍ରରେ ନିଜର ରଣନୀତିର କେନ୍ଦ୍ର ଭାବେ ବିଚାର କରି ଆମେରିକା ଆଗେଇବ ଓ ଚୀନର ପ୍ରଭାବକୁ ହ୍ରାସ କରିବା ପାଇଁ ଭାରତକୁ ସହଯୋଗ କରିବ । ଚଳିତବର୍ଷ ଭାରତକୁ କ୍ୱାଡ୍ ଶିଖର ବୈଠକର ଆୟୋଜନ କରିବାକୁ ହେବ ଯହିଁରେ ଅଂଶଗ୍ରହଣ କରିବା ଲାଗି ଟ୍ରମ୍ପ ଭାରତ ଆସିପାରନ୍ତି । ତାଙ୍କ ଗସ୍ତ ଉଭୟ ରାଷ୍ଟ୍ର ମଧ୍ୟରେ ସମ୍ବନ୍ଧକୁ ଅଧିକ ପ୍ରଗାଢ଼ କରିବାରେ ସହାୟକ ହେବ ।

ଭାରତ ତଥା ଏସୀୟ ଦେଶମାନଙ୍କରେ ଟ୍ରମ୍ପ ଲୋକପ୍ରିୟ ହେବା କାରଣ ହେଉଛି ନିର୍ଣ୍ଣାୟକ ନିଷ୍ପତ୍ତି ନେବାରେ ତାଙ୍କର ପ୍ରବୃତ୍ତି । ସେ ଇସଲାମୀୟ ଆତଙ୍କବାଦ ଭଳି ପ୍ରସଙ୍ଗ ନେଇ ସିଧା କଥା କହି ଆସିଛନ୍ତି, ଯାହାଦ୍ୱାରା ଅନେକ ଜଟିଳ ସମସ୍ୟାମାନ ସମାଧାନ ହୋଇଯାଇ ପାରିବ । ଗାଜାରେ ୧୫ ମାସ ଧରି ଚାଲିଥିବା ଲଢ଼େଇ ପରେ ହୋଇଥିବା ଯୁଦ୍ଧ ବିରତି ହେଉଛି ଏକ ପ୍ରମାଣ । ୟୁକ୍ରେନରେ ତିନିବର୍ଷ ହେଲା ଲଢ଼େଇ ଚାଲିଛି ଏବଂ ଅନେକ ଭାବୁଛନ୍ତି ଏ ଯୁଦ୍ଧ ସମାପ୍ତ ହେବା ସହଜ ନୁହେଁ । ତଥାପି ଜେଲେନସ୍କି ଓ ପୁଟିନଙ୍କ ଏବେକାର ବୟାନରୁ ଜଣାଯାଉଛି କିଛି ଭଲ ସଂକେତ ମିଳିପାରିବ । ୟୁକ୍ରେନକୁ ସାମରିକ ସହାୟତା ବନ୍ଦ କରିବା ଓ ରୁଷ ଉପରୁ ପ୍ରତିବନ୍ଧକ ହଟାଇବାକୁ ଚାହୁଁଛନ୍ତି, ଯାହା ଦ୍ୱାରା ଆମେରିକାକୁ ବାଣିଜ୍ୟିକ ଫାଇଦା ମିଳିପାରିବ । କିନ୍ତୁ ଏ ସବୁ ସମ୍ଭବପର ହେବ ଯେବେ ରୁଷ ଠାରୁ ଜିତିଥିବା ଅଞ୍ଚଳ ଫେରସ୍ତ କରିବା ପାଇଁ କୁହାନଯାଏ । ଏପରି କରିବା ବାସ୍ତବରେ ଆକ୍ରମଣକାରୀକୁ ପୁରସ୍କୃତ କଲାଭଳି ହେବ । ବାସ୍ତବତା ହେଉଛି ଆମେରିକାର ସହାୟତା ବିନା ୟୁକ୍ରେନ ଓ ନାଟୋ ରୁଷ ଆଗରେ ଠିଆ ହୋଇପାରି ନଥାନ୍ତା । ଟ୍ରମ୍ପ ଏବେ ଆମେରିକାକୁ ଅନ୍ୟମାନଙ୍କ ଯୁଦ୍ଧରେ ସଂଶ୍ଳିଷ୍ଟ ହେବାକୁ ଚାହୁଁ ନାହାନ୍ତି । ଯଦିଓ ଗ୍ରୀନଲ୍ୟାଣ୍ଡ ଓ ପନାମା କେନାଲକୁ ନିଜର ଧମକପୂର୍ଣ୍ଣ ବ୍ୟବହାର ଦ୍ୱାରା ଅକ୍ତିଆର କରିନେବାକୁ ଚାହୁଁଛି । ଅନ୍ୟପକ୍ଷରେ ତାହାର ଆର୍ଥିକ ନୀତି ବିଶ୍ୱ ଆଗରେ ବଡ଼ ଚାଲେଞ୍ଜ ହୋଇଛି । ଚୀନ ଆମଦାନୀ ଦ୍ରବ୍ୟ ଉପରେ ୬୦ ପ୍ରତିଶତ ଓ ଅନ୍ୟ ଦେଶମାନଙ୍କରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ସମ୍ଭାବ୍ୟ ଶୁଳ୍କ ଦ୍ୱାରା ଆମେରିକାରେ ମହଙ୍ଗାବସ୍ଥା ବଢ଼ିବ । ଆମେରିକା ସେଣ୍ଟ୍ରାଲ ବ୍ୟାଙ୍କକୁ ସୁଧହାର ହ୍ରାସ ବିଳମ୍ବ କରିବାକୁ ପଡ଼ିବ ଯାହାଫଳରେ ପୁଞ୍ଜି ନିବେଶ କମ୍ ହେବ । ପ୍ରତିକ୍ରିୟା ସ୍ୱରୂପ ଅଧିକାଂଶ ଦେଶମାନେ ଆମେରିକା ସାମଗ୍ରୀ ଆମଦାନୀ ଉପରେ ଶୁଳ୍କ ବଢ଼ାଇବା ଆରମ୍ଭ କରିବେ । ଏପରି ହେଲେ ଏକ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯିବ । ଏହା ଫଳରେ ବିଶ୍ୱ ଅର୍ଥବ୍ୟବସ୍ଥା ମାନ୍ଦା ହୋଇଯିବାର ଆଶଙ୍କା ଅଛି । ଏହି ଆଶଙ୍କାର ପ୍ରଭାବ ଭାରତର ସେୟାର ବଜାର ଉପରେ ପଡ଼ିଲାଣି । ପ୍ରବାସୀମାନଙ୍କ ସଂଖ୍ୟାକୁ ନେଇ ଆଶଙ୍କା ରହିଛି । ତେବେ ଏଚ୍୧ବି ଭିସା ନେଇଯାଉଥିବା ପେଶାଦାର ଓ ପଢ଼ିବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଭିସା ଉପରେ ସ୍ୱୟଂ ଟ୍ରମ୍ପ ଓ ତାଙ୍କ ପରାମର୍ଶଦାତା ମସ୍କ, ରାମାସ୍ୱାମୀ ଓ ଶ୍ରୀରାମ କୃଷ୍ଣନ ଅଙ୍କୁଶ ଲଗାଇବା ସପକ୍ଷରେ ନାହାନ୍ତି । ଭାରତ ଯେତେବେଳେ ନିଜର ବିକାଶ ଗତିକୁ ବଜାୟ ରଖିବା ଲାଗି ଅଧିକରୁ ଅଧିକ ପଣ୍ୟ ବିକ୍ରୀ ଓ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ନେଇ ଆବଶ୍ୟକତା ଅନୁଭବ କରୁଛି, ସେଇ ସମୟରେ ଆମେରିକା ଆମଦାନୀ ଶୁଳ୍କ ଓ ବାଣିଜ୍ୟ ଯୁଦ୍ଧର ସଂକଟ ଆଡ଼କୁ ନେଇଯିବା ଗମ୍ଭୀର ଚାଲେଞ୍ଜ ହୋଇଯାଇଛି ।□□

## ପ୍ରାପ୍ତପତ୍ର

### ସଚେତନ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇବ

ଲୋକମାନେ ସଚେତନ ହେଲେ ଦୁର୍ଘଟଣା ବା ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ପାଇପାରିବ । ଗାଡ଼ି ଚାଳନା ବେଳେ କୌଣସି ନିୟମ ମାନୁନଥିବାରୁ ଏଭଳି ପ୍ରାୟ ଦୁର୍ଘଟଣା ଘଟୁଛି । ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ବର୍ଷକୁ ଚାଲିଯାଉଛି ଦେଢ଼ଲକ୍ଷ ବହୁମୂଲ୍ୟ ଜୀବନ। ଗତ ୨୦୨୩ରେ ୫୭୩୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୫୪୬୭। ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସଡ଼କ ସୁରକ୍ଷା ମାସ। ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଗଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି।

ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଢ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ। ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଉର୍ଦ୍ଧି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା।

ସନ୍ତୋଷ କୁମାର ବେହେରା
ଚୌଦ୍ୱାର, କଟକ

# ଏ ପଥର କଥାକହେ



**ମାୟାଧର ନାୟକ**

॥୧॥

ମୁଁ ପଥର। ମୋ ଉପରେ ମଣିଷ, ଜୀବଜନ୍ତୁମାନେ କେତେ ଯେ ଅତ୍ୟାଚାର କରିଛନ୍ତି, ଲାଞ୍ଛନା-ଅବମାନନା-ଅଭିଶାପ ଦେଇଆସିଛନ୍ତି, ସବୁକିଛି ମୁଁ ସହି ଆସିଛି। ଇଂଚେ ମାଟି ସୃଷ୍ଟି କରିବା ପାଇଁ ପୃଥିବୀକୁ ହଜାର ହଜାର ବର୍ଷ ଲାଗିଛି । ଥରେ ମାତ୍ର ଭାବି ଦେଖ ତ ପଥରଖଣ୍ଡେ ସୃଷ୍ଟି ହେବା ପାଇଁ କେତେ ଲକ୍ଷ ବର୍ଷ ଲାଗିଥିବ । ସେଇ ପଥରର ଆତ୍ମା ଆଜି କାନ୍ଦୁଛି । ତା'ର ଭାଇବଂଧୁପରିଜନ ଆଇରନ୍ ଓର, କ୍ରୋମାଇଟ, କୋଇଲା, ନିକେଲ, ବକ୍ସାଇଟ୍, ମାଙ୍ଗାନିଜଠାରୁ ଆରମ୍ଭ କରି ସୁନା, ହୀରା, ମୋତିମାଣିକ ପର୍ଯ୍ୟନ୍ତ ନାନା ଜାତି-ପ୍ରଜାତିର ଛୋଟବଡ଼ ପଥର ଧୀରେଧୀରେ ପଳାଇ ଯାଉଛନ୍ତି କାହିଁ କୁଆଡ଼େ । ପ୍ରକୃତିର ଏହି ଅମୂଲ୍ୟ ରତ୍ନକୁ ନବ୍ୟସଭ୍ୟ ଶିକ୍ଷାପ୍ରାପ୍ତ ମୁହୂର୍ତ୍ତବାଦୀ ମଣିଷ ଲୁଣ୍ଠନ କରିଚାଲିଛି। ଏହି ଖଣିଜପଦାର୍ଥ ଅସରନ୍ତି ନୁହେଁ । ଦିନେ ଏହା ସରିଯିବ। ଯାନ୍ତ୍ରିକ ମଣିଷମାନେ ଏ ଧରିତ୍ରୀମାତାକୁ କେତେ ଦୁଃଖ ପହଂଚାଉଛନ୍ତି। କେତେ ବେଇମାନ ହେଲେ ଯାଇ ମଣିଷ ପ୍ରକୃତିକୁ ନଷ୍ଟ କରେ! ମୁଁ ବି ମଣିଷ, ଜୀବଜନ୍ତୁ ଭଳି ସଂପର୍କ, ସୌହାର୍ଦ୍ଦ୍ୟ କଥା ବୁଝୁଥିଲି । ମାଟି, ବାଲିଗରଡ଼ା ସହିତ ବନ୍ଧୁତା ବାନ୍ଧିଥିଲି। ବାଲିଗରଡ଼ାକୁ ମନେପ୍ରାଣେ ମୋର ସାନସଂଗାତ ମଣୁଥିଲି । ମୋତେ ଛାଡ଼ି ସେ ବାଲିଗରଡ଼ା କୁଆଡ଼େ ପଳାଇଗଲା। ତା ସତା-ପତା ଖୋଜି ଖୋଜି ପାଉନି। ମୁଁ ମୋ ସାନସଂଗାତ ବାଲିଗରଡ଼ାକୁ ଖୋଜିଖୋଜି ପର୍ବତରୁ ଗଡ଼ିଗଡ଼ି ଆସିଲାବେଳେ ମୋ ଆକାରପ୍ରକାର ଭାଙ୍ଗିଚୂରି ଟୁକୁରା ଟୁକୁରା ହୋଇଗଲା; ଯାହା ମଂଜଟି ଥିଲା ସେ ଦେହକୁ ନେଇ ମୁଁ ରାସ୍ତା ଉପରେ ପଡ଼ିଗଲି। ରାସ୍ତାରେ କେତେ ଯେ ମାଡ଼ଗାଳି, ଗୋଇଠା ଖାଇଛି, ତା'ର ହିସାବ ନାହିଁ। ମୋ ହୀନିମାନିଆ କପାଳକୁ ନିନ୍ଦିବାକୁ ଲାଗିଲି। ମୋ ସାନସଂଗାତ ସିନା ମୋତେ ଛାଡ଼ି ଚାଲିଗଲା, ଏଣେ ରାସ୍ତାରେ ଖାଲି ମାଦଳ ଭଳି ଗଡ଼ିଲି ସିନା ହେଲେ କେହି ମୋତେ ପଚାରିଲେ ନାହିଁ। ଏଇ ଗଡ଼ାଗଡ଼ି ଭିତରେ ମୋ ଦେହରେ ଯେଉଁ ଖାଦ ଥିଲା, ମଳି ଥିଲା, ସବୁ ଛାଡ଼ି ଯାଇଥିଲା। କେବଳ ଧୂଳିମଳିରେ ଟିକେ କୋତରା ଦେଖାଯାଉଥିଲି। କେଉଁଠି ଥିଲା କେଜାଣି କଳାହାଣ୍ଡିଆ ମେଘଟା ବର୍ଷିଗଲା ଯେ ମୋ ଦେହ ପୂରା ସଫା ହୋଇଗଲା। ମୁଁ ଚିକ୍ ଚିକ୍ ଦେଖାଗଲି। ସେଇ ରାସ୍ତାରେ ଧଳା ଲୋକଟାଏ ଘୋଡ଼ାରେ ଚଢ଼ି ଯାଉଥିଲା। ତା' ଚିଲା ଆଖି ମୋ ଚକ୍‌ଚକିଆ ମଂଜଦେହ ଉପରେ ଲାଖି ରହିଲା। ଘୋଡ଼ାରୁ ଓହ୍ଲାଇ ମୋତେ ଉଠାଇ ନେଇ ପୋଛାପୋଛି କରି ଅତି ଆଦରଯତ୍ନରେ ତା' ବ୍ୟାଗ ଭିତରେ ପୂରାଇ ଘୋଡ଼ା ଛୁଟାଇ ଅନ୍ତର୍ଦ୍ଧାନ ହୋଇଗଲା। ମହାଗିରି ପର୍ବତର ପାଦଦେଶରେ ସେଇ ଧଳା ଲୋକଟି ଏବଂ ଆଉ ଚାରିପାଞ୍ଚଜଣ ତମ୍ବୁ ପକାଇ ରହୁଥିଲେ। ବ୍ୟାଗ ଭିତରୁ ମୋତେ ବାହାର କରି ତା' ଟେବୁଲରେ ରଖିଲା। ସମସ୍ତେ ମୋତେ ନିରୀକ୍ଷଣ କରି ଓଲଟପାଲଟ କଲେ। ଯତ୍ନରେ ଆଣିଥିବା ଘୋଡ଼ାଚଢ଼ାଳି ଟେବୁଲ ଉପରେ ମୋତେ ଦୁଇ ତିନିଥର କଚଡ଼ାକଚଡ଼ି କଲା। ମୋର ଅବଶ୍ୟ ଆଉ ଧୂଳିମଳି ନ ଥିଲା। ମୁଁ ମଧ୍ୟ ବିଶେଷ କଷ୍ଟ ପାଇଲି ନାହିଁ। ମୋତେ ଟିକିଏ କୁତୁକୁତୁ ଲାଗୁଥାଏ। କିଛି ମଣିଷ ମୋତେ ଗୋଇଠା ମାରୁଥିଲେ- ଏମାନେ ମୋତେ ଯତ୍ନରେ ଆଣି ଟେବୁଲ ଉପରେ ଥୋଇ ଟିକେ ଗେହ୍ଲା କରୁଛନ୍ତି। ସେମାନଙ୍କ ଭିତରେ କ'ଣ ଟୁପୁର ଟାପୁରୁ ହେଲେ କେଜାଣି ମୋତେ ନେଇ କାଚପାତ୍ରରେ ବନ୍ଦୀ କଲେ। ଦୁଇ ଦିନ ପରେ ବିନା ପାଶ୍‌ପୋର୍ଟରେ ବିମାନ ଯାତ୍ରା କରି ଇଂଲଣ୍ଡରେ ପହଂଚିଗଲି।

ଇଂଲଣ୍ଡର ଏକ ବିରାଟ ଲାବୋରେଟୋରୀରେ ମୋତେ ରଖାଗଲା। ପ୍ରଥମେ ଇଂଲଣ୍ଡର ବୈଜ୍ଞାନିକ, ଇଞ୍ଜିନିୟର, ଭୂତତ୍ତ୍ୱବିତ୍ ପ୍ରମୁଖ ଆସି ପହଂଚି ଅଣୁବୀକ୍ଷଣ ଯନ୍ତ୍ରରେ ମୋତେ ପରୀକ୍ଷା ନିରୀକ୍ଷା କଲେ। ପ୍ରାୟ ପନ୍ଦର ଦିନ କାଳ ବିଭିନ୍ନ ଦେଶର ବିଶେଷଜ୍ଞମାନେ ଆସି ମୋତେ ଦେଖିଲେ। ଓଲଟପାଲଟ ଯେ କେତେଥର ହୋଇଛି- ତା'ର ହିସାବ ରଖିନି।

ତା'ପରେ ସେମାନେ ଶେଷ ସିଦ୍ଧାନ୍ତରେ ପହଂଚିଲେ - ମୋର ଜନ୍ମସ୍ଥାନକୁ ଯାଇ ମୋ ଭାଇବନ୍ଧୁ କୁଟୁମ୍ବମାନଙ୍କୁ ଠାବ କରିବେ। ମୋ ଭଳି ପଥର କାଳେ ପୃଥିବୀରେ ବିରଳ। ହଜାର ହଜାର ବର୍ଷ ଧରି ପାହାଡ଼ ପର୍ବତ ଜଙ୍ଗଲ ଭିତରେ ମାଟି ତଳେ ଆମେମାନେ ବସବାସ କରୁଛୁ। ତା'ର ସନ୍ଧାନ ମଣିଷ ଜାତି ପାଇ ନ ଥିଲେ। ମୋ' ସାନସଂଗାତ ବାଲିଗରଡ଼ାକୁ ଖୋଜିବାକୁ ଯାଇ ରାସ୍ତାକୁ ଓହ୍ଲାଇ ଆସିଥିଲି ସିନା, ଏବେ ଆମର ବଂଶକୁ ମଣିଷମାନେ ବିରାଟକାୟ ଯନ୍ତ୍ର ସାହାଯ୍ୟରେ ଉଠାଇ ଆଣିବେ। ଆମକୁ କାଳେ ମଣିଷ ଆଉ ଜୀବଜନ୍ତୁମାନଙ୍କର ବିକାଶ ପାଇଁ ବ୍ୟବହାର କରାଯିବ।

ସେମାନେ ଆମ ଜନ୍ମସ୍ଥାନକୁ ଯାଇ ପହଂଚିଗଲେ। ଆମ ଜନ୍ମସ୍ଥାନ ପାହାଡ଼ ପର୍ବତ ଜଙ୍ଗଲ ଭିତରେ। ସେତେବେଳେ ସାମନ୍ତବାଦୀ ସାଆନ୍ତ ରାଜାମାନେ ସେସବୁ ଅଂଚଳର ମାଲିକ। ଖବର ଖୁବରା ନେଇ ଆମ ଗହଳିଆ ଜନ୍ମସ୍ଥାନକୁ ଭୂତତ୍ତ୍ୱ ସର୍ଭେ କରିବା ପାଇଁ ଜଙ୍ଗଲ ମାଲିକ ରଜାଙ୍କୁ ଯାଇ ଅନୁରୋଧ କଲେ ଏବଂ ପ୍ରସ୍ତାବ ଦେଲେ ରଜା ଭାଗୀଦାର ରହନ୍ତୁ। ରଜା କିନ୍ତୁ ରାଜି ହେଲେନି। କହିଲେ- ମୋତେ ଟଙ୍କା ଆଉ ଗୋଟିଏ ମଟରଗାଡ଼ି ଦିଅ। ଧଳା ଲୋକମାନେ ଏ ପ୍ରସ୍ତାବରେ ରାଜି ହୋଇ କେତେହଜାର ଟଙ୍କା ଏବଂ ଇଂଲଣ୍ଡ ପ୍ରସ୍ତୁତ ସୁନ୍ଦରିଆ ମଟର ଗାଡ଼ିଟିଏ ଉପହାର ଦିଅନ୍ତେ ସଙ୍ଗେସଙ୍ଗେ ରଜା ଅନୁମତି ଦେଇ ସେ ଜଙ୍ଗଲକୁ ବିକ୍ରି କରିଦେଲେ।

ଧଳା ଲୋକମାନେ ତମ୍ବୁ ମାରି ଶହେ ମିଟର ପର୍ଯ୍ୟନ୍ତ ପାଇପ୍ ପୂରାଇଲେ। ଆମ ଜନ୍ମସ୍ଥାନ ଭାରି ଗହଳିଆ। ୧୦ ମିଟରରୁ ଆରମ୍ଭ କରି ୧୦୦ ମିଟର ମଧ୍ୟରେ ଆମେମାନେ ବାସ କରୁଥିଲୁ। ଧଳାଲୋକସବୁ ଅନୁସନ୍ଧାନ ଅଭିଯାନକୁ ସଫଳ କରିବା ପାଇଁ ଆଖପାଖ ମଣିଷମାନଙ୍କୁ ଡାକି ମାଟି ଖୋଳିଲେ। ବଡ଼ ବଡ଼ ମେସିନ ଆଣିଲେ। ବହୁତ ଟ୍ରକ୍ ମଧ୍ୟ ଆସି ଗଦା ହେଲେ।

ମାତ୍ର କେଇଟା ଦିନ ଭିତରେ ସବୁ ବଦଳିଗଲା। ଗହଳି ଚହଳି। ଥାଟ ପଟାଳି। ଟ୍ରକ୍ ପରେ ଟ୍ରକ୍ ଆସି ଭିଡ଼ ଜମେଇଲେ। ଦୋକାନ ବଜାର ଖୋଲିଗଲା। ଦେଖାଦେଖି ଅନ୍ୟ କମ୍ପାନୀମାନେ ଆସି ଆମ ଅଂଚଳକୁ ଖଣ୍ଡେ ଖଣ୍ଡେ ବାଂଟି ନେଲେ। ରାତିଦିନ ମାଟି ଖୋଳି ଆମକୁ ପଦାକୁ ବାହାର କରି ଟ୍ରକ୍‌ରେ ବନ୍ଦର ପାଖକୁ ଆଉ କଳକାରଖାନାକୁ ପଠାଇବା ଆରମ୍ଭ କରିଦେଲେ। ଆମେ ପଥର ଜାତିଟା ଅନେକ କିସମର। ମଣିଷ ଭିତରେ ଯେମିତି ଗୋରା-କଳା, ଜୀବଜନ୍ତୁ ଭିତରେ ଯେମିତି ମଶା ମାଛିଟାରୁ ଆରମ୍ଭ କରି ସାପନେଉଳ ପର୍ଯ୍ୟନ୍ତ ଅଛନ୍ତି- ଆମେ ମଧ୍ୟ ସିଂହ, ଶୃଗାଳ, ମାଙ୍କଡ଼, ଠେକୁଆ ଠାରୁ ହାତୀ, ଗୟଳ, ବାଘ, ଭାଲୁ ଭଳି ପଥର ଅଛୁ। ଜନ୍ତୁ ଏବଂ ନିର୍ବୁଦ୍ଧିଆ ମଣିଷମାନଙ୍କୁ ଯେପରି ବିଭିନ୍ନ କାମରେ ଲଗାଯାଏ- ଆମେମାନେ ମଧ୍ୟ ବିଭିନ୍ନ କାମରେ ଲାଗୁ।

ଏ ପୃଥିବୀରେ କିସମକିସମର ପ୍ରଜାତି ଆମର । ନାନା ଜାତିର ପଥରକୁ ନେଇ କାହିଁ କେଉଁ କାଳୁ ଗଢ଼ିଉଠିଛି ଗୋଟାଏ ବିରାଟ ଶିଳାସମାଜ । କିଏ କହେ ଆମର ପ୍ରାଣ ନାହିଁ - ଆମେ ହେଉଛୁ ନିଷ୍ପ୍ରାଣ ପାଷାଣ ? ଯିଏ କହେ, ସିଏ ମହାମୂର୍ଖ। ଏକବାରେ ଅଜ୍ଞ । ଆମ ପଥର ଦେହ ଭିତରେ ବି ମନ ଅଛି, ପ୍ରାଣ ଅଛି, ଆତ୍ମା ଅଛି - ଖାଲି ଅନୁଭବ କରିବାକୁ ଅଲଗା ଆଖି ଦରକାର । ଆମ ଦେହ ସହିତ ଦେହ ମିଶାଇ ଅରଣ୍ୟର ମାଟି ତଳୁ ଯେତେବେଳେ ମଥା ଟେକିଥାନ୍ତି ନାନା ଔଷଧୀୟ ବୃକ୍ଷଲତାଗୁଳ୍ମ, ଆମେ ସେମାନଙ୍କ ମାର୍ଫତ ପୃଥିବୀକୁ ପଠାଇଦେଇଥାଉ ଆମ ଜୀବନୀଶକ୍ତିର କିଛି ଅଂଶ । ରସରୁ ରକ୍ତକୁ ସଂଚରିଯାଏ ସେ ଶକ୍ତି । ନୀରୋଗ ହୁଅନ୍ତି ମନୁଷ୍ୟ, ପଶୁପକ୍ଷୀ, ଜୀବଜଗତ । ପରଶମଣି ନାଆଁ ଶୁଣିଥିବ। ତାକୁ ଛୁଆଁଇଦିଅ ନିଜଠି, ଦେଖିବ ରହସ୍ୟମୟ ରୂପାନ୍ତର ।

ମନୁଷ୍ୟ ନିଜ ଆତ୍ମାକୁ ମଣିଥାଏ ପରମାତ୍ମାଙ୍କର ଏକ ଅଂଶ । ସେ ପରମାତ୍ମା କାଳେ ପୁରୁଷ । ଆମ ପଥରମାନଙ୍କର ପରମାତ୍ମା କିନ୍ତୁ ନାରୀ – ସେ ପ୍ରକୃତି । ଭାଗବତରେ ନାହିଁ 'ଆତ୍ମାକୁ ସ୍ତିରୀବେଶ' କରିବା କଥା ? ଏ 'ଆତ୍ମାର ସ୍ତିରୀବେଶ' ହେଲା ଅସଲ ଅର୍ଥରେ ଏଇ ପ୍ରସାରିତ ପ୍ରକୃତି। କିଏ ବୁଝିବ ଆଉ ବୁଝାଇବ ମୋ ଭଳି ପଥରର ଏ ମର୍ମବାଣୀ ? ଯଦି କେହି ବୁଝୁଥାନ୍ତେ, ତାହା ହେଲେ କ'ଣ କହୁଥାନ୍ତେ ପଥର ହେଉଚି ପ୍ରାଣହୀନ ପଦାର୍ଥ, ଆତ୍ମାହୀନ ଉପକରଣ ? ଆମକୁ ନାନା ଉପାୟରେ ଉପକରଣ କରିଛି କିଏ ? ପଦାର୍ଥରେ ପରିଣତ କରିଛି କିଏ ? ଏ ମଣିଷ । ସେ ଅ-ସଭ୍ୟ ଥିବା ବେଳେ ତା' ହାତରେ ଆମେ ଥିଲୁ ଅସ୍ତ୍ର, ସଭ୍ୟ ହେଲା ପରେ ସେ ଆମକୁ କରିଛି କେତେ କିସମର ଉପକରଣ !ସ୍ୱାର୍ଥର ସାମଗ୍ରୀ ପାଲଟିଛୁ ଆମେ ପଥରମାନେ ଏ ମଣିଷ ହାତରେ। (କ୍ରମଶଃ)

ଯାଜପୁରରୋଡ, ଯାଜପୁର
ମୋ:୯୮୬୧୦୩୪୧୬୩

# କୋଲକତା ନିର୍ଭୟାଙ୍କୁ ନ୍ୟାୟ

**ସୌଭାଗ୍ୟ ରଂଜନ ମହାନ୍ତି**

ଦେଶବ୍ୟାପୀ ତୀବ୍ର ଆଲୋଡନ ସୃଷ୍ଟି କରିଥିବା ପଶ୍ଚିମବଙ୍ଗ ସରକାରଙ୍କ ନିୟନ୍ତ୍ରଣାଧୀନ ଆରଜିକର ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଟ୍ରେନି ଡାକ୍ତରାଣୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ରାୟ ମାତ୍ର ୧୬୧ ଦିନରେ ଘୋଷଣା କରି ଜିଲ୍ଲା ଦୌରା ଅଦାଲତ ଦୋଷୀ ସଂଜୟ ରୟଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଦେବା ସ୍ୱାଗତଯୋଗ୍ୟ ଏବଂ ଦେଶର ବିଚାର ପଦ୍ଧତି ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିଛି ବୋଲି କୁହାଯାଇପାରିବ।

ଆମ ଦେଶରେ ବିଚାର ପ୍ରକ୍ରୀୟାରେ ମନ୍ଥରତା ଚିନ୍ତାର କାରଣ ହୋଇଥିବାବେଳେ ଟ୍ରେନିଂ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଓ ଚାର୍ଜସିଟ୍ ଦାଖଲ ଯୋଗୁଁ ପିଡିତାଙ୍କୁ ତୁରନ୍ତ ନ୍ୟାୟ ମିଳିବାରେ ସହାୟକ ହୋଇଛି। ଅବଶ୍ୟ ଅଭିଯୁକ୍ତ ଉଚ୍ଚ ନ୍ୟାୟାଳୟରେ ତଳକୋର୍ଟର ରାୟ ବିରୁଦ୍ଧରେ ଅପିଲ କରିପାରେ। ତେବେ ଏହାର ଶୁଣାଣୀ କେତେ ସମୟ ନେବ, ତାହା ଭବିଷ୍ୟତ ହିଁ କହିବ। କିନ୍ତୁ ଏହା ନିସନ୍ଦେହ ଯେ, ଏହି ସମ୍ବେଦନଶୀଳ ସମଗ୍ର ମାମଲାର ରାୟ ଅପ୍ରତ୍ୟାଶୀତ ନଥିଲା। ଦୋଷୀଙ୍କୁ ଫାଶୀଦଣ୍ଡ ଦେବା ଲାଗି ଉଭୟ ଜନସାଧାରଣ ଓ ସିବିଆଇ ଦାବି କରିଥିବାବେଳେ ବିଚାରପତି ତାଙ୍କ ନିଷ୍ପତିର ଯଥାର୍ଥତା ପ୍ରତିପାଦନ କରି କହିଛନ୍ତି ଯେ, ଏହି ମାମଲା ବିରଳରୁ ବିରଳତାର ପରିସରଭୁକ୍ତ ନୁହେଁ। ଏହା ବ୍ୟତୀତ ଦୋଷୀଙ୍କୁ ୫୦୦୦ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଥିବାବେଳେ ପିଡିତାଙ୍କ ପରିବାରକୁ ୧୭ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତ୍ୱରିତ ରାୟ ପିଡିତାଙ୍କ ପିତାମାତା, ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ପାଇଁ ଆଶ୍ୱସ୍ତି ଆଣିଦେବା ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ବହୁ ଚର୍ଚ୍ଚିତ ୨୦୧୨ ଦିଲ୍ଲୀ 'ନିର୍ଭୟ' ଗଣଦୁଷ୍କର୍ମ ଓ ହତ୍ୟା ମାମଲା ପରେ କୋଲକତା ଘଟଣା ଥିଲା, ଦେଶରେ ସର୍ବବୃହତ ଉତେଜନା ସୃଷ୍ଟିକାରୀ ଘଟଣା। କୋଲକତା ଘଟଣା ଦେଶବ୍ୟାପୀ ଯେଉଁଭଳି ଉତେଜନା ସୃଷ୍ଟି କରିଥିଲା, ଦିଲ୍ଲୀ ନିର୍ଭୟା ଘଟଣାର ପ୍ରଭାବ ସେପରି ବ୍ୟାପକ ନଥିଲା। କୋଲକତା ଘଟଣାରେ ପୋଲିସ ଓ ରାଜ୍ୟସରକାରଙ୍କ ଶିଥିଳତା ପ୍ରତିବାଦରେ ମାମଲା ତ୍ୱରିତ ଶୁଣାଣୀ, ପିଡିତାଙ୍କୁ ତୁରନ୍ତ ନ୍ୟାୟ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାବିରେ ଯେଉଁଭଳି ଦେଶବ୍ୟାପୀ ଡାକ୍ତରୀ ଛାତ୍ରଛାତ୍ରୀମାନେ ଧର୍ମଘଟ ଚଳାଇଥିଲେ, ତାହା ଅଦ୍‌ଭୂତପୂର୍ବ ଥିଲା। ଯାହାର ପରିଣତି ସ୍ୱରୂପ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇର ତଦନ୍ତ ପ୍ରକ୍ରୀୟା ମଧ୍ୟ ତ୍ୱରିତ ଥିଲା। ମାମଲାର ପ୍ରଭାବ ଏବେ ସୁଦୂର ପ୍ରସାରୀ ଥିଲା ଯେ, ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି କେବଳ କଲେଜର ପ୍ରିନସ୍‌ପାଲଙ୍କ ନିଷ୍କ୍ରିୟତାକୁ ପଦାରେ ପକାଇ ନଥିଲା, ତାଙ୍କର ଦୁର୍ନୀତିର ପର୍ଦ୍ଦାଫାସ କରିଥିଲା, ଯେଉଁଥିପାଇଁ କି ତାଙ୍କୁ ଜେଲ ଯିବାକୁ ପଡିଥିଲା। ପ୍ରିନସ୍‌ପାଲଙ୍କ କାର୍ଯ୍ୟକଳାପ ମଧ୍ୟ କିଛି କମ୍ ସନ୍ଦେହଜନକ ନଥିଲା। ପ୍ରିନସ୍‌ପାଲଙ୍କ କାର୍ଯ୍ୟକଳାପ ମଧ୍ୟ କିଛି କମ୍ ସନ୍ଦେହଜନକ ନଥିଲା। ଆହୁରି ମଧ୍ୟ ମାମଲାରେ କୋଲକତା ଉଚ୍ଚ ନ୍ୟାୟାଳୟ ଏବଂ ସୁପ୍ରିମକୋର୍ଟଙ୍କୁ ନିଜ ଆଡୁ ହସ୍ତକ୍ଷେପ କରିବାକୁ ପଡିଥିଲା। ମାମଲାର ତ୍ୱରିତ ଶୁଣାଣୀ କରି ପଶ୍ଚିମବଙ୍ଗର ସିଆଲଦା ଜିଲ୍ଲା ଓ ଦୌରାଜଜ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଦଫା ୬୪(ଦୁଷ୍କର୍ମ) ଦଫା ୬୬ (ମୃତ୍ୟୁର କାରଣ) ଏବଂ ୧୦୩(୧୦ (ହତ୍ୟା) ଧାରାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ମୃତ୍ୟୁ ପର୍ଯ୍ୟନ୍ତ ଜେଲଦଣ୍ଡାଦେଶ ଭୋଗିବାକୁ ତ୍ୱରିତ ରାୟ ଦେବା ପିଡିତାଙ୍କ ଯଥାର୍ଥ ନ୍ୟାୟ ପ୍ରଦାନ କରିଛି ବୋଲି କୁହାଯାଇପାରେ। ଏହି ଘଟଣା ପରେ ମଧ୍ୟ ପଶ୍ଚିମବଙ୍ଗ ସରକାର ମହିଳା ଏବଂ ଶିଶୁଙ୍କ ସୁରକ୍ଷା ପାଇଁ 'ଅପରାଜିତା ମହିଳା ଓ ଶିଶୁ ବିଲ୍' ବିଧାନସଭାରେ ଗୃହୀତ କରାଇଛନ୍ତି। ଯେଉଁ ଆଇନରେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ତେବେ ଏହାର ସଫଳ ଏବଂ ସକ୍ରୀୟ କାର୍ଯ୍ୟକାରୀତା ଭବିଷ୍ୟତ ହିଁ କହିବ। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ଦେଶରେ ମହିଳାଙ୍କ ସୁରକ୍ଷା ପାଇଁ କଠୋର ଆଇନ ପ୍ରଣୟନ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ମଧ୍ୟ ଫାଶୀ ଖୁଂଟରେ ଝୁଲାଇ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଦେଶରେ ଦେଶରେ ଗତ ୧୨ବର୍ଷ ମଧ୍ୟରେ ଯେଉଁଭଳି ଭାବେ ମହିଳା ବିରୋଧି ହିଂସା, ଦୁଷ୍କର୍ମ ଓ ହତ୍ୟା ଘଟଣାମାନ ବଢିଚାଲିଛି, ତାହା ଆଇନ ପ୍ରତି ଉପହାସ ତଥା ଧର୍ମକୁ ଆଖିଠାର ସଦୃଶ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦେଶରେ ମହିଳା ବିରୋଧ ହିଂସାର ମୂଳୋତ୍ପାଟନ ନହେବା ପର୍ଯ୍ୟନ୍ତ ଏଭଳି ଘଟଣା ଅସାମହିତ ହୋଇରହିଛି ଏବଂ ବଢି ଚାଲିବ। ଏହା ନିସନ୍ଦେହ ଯେ, ଦେଶରେ ପ୍ରତ୍ୟେକ ଝିଅର ନିରାପତ୍ତାକୁ ସୁନିଶ୍ଚିତ କରିବାକୁ ହେବ। ଅନ୍ୟଥା ମହିଳା ବିରୋଧି ହିଂସା, ଦୁଷ୍କର୍ମ, ହତ୍ୟା ଘଟଣାକୁ ରୋକିବା ଅସମ୍ଭବ ହୋଇପଡିବ।

ଭୁବନେଶ୍ୱର
ମୋ:୯୪୩୭୯୯୪୩୭୯

# ବାଣୀ ବାଣ

**ଧ୍ରୁବ ଚରଣ ଘିବେଲା**

କଡ଼ା କଥା ମାନେ ଅପ୍ରିୟ କଥା ନ କହିବା ପାଇଁ କୁହାଯାଏ । ଶାସ୍ତ୍ରରେ ବି ବାରଣ କରାଯାଇଛି ଅପ୍ରିୟ କଥା କେଉଁଠି ପ୍ରୟୋଗ ନ କରିବା ପାଇଁ । ଅନ୍ୟପାଖେ ପୁଣି କୁହାଯାଏ/ ପରାମର୍ଶ ଦିଆଯାଏ ସତ କଥା କହିବ । ମିଛ କହିବ ନାହିଁ । ଏଣେ ପ୍ରାର୍ଥନାରେ ବି ଗାନ କରାଯାଏ ସତ୍ୟ ପଥେ ଧର୍ମ ପଥେ ରହିବା ପାଇଁ । ସତ ଯଦି କେଉଁଠି କହି ଦିଆଯାଏ, ତେବେ ସେଇଠି କଥା ବା ବାଣୀ ବାଣ ହୋଇଯାଏ । ଗାନ୍ଧିଜୀଙ୍କ ତିନି ମାଙ୍କଡ଼ଙ୍କ ଭିତରୁ ଗୋଟେ ମାଙ୍କଡ଼ ତ ମୁହଁରେ ହାତ ଦେଇଥିବା କଥା ଆମେ ଜାଣୁ । ସେଇ ମାଙ୍କଡ଼ ଖରାପ କଥା କହିବ ନାହିଁର ପ୍ରତୀକଓ୍ୱାତ୍ମକ ନିଶ୍ଚୟ । ଖରାପ କଥା ଭିତରେ ମିଛ କଥା ଆସିବ । ଏଇଠି କୁହାଯାଇପାରେ ଖରାପ କଥା ମାନେ ମିଛ କଥା କହିବ ନାହିଁକୁ ବୁଝାଗଲେ ପରୋକ୍ଷରେ ସତ କହିବାକୁ ବୁଝାଇବ । ଜାତିର ଜନକ ବାପୁ ମହାତ୍ମା ତ ନିଜ ଜୀବନକୁ ସର୍ବଦା ସତ୍ୟ । ଅହିଂସାର ପ୍ରୟୋଗଶାଳା କରିଥିଲେ । ସେ ସତ କହିବାକୁ ଭଲ ପାଉଥିଲେ ଓ ଅହିଂସା ଆଚରଣରେ ବିଶ୍ୱାସ ରଖୁଥିଲେ ।

ମହାତ୍ମାଗାନ୍ଧୀଙ୍କ ବାଣୀ ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷମାନେ ନିଜ ଜୀବନକୁ ସତ୍ୟ । ଅହିଂସାର ପ୍ରୟୋଗଶାଳା କରିଥାନ୍ତି । କେତେକ ସତ ନ କହିବା ପଛର କାରଣ ଥାଏ ସ୍ୱାର୍ଥ । ସୁବିଧାବାଦ ରୂପକ ରଥରେ ସ୍ୱାର୍ଥକୁ ସାରଥି କରିଥିବା ଲୋକ ପରମ ସ୍ୱାର୍ଥୀ ଥିବା କାରଣରୁ ସତ କହନ୍ତି ନାହିଁ । ସତକୁ ଭଲ ପାଆନ୍ତିନି । ସତର ପୂଜାରୀ ବି ହୋଇପାରନ୍ତିନି । ସତ୍ୟର ଉପାସକ ହୁଅନ୍ତିନି ସ୍ୱାର୍ଥୀ । ଏଠି ଗୋଟେ ଛୋଟିଆ କଥାର ଉଦାହରଣ ଦିଆଯାଇପାରେ । ଏ ଲେଖକ ଅନେକ ସମୟରେ ନିମନ୍ତ୍ରଣ ପାଇ ବିଭିନ୍ନ ଧାର୍ମିକ ସଂସ୍ଥାର ବିଶେଷ କାର୍ଯ୍ୟକ୍ରମରେ ଯୋଗ ଦେଇଥାଏ । କେବେ କେବେ କେଉଁଠି ଉଦ୍ୟୋକ୍ତାଙ୍କ ଆଗ୍ରହକୁ ଏଡ଼ାଇ ନ ପାରି ସେ ଅନୁଷ୍ଠାନର ସାତ୍ତ୍ୱିକ ପଂକ୍ତି ଭୋଜନରେ ଏ ଲେଖକ ବସେ । ସମ୍ପୂର୍ଣ୍ଣ ଶାକାହାର ପରିବେଷଣ କରାଯାଏ । ଏ ଲେଖକ ନିରାମିଷାଶୀ ଥିବାରୁ ସବୁଠି ସବୁ ଧାର୍ମିକ ସ୍ଥଳରେ ଭୋଜନ କରିବାରେ କୌଣସି ଅସୁବିଧା ନ ଥାଏ । ଆମ୍ଭର ଏଠି କହିବାର କଥା ହେଉଛି ଧାର୍ମିକ ସଂସ୍ଥାରେ ସାମିଲ ଥିବା କିଛି ବ୍ୟକ୍ତି ବ୍ୟକ୍ତିଗତ ଜୀବନରେ ଆମିଷାଶୀ ଥାଆନ୍ତି । ଅଥଚ ଅନ୍ୟଠି ଘରେ ବାହାରେ ବିବାହଭୋଜିରେ ଆମିଷ ଭକ୍ଷଣ କରନ୍ତି । ଆମିଷ ବ୍ୟଞ୍ଜନରେ ଅତିଶୟ ରୁଚି ରଖନ୍ତି । ଧାର୍ମିକ ସଂସ୍ଥାରେ ନିରାମିଷ । ସେଇଠୁ ବାହାରି ଆସିଲେ ଆମିଷ, ଏ ପ୍ରକାର ଖାଇବା ନେଇ ଅଲଗା ଅଲଗା ରୁଚି ରଖିଥାନ୍ତି କେତେକ । ସେମାନେ ସେଇ ତୁଣ୍ଡରେ ଅରୁଆ ସେଇ ତୁଣ୍ଡରେ ଉଷୁନା ଖାଆନ୍ତି । ସେଇ ଭଦରଲୋକିଆଙ୍କ ଭିନ୍ନ ସ୍ୱଭାବ ନେଇ ସାମାନ୍ୟ ଟିପ୍ପଣୀ ଦେଲେ ସେମାନେ ଖୁବ ପ୍ରତିକ୍ରିୟା ଦେଖାନ୍ତି । ପ୍ରତିକ୍ରିୟାଶୀଳ ହୁଅନ୍ତି । ସେମାନଙ୍କ ପ୍ରତି 'ଛଦ୍ମବେଶୀ' ଶବ୍ଦ ପ୍ରୟୋଗ କଲେ ସେଇ ବାଣୀ ବାଣ ହୋଇଯାଏ ବୋଲି ପ୍ରତିକ୍ରିୟା ଦେଖାନ୍ତି ।


ସବୁବେଳେ ସବୁ ସତ କଥା ବାଣୀ ବାଣ ସାଜେ। ସତ କଥା ଅନେକଙ୍କୁ ଅସୁଖ ଲାଗେ । ସତ କଥା ଅସ୍ୱସ୍ତିକର ମନେହୁଏ । ଅନ୍ୟପକ୍ଷେ ପୁଟଦିଆ ମିଛ କଥା ଅନେକଙ୍କୁ ଶୁଣିବାକୁ ଖାଲି ଭଲ ଲାଗେ ନାହିଁ । ଖୁବ ସୁଖ ଆନନ୍ଦବୋଧ ମନେହୁଏ । ସେଇଥିପାଇଁ ତ ତୋଷାମଦିଆମାନେ କେବେ ନ ଥାନ୍ତି ସତ୍ୟବାଦୀ କି ସତ୍ୟପ୍ରିୟ । ସେମାନେ ଥାନ୍ତି ସର୍ବକାଳୀନ ମିଛୁଆ । ମିଛର ସୌଦାଗର । ମିଛ ବାଣୀ କେବେ ବି ବାଣ ହୁଏନି କି ହୋଇପାରେନି । ବରଂ ମିଛ ମଲମ ପରି କାମ କରେ । ମିଛର ମଲମ ଅସାଧୁଙ୍କ ପାଇଁ ଥାଏ ସୁଖକର । ସୁଖପ୍ରଦ ଓ ମିଛ ମଲମ ପ୍ରଲେପନ ଅସାଧୁଙ୍କ ପାଇଁ ପ୍ରୀତିପୁଲକ । ସତ କଥା ବାଣ ଭଳି ଭେଦେ । ସେଇଥିପାଇଁ ତ ଚୋରକୁ ଚୋର କହିଲେ ରାଗେ, ବେଶ୍ୟାକୁ ବେଶ୍ୟା କହିଲେ ଗାଳି କରେ, ସର୍ବୋପରି ଅସାଧୁକୁ ଅସାଧୁ କହିଲେ ପୀଡ଼ା ପାଏ । ଅବଶ୍ୟ କେବେ କେଉଁଠି ସାଧୁଙ୍କୁ ସାଧୁ କୁହାଗଲେ ତାଙ୍କୁ ରାଗିଥିବାର କେହି କେବେ ଦେଖିନଥିବେ । କଥା ହେଉଛି, ସତ ସର୍ବଦା ପୀଡ଼ାଦାୟୀ । ଅନ୍ୟକୁ ସୁଧାରିବା ପାଇଁ ସତ ବାଣୀ ବାଣର ପ୍ରୟୋଗ ଖରାପ କଥା ନୁହେଁ । ଯାହା ବି ହେଉ,ସବୁଠି ସତ କୁହାଯିବା ଦରକାର । ସତ ବାଣୀକୁ ବାଣ କରିବା ସୁନ୍ଦର କଥା – କାମ ମଧ୍ୟ ।

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

ଶିଶୁଗପ

# ଗୋବର ଗାଡ଼ିଆ ଗଙ୍ଗା

## ସନ୍ତୋଷ ମିଶ୍ର



**ଶ୍ରୀ**କୃଷ୍ଣ ଏବଂ ଅର୍ଜୁନ ଏକତ୍ର ଭ୍ରମଣ କରୁଥିବା ସମୟରେ ମାଘ ମାସୀୟ ଏକ ଖସା କ୍ଷେତ ଦେଇ ଯିବାକୁ ହେଲା। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ – ମାଘି ଖସାଫୁଲ ମୁଣ୍ଡରେ ପଡିଲେ ବହୁତ ଅଶୁଭ। ତେଣୁ ସତର୍କତା ସହିତ ଆମକୁ ଯିବାକୁ ହେବ। ଅର୍ଜୁନ କହିଲେ – ଯଥା ଆଜ୍ଞା ସଖା। ମାତ୍ର କ୍ଷେତ ଅତିକ୍ରମ କରିସାରିବା ପରେ ଶ୍ରୀକୃଷ୍ଣ ଦେଖିଲେ ଅର୍ଜୁନ ମୁଣ୍ଡରେ କେତୋଟି ଖସାଫୁଲ ପଡ଼ିଛି। ଶ୍ରୀକୃଷ୍ଣ କହିଲେ – ଆହାଃ କଣ କଲ ସଖା !! ଏତେ ବୁଝେଇବା ପରେ ବି ତୁମ ମୁଣ୍ଡରେ ଖସାଫୁଲ !! ବହୁତ ଅଶୁଭ ସୂଚନା।କିଛି ଅଘଟଣ ଘଟିବ ଅବଶ୍ୟ। ଅର୍ଜୁନ କହିଲେ – ସଖା , ମୁଁ ତ ସତର୍କ ହୋଇ ଆସୁଥିଲି। କେମିତି ଏ ଫୁଲ ମୁଣ୍ଡରେ ପଡ଼ିଲା କେଜାଣି ।ଏବେ କିଛି ପ୍ରତିକାର କରନ୍ତୁ। ଆପଣ ହିଁ ତ ମୋର ଏକମାତ୍ର ସାହା ଭରସା।

ଶ୍ରୀକୃଷ୍ଣ କହିଲେ – ପ୍ରତିକାର ଅଛି। ହେଲେ ତମେ ପାରିବ ତ। ଅର୍ଜୁନ କହିଲେ – ନିଶ୍ଚୟ । ଶ୍ରୀକୃଷ୍ଣ – ତାହେଲେ ଚାଲ କ୍ଷେତ ମାଲିକ ପାଖକୁ।

ଦୁହେଁ ଛଦ୍ମ ବେଶରେ କ୍ଷେତ ମାଲିକ ଘରକୁ ଗଲେ। ଶ୍ରୀକୃଷ୍ଣ କ୍ଷେତମାଲିକଙ୍କୁ କହିଲେ – ମୋ ସହିତ ଯୋଉ ଲୋକଙ୍କୁ ଦେଖୁଚ ସେ ସାଧୁ ସଚ୍ଚୋଟ ସ୍ୱଭାବର। ଆପଣଙ୍କ ଘରେ ରହି ସେ କାମ କରିବାକୁ ଆଗ୍ରହୀ। କ୍ଷେତମାଲିକ କହିଲେ – ଆଜ୍ଞା ମୋର ଯେତିକି ଲୋକ କାମ କରୁଛନ୍ତି ସେମାନଙ୍କୁ ମୁଁ ଦରମା ଦେଇ ପାରୁ ନାହିଁ। ଆଉ ଅଧିକ ଲୋକର ଆବଶ୍ୟକତା ନାହିଁ। ଶ୍ରୀକୃଷ୍ଣ କହିଲେ – ଆପଣ ମଜୁରୀ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ। ସେ ବିନା ପାରିଶ୍ରମିକରେ କାମ କରିବାକୁ ପ୍ରସ୍ତୁତ। କ୍ଷେତ ମାଲିକ କହିଲେ – ତାହେଲେ ମୋର କିଛି ଆପତ୍ତି ନାହିଁ। ଅର୍ଜୁନ କହିଲେ – ମୋର କିନ୍ତୁ ଗୋଟିଏ ସର୍ତ୍ତ ଅଛି। କ୍ଷେତ ମାଲିକ କହିଲେ – ନିସଂକୋଚରେ ପ୍ରକାଶ କର। ଅର୍ଜୁନ କହିଲେ – ମୁଁ ଏଠାରେ ଯାହା କରିବି ତାହା ଆପଣଙ୍କ ମଙ୍ଗଳ ପାଇଁ। ମାତ୍ର ଆପଣ କିଛି ପ୍ରତିବାଦ କରିବେ ନାହିଁ, କିମ୍ବା କିଛି ପ୍ରଶ୍ନ ପଚାରିବେ ନାହିଁ। କ୍ଷେତ ମାଲିକ ଅର୍ଜୁନଙ୍କ ପ୍ରସ୍ତାବରେ ରାଜି ହେଲେ।

ଦିନେ ନିଶାର୍ଦ୍ଧରେ ନାରୀର କ୍ରନ୍ଦନ ଧ୍ୱନୀ ଶୁଣି ଅର୍ଜୁନ ବାହାରକୁ ଆସି ଦେଖିଲେ – ରୋଦନ କରୁଥିବା ଜଣେ ଦିବ୍ୟ ସୁନ୍ଦରୀ ନାରୀ। ଅର୍ଜୁନ ତାଙ୍କର ପରିଚୟ ଓ କ୍ରନ୍ଦନ କାରଣ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ କହିଲେ – ମୁଁ ଧନ ଲକ୍ଷ୍ମୀ। କ୍ଷେତ ମାଲିକଙ୍କ ଧାନ ରହୁଥିବା କୋଠି ଘରେ ବାସ କରେ। ହେଲେ ଘରର ଛାତ ଉପରେ ଅଲକ୍ଷ୍ମୀ ବାସ କରୁଥିବା ଲାଉ,କଖାରୁ ଲତା ମାଡି ଥିବାରୁ ମୋତେ ଭୀଷଣ କଷ୍ଟ ହେଉଛି। ମୁଁ ଘର ଛାଡ଼ି ଚାଲିଗଲେ ତମ ମାଲିକ କଙ୍ଗାଳ ହୋଇଯିବେ। ଅର୍ଜୁନ ହାତ ଯୋଡ଼ି କହିଲେ – ମା' ଆପଣ ଘର ଭିତରକୁ ଯାଆନ୍ତୁ । କାଲି ସକାଳେ ମୁଁ ଏହାର ପ୍ରତିକାର କରୁଛି।

ପରଦିନ ସକାଳେ ଅର୍ଜୁନ ଲାଉ,କଖାରୁ ସବୁ ମୂଳରୁ କାଟି ବାହାରେ ଫୋପାଡି ଦେଇ ଆସିଲେ। ମାଲିକ ସବୁ ଦେଖି ବି ସର୍ତ୍ତ ଅନୁସାରେ ଅର୍ଜୁନଙ୍କୁ କିଛି ପଚାରି ପାରିଲେନି।

ଅନ୍ୟ ଏକ ଦିନ ଅର୍ଦ୍ଧ ରାତ୍ରୀରେ କିଛି ଲୋକଙ୍କ କାନ୍ଦଣା ସ୍ୱର ଶୁଣି ସେ ବାହାରକୁ ଆସିଲେ। ଘର ପଛ ପଟକୁ ଯାଇ କାନ୍ଦୁଥିବା ବୃଦ୍ଧ ଲୋକମାନଙ୍କୁ ପଚାରିଲେ – ଆପଣମାନେ କିଏ ଆଉ କାନ୍ଦୁଛନ୍ତି କାହିଁକି। ସେମାନେ କହିଲେ – ଆମେ-ମାନେ ତୁମ ମାଲିକଙ୍କ ପୂର୍ବ ପୁରୁଷ। କୃପଣତା ହେତୁ ସେ ଆମର ଶ୍ରାଦ୍ଧ କରୁନି କି ପିଣ୍ଡ ଦେଉନି। ତେଣୁ ଆମେ ମୋକ୍ଷ ଲାଭ କରି ପାରୁନୁ। ଅର୍ଜୁନ ପଚାରିଲେ – ତାହେଲେ କିପରି ମୁକ୍ତି ପାଇବେ କୁହନ୍ତୁ। ସେମାନେ କହିଲେ – ଆସନ୍ତା ପୂର୍ଣ୍ଣମୀରେ ଗଙ୍ଗାରେ ଅପୂର୍ବ ସ୍ନାନ ଯୋଗ ରହିଛି। ଆମ ନାଁ ଧରି ସେ ଗଙ୍ଗାରେ ବୁଡ଼ ପକାଇଲେ ଆମେ ମୋକ୍ଷ ପାଇଯିବୁ।

ପରଦିନ ମାଲିକଙ୍କୁ ଅର୍ଜୁନ କହିଲେ – ଆସନ୍ତା ପୂର୍ଣ୍ଣମୀରେ ପବିତ୍ର ସ୍ନାନଯୋଗ ଅଛି । ଆପଣ ସପରିବାର ଚାଲନ୍ତୁ ଗଙ୍ଗାରେ ବୁଡ଼ ପକାଇବା। ଏହା କଲେ ଆପଣ ତଥା ଆପଣଙ୍କ ପରିବାରର ମଙ୍ଗଳ ସାଧିତ ହେବ। ଆମକୁ କିନ୍ତୁ ବାରଟା ପୂର୍ବରୁ ସେଠାରେ ପହଞ୍ଚିବାକୁ ପଡ଼ିବ।

ପୂର୍ଣ୍ଣମୀ ଦିନ ସକାଳେ ଅର୍ଜୁନ ମାଲିକଙ୍କ ପରିବାର ସହିତ ଗଙ୍ଗା ଅଭିମୁଖେ ଯାତ୍ରା କଲେ। ଅର୍ଜୁନ ଦେଖିଲେ ବାରଟା ପୂର୍ବରୁ କୌଣସି ପ୍ରକାରେ ଗଙ୍ଗା ତଟରେ ପହଞ୍ଚିବା ସମ୍ଭବ ନୁହେଁ।ତେଣୁ ସାହାଯ୍ୟ ପାଇଁ ଗଙ୍ଗାମାତାଙ୍କୁ ପ୍ରାର୍ଥନା କଲେ। ଗଙ୍ଗାମାତା କହିଲେ – ଆଖପାଖରେ ଯେ କୌଣସି ଜଳାଶୟରେ ବୁଡ଼ ପକାଇଲେ ମୁଁ ସେଠାରେ ଆବିର୍ଭୁତ ହେବି। ଅର୍ଜୁନ ଦେଖିଲେ ପାଖରେ ଗୋଟେ ଗୋବର ଗାଡିଆ ଅଛି। ତେଣୁ ସେହିଠାରେ ମାଲିକଙ୍କ ସହିତ ସମସ୍ତଙ୍କୁ ବୁଡ଼ ପକାଇବା ପାଇଁ କହିଲେ।ବୁଡ଼ ପକାଇ ସାରି କ୍ଷେତ ମାଲିକ ଉପରକୁ ଆସି ଅର୍ଜୁନଙ୍କୁ କହିଲେ – ରେ ଚଣ୍ଡାଳ ! କଣ କଲୁ । ଶେଷରେ ମୋତେ ଗୋବର ଗାଡ଼ିଆରେ ସ୍ନାନ କରାଇଲୁ। ମୋର ଲାଉ କଖାରୁ ସବୁ ନଷ୍ଟ କଲୁ। ତାକୁ ସହିଲି।ହେଲେ ଏଥର ସବୁ ସୀମା ସରହଦ ଡପିଗଲୁ। ମୁଁ ଆଉ ତୋ ମୁହଁ ଦେଖିବାକୁ ଚାହୁଁନି। କାଲି ସକାଳେ ମୁଁ ଉଠିବା ପୂର୍ବରୁ ତୁ ଯେମିତି ଘର ଛାଡ଼ି ଚାଲି ଯାଇଥିବୁ।

ସେହିଦିନ ରାତିରେ ଅର୍ଜୁନ ଗୋଟେ ଚିଠି ଲେଖିଦେଇ ଘର ଛାଡ଼ି ଚାଲିଗଲେ। ସେ ନିଜର ପରିଚୟ ଦେବା ସହିତ କେଉଁ କାରଣରୁ ତାଙ୍କ ଘରେ ବିନା ମଜୁରୀରେ କାମ କରୁଥିଲେ ; ଲାଉ କଖାରୁ ଲଟା କାହିଁକି ଫୋପାଡିଲେ ; ଗୋବର ଗାଡ଼ିଆରେ କାହିଁକି ବୁଡ଼ ପକାଇବାକୁ କହିଥିଲେ। ସେ ସମସ୍ତ କଥା ଚିଠିରେ ଉଲ୍ଲେଖ କରିଥିଲେ।

ସବୁ କଥା ଜାଣି ସାରିବା ପରେ ଚିଠିଟି ମୁଣ୍ଡରେ ଲଗାଇ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରି କ୍ଷେତ ମାଲିକ କହିଲେ – ହେ ଅର୍ଜୁନ ! ଆପଣ ଜଣେ ମହାନ ବୀର ବୋଲି ଆଗରୁ ଜାଣିଥିଲି। ହେଲେ ଆପଣ ଯେ ଜଣେ ମହାନ ଆତ୍ମା ତାହା ଆଜି ଜାଣିଲି। ଆପଣ ତ ମଣିଷ ନୁହନ୍ତି... ଦେବତା!!!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଦେହଟା ଯାଉଛି ଥରି

## ତପନ କୁମାର ସ୍ୱାଇଁ


**କ**ହିଲୁ ଲୋ ବୋଉ ଶୀତରେ କାହିଁକି
ଦେହଟା ଯାଉଛି ଥରି,
ପଦାକୁ ଯିବାକୁ ଖାଲି ଦେହଟାରେ
ମନଟା ଯାଉଛି ଡରି।

ଶୀତୁଆ ପୋଷାକ ପିନ୍ଧିବାକୁ କହ
ନାହିଁ କିବା ଆମ ଘରେ,
ଜାଡରେ ଦେହଟା ଥରି ଯାଉଅଛି
ପିନ୍ଧନ୍ତି ଶୀତରେ ଥରେ ।

ମଥାକୁ ଆଉଁଶି ପାଖରେ ବସାଇ
ମାଆ କହିଲାରେ ପୁଅ,
କିଏ ଆଣିଦେବ ଶୀତର ପୋଷାକ
ଆମକୁରେ ଧନ କହ ।

ଆମେ ତ ଗରିବ ମୂଲ ଲାଗି ଖାଉ
ରହିବାକୁ ନାହିଁ ବାସ,
ପିନ୍ଧିବାକୁ ଖଣ୍ଡେ କିଣିବାକୁ ଆମ
ବିତିଯାଏ ମାସ ମାସ ।

ଖରାଦିନ ବିତେ ଗଛ ତଳେ ଆମ
ବରଷା ରେ ଜରିତଳେ,
ଶୀତ କଥା କ'ଣ କହିବିରେ ଧନ
କୁଟା କାଠି ଆମ ଜଳେ ।




ପଶୁ,ପକ୍ଷୀ ପରି ଚଳି ଯାଉ ଆମେ
ମନ କରି ନାହୁଁ ଛୋଟ,
ଅଭାବ କଷଣ ଆସୁ ପଛେ ଯେତେ
ତଥାପି ଚାଲିଛୁ ବାଟ ।

ଯାହାକୁ ଯେମିତି ରଖିଛି ବିଧାତା
ଇଚ୍ଛା ମତେ ଧରା ବୁକେ,
ମିଳିଲେ ଖାଇବା ଦୁଇ ଓଳି ଖଟି
ନହେଲେ ଶୋଇବା ଭୋକେ ।

ମହାନଦୀ ବିହାର, କଟକ
ମୋ – ୯୦୪୦୦୩୩୩୯୦

# ବାଘମାମୁଁ, ଛେଳି ଓ କାଉ କଥା

## ସୁନନ୍ଦା ମହାନ୍ତି





**ଛେ**ଳିର ମାମୁଁ ଘର ବୁଲା କାହାଣୀ ଶୁଣି ସବୁ ପଶୁପକ୍ଷୀ ମାନେ ନିଜ ନିଜ ମାମୁଁଘରକୁ ବୁଲି ଯିବାକୁ ବାହାରିଲା ବେଳେ ସେମାନଙ୍କ ମାଆମାନେ ଛେଳିର ଅନୁଭୂତି ଶୁଣି ପିଲାଙ୍କୁ ମନା କରୁଥିଲେ ତ କାଉ କହିଲା ମୁଁ ଭାରି ବୁଦ୍ଧିଆ ତେଣୁ ମତେ ମନା କରନା ମାଆ। ଛେଳି ସିନା ଜଙ୍ଗଲ ଦେଇ ଯାଉଥିବାରୁ ବାଘ ହାବୁଡ଼ରେ ପଡିଗଲା। ବାଘମାମୁଁ ମଧ୍ୟ ସମସ୍ତଙ୍କର ମାମୁଁ କିନ୍ତୁ ପଶୁ ପକ୍ଷୀ ହାବୁଡ଼ରେ ପଡିଲେ ତା ପାଟିରୁ ଲାଳ ଗଡେ ତ ସେ ଛେଳିକୁ ମାରି ଖାଇବାକୁ କହିବାରୁ ଛେଳି କହିଥିଲା ମୋ ଦେହରେ ପଳେ ହେଲେ ମାଂସ ନାହିଁ। ମୁଁ ମୋ ମାମୁଁ ଘରୁ ଖାଇ ପିଇ ମୋଟା ହୋଇ ଆସେ ତୁମେ ମତେ ଖାଇବ। ବାଘ ଭାବିଲା ବଉଳା ଗାଈ ମଧ୍ୟ ଅନୁନୟ ବିନୟ କରି କହିଥିଲା କି ଘରେ ମୋ ଛୁଆ ବାଛୁରୀ ଚାନ୍ଦ ଅଛି ଆଉ ତାକୁ ଖାଇବାକୁ ଦେଇ ମୁଁ ଫେରିଆସିଲେ ତୁମେ ମତେ ଖାଇବ। ସତକୁ ସତ କଥା ରକ୍ଷା କରି ବଉଳା ଗାଈ ଛୁଆ ବାଛୁରୀକୁ କ୍ଷୀର ପିଆଇ ସାରି ବାଘ ପାଖକୁ ଫେରି ଆସିଥିଲା କିନ୍ତୁ ବାଘ ବଉଳା ଗାଈର ସତ କଥା କହିବା ଓ କଥା ଦେଇ କଥା ରଖିବା, ଏ ଦୁଇଟି ଗୁଣ ବଉଳା ଗାଈ ପାଖରେ ଦେଖି ତାକୁ ଛାଡି ଯାଇଥିଲା ହେଲେ ଛେଳି ମିଛ କହି ଏମିତି ଖସିଆସିବା କଣ ଠିକ କଥା ?

କାଉମାଆ ପୁଅ କାଉକୁ କହିଲା ଠିକ କଥା। ସତ କହିଲେ ପୁଣ୍ୟ ହୁଏ। ପୁଣ୍ୟର ଧର୍ମ ବଳରେ ତୁମକୁ ଛାଡ଼ ମିଳିଯାଏ। କାଉ କହିଲା ତୁ ବ୍ୟସ୍ତ ହୁଅନା। ମୁଁ ତ ଜହ୍ନମାମୁଁ ଘରକୁ ଯିବି। ଜଙ୍ଗଲ ରାସ୍ତାରେ ଗଲେ ସିନା ବାଘ, ଭାଲୁ ବିପଦ ଅଛି। ଆକାଶ ବକ୍ଷ ଚିରି ଉଡିଯାଇ ଜହ୍ନମାମୁଁ ପାଖେ ପହଞ୍ଚି ତାଙ୍କଠୁଁ କିଛି ଜୋଛନା ମାଗିଆଣିଲେ ମୋ ଦେହରେ ବୋଳି ଗୋରା ହେବି। ମତେ ତୁ ଆଉ ମନା କରନା।

ବାଟରେ ଉଡି ଉଡି କାଉର ଡେଣା ଛିଡି ଗଲା। ପକ୍ଷ ଦୁର୍ବଳ ଓ କ୍ଷତାକ୍ତ ହେବାରୁ ସେ ତା ବନ୍ଧୁ ଗରୁଡ଼ ପକ୍ଷୀକୁ ଡାକ ଛାଡିଲା। ସେ ଆସି କାଉକୁ କେତେ ବୁଝାଇଲା। କାଉକୁ ପିଠିରେ ବୋହି ନେଇଯିବାରେ ଅସୁବିଧା ନଥିଲେ ମଧ୍ୟ କାଳେ କୋଉ ବିପଦ ପଡିବ ସେ ବାରଣ କରିବାରୁ କାଉ ଫେରିଆସିବା ବାଟରେ ଦେଖିଲା ଜଣେ ଯମଦୂତ ତା ଆଡକୁ ଚାହିଁ ହସୁଛନ୍ତି ତ ସେ ଡରିଗଲା। ଗରୁଡ଼ ପକ୍ଷୀ କାଉକୁ ନେଇ କୈଳାସ ପର୍ବତ ଉପରକୁ ଉଡ଼ିଗଲା ପରେ ସେଠାରୁ ଖାଦ୍ୟ ଅନ୍ୱେଷଣ ପାଇଁ ଯିବା ପରେ ସାପଟିଏ ଆସି କାଉକୁ କାମୁଡି ବିଷ ଦ୍ୱାରା ମାରିଦେଲା। ସେହି ଦିନଠୁ କାଉ ମାଆ ସହ କାଉ ପକ୍ଷୀମାନେ ସକାଳୁ କା କା ଡାକି ମୃତ କାଉକୁ ଆଜିଯାଏଁ ଖୋଜି ଚାଲିଥିଲା ବେଳେ, ଛେଳି ସବୁକଥା ଶୁଣି ବାଘ ମାମୁଁ ପାଖକୁ ଚାଲିଲା। କହିଲା ମାମୁଁ ସେଦିନ ମୁଁ ତୁମକୁ ମିଛ କହି ଚାଲିଯାଇଥିଲି କିନ୍ତୁ ମିଛ କହିବା ମହାପାପ ଜାଣି ମୁଁ ଫେରିଆସିଛି। ତୁମେ ଏବେ ମତେ ଖାଇପାର। ବାଘମାମୁଁ କହିଲା ତୁ ମତେ ମାମୁଁ ଡାକୁଛୁ ଯେତେବେଳେ ତୁ ମୋର ଭାଣିଜୀ। ପୁଣି ପୁରୁଣା ଭୁଲକୁ ସୁଧାରି ପ୍ରାୟଶ୍ଚିତ କରି ଆସିଥିବା ଜନ୍ତୁଙ୍କୁ ମୁଁ ଖାଏନାହିଁ ତୁ ଚାଲିଯା। ଛେଳି ଯାଇ କାଉ ମାଆ ପାଖରେ ପହଁଚିଲା ଓ ସେଇଦିନଠୁ କାଉ ମାଆକୁ ପିଠିରେ ବସେଇ ଘାସ ଖାଉଥାଏ ଛେଳି ଓ କାଉକୁ ବୁଝେଇଦିଏ ଯେ ପିତା ମାତା ଓ ଗୁରୁଜନମାନଙ୍କ କଥା ନମାନିଲେ ବିପଦ ଆସେ। ତଥାପି କାଉ ଉଡି ଉଡି ଖୋଜୁଥାଏ ତା ପୁଅକୁ।

ତେଣେ ଗରୁଡ଼ ପକ୍ଷୀ ଖାଦ୍ୟ ଧରି ଫେରିଆସି ଦେଖେ ତା ବନ୍ଧୁ କାଉକୁ ସାପ କାମୁଡି ଦେହରେ ବିଷ ଚରି କାଉ ଯାଇଛି ମରି ତ ଗରୁଡ଼ ପକ୍ଷୀ ସେହି ସାପକୁ କହିଥିଲା କାଉ ଦେହର ବିଷ କାଢିନେବାକୁ ତ ସାପ ଗରୁଡ଼ ପକ୍ଷୀଙ୍କ କଥା ମାନି କାଉ ଦେହରୁ ବିଷ କାଢ଼ିଦେଲା ପରେ ସେ ବଞ୍ଚିଗଲା ସତ ହେଲେ ତା ଦେହ ଧଳା ପଡି ଯାଇଥିଲା। ତା ମାଆ ତାକୁ ଆଉ ଚିହ୍ନି ପାରୁନଥିବା ବେଳେ ଛେଳି କାଉଠୁ ସବୁ ଶୁଣି ତା ମାଆକୁ କହିଥିଲା ତୁମ କର୍ମର ପୁଣ୍ୟ ବଳରେ ତୁମ ପୁଅ ଫେରିଆସିଛି।

ସାକ୍ଷୀଗୋପାଳ , ପୁରୀ, ମୋ: ୯୦୪୦୯୭୭୩୨୭

# ଜେଜେ ବାପା ମୋର

## ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



**ବା**ପାଠୁଁ ନିଜର ଜେଜେ ବାପା ମୋର
ପାଖେ ପାଖେ ସଦା ଥାଆନ୍ତି –
ଅଝଟ ହେଲେ ମୁଁ କୋଳରେ ବସାଇ
ମଜା ମଜା ଗୀତ ଗାଆନ୍ତି,
ଯେତେବେଳେ ଯାହା ମାଗିଥାଏ ମୁହିଁ
ଆଣିକି ମୋ ହାତେ ଦିଅନ୍ତି –
ମୋ ବୋଉ ସାଥିରେ ଗାଡ଼ିରେ ବସାଇ
ମେଳାକୁ ବୁଲେଇ ନିଅନ୍ତି,
ଅଳି ଅଝଟ ମୋ ସବୁ ସେ ସହନ୍ତି
ମତେ ଭାରି ଭଲ ପାଆନ୍ତି –
ବେଳେ ବେଳେ ସେତ ଶିଶୁ ମନ୍ଦିରକୁ
ମୋଅରି ସାଥିରେ ଯାଆନ୍ତି,
ଭଲ ପାଠ ପଢ଼ି ବଡ଼ ମଣିଷଙ୍କ
ପରିକା ହେବାକୁ କହନ୍ତି –
କାନ୍ଧରେ ବସାଇ ଛାତରେ ବୁଲାଇ
ମୋ ଭାରକୁ ସେ ସହନ୍ତି,
ସକାଳେ ସଞ୍ଜେ ମୋ ପାଖରେ ବସି
ଦିଅନ୍ତି ସେ ପାଠ ପଢ଼େଇ –
ମୋ ପାଇଁ ଜେଜେମା ସାଥିରେ ସିଏତ
କରିଥାନ୍ତି ସଦା ଲଢ଼େଇ,
ବାପା ନଥିବାର ଦୁଃଖ ବେଦନାକୁ
ମୋ ମନରୁ ହରି ନିଅନ୍ତି –
ଖୁସିର ପୀୟୂଷ ଭରି ମୋ ଜୀବନେ
ସବୁ ଲୁହକୁ ସେ ପିଅନ୍ତି।

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର, ମୋ -୮୫୯୪୮୮୫୮୯୮

# ବାଇ ଚଢେଇରେ ବାଇ ଚଢେଇ

## ସୁଜିତ କୁମାର ମିଶ୍ର



**ବା**ଇ ଚଢେଇରେ ବାଇ ଚଢେଇ,
ତୋ ମିଠା ଶବଦେ ସଭିଏଁ ବାଇ ।
ବଡ ସୁନ୍ଦର ତୋ ବାଇଆ ବସା,
ସୁଖ ଦୁଃଖର ସେ ଆଶା ଭରସା ।
ଗଢିଛୁ ବସା ତୁ କୁଟା କାଠିରେ,
ସରଗପୁର ସେ ସାରା ସଂସାରେ ।
ଉଡି ବୁଲୁଥାଉ ଆକାଶେ ଯାଇ,
ନୀଡକୁ ଫେରୁତୁ ଆହାର ନେଇ ।
ଖରା ବରଷାକୁ ନଥାଏ ଡର,
ବାଇ ଚଢେଇ ତୁ ମହାନ ବୀର ।
ଝୁଲୁଥାଏ ତୁହି ଗଛ ଦୋଳିରେ,
ତୋଠାରୁ ସୁଖୀକେ ଅଛି ସଂସାରେ।
ତୋ ଗପ କହନ୍ତି ଜେଜିମା ପୁଣି,
ନାତି ଓ ନାତୁଣୀ ଶୁଅନ୍ତି ଶୁଣି ।
କୁଆଡେ ଗଲୁରେ ବାଇଚଢେଇ,
ଲୁଚିଛୁ କେଉଁଠି ରଷିକି ତୁହି ?

ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର,
୭୬୮୩୮୬୭୭୪୨

# ପୁଷ ପରେ ଆସିଛି ମାଘ

## ସୁଧାକର ରାଉତ



**ପୁ**ଷ ପରେ ପରେ ମାଘ
କାଠୁଆ ଜାଡକୁ ସାଙ୍ଗରେ ଧରିଣ
ମାଡ଼ି ଆସେ ଯେହ୍ନେ ବାଘ ।
ତା ସଙ୍ଗେ କୋହଲା ପାଗ
ହାଡ଼ ଭଙ୍ଗା ଶୀତରେ ଥରାଇ ଦେହ
ଶୁଝାଏ କି ତାର ରାଗ ।
ଉଷ୍ମତାର ଖୋଜା ପଡେ
ଗରମ ପୋଷାକ ପିନ୍ଧଇ କିଏ ସେ
ନିଆଁ ରେ କା ଜାଡ ଛାଡେ ।
କଅଁଳ ଖରା ଟା ଆସି
ଶୀତେ ଥରୁଥିବା ବୁଢ଼ାବୁଢ଼ୀଙ୍କର
ମନେ ଭରିଦିଏ ଖୁସି ।
କୁହୁଡ଼ି ଚାଦର ପଡ଼ି
ପଥିକକୁ କେତେ ହଇରାଣ କରେ
ଯାଏ ଟି ସେ ପଥ ହୁଡି ।
ମା ସରସ୍ୱତୀଙ୍କ ପୂଜା
ମାଘ ପଞ୍ଚମୀରେ ହୁଅଇ ପାଳିତ
ଉଡ଼େ ବାଗ୍ଦେବୀଙ୍କ ଧ୍ୱଜା ।
ଚନ୍ଦ୍ରଭାଗା ସ୍ନାନ ସଙ୍ଗେ
ଯୋରନ୍ଦା ମେଳାର ନିଆରା ଉତ୍ସବ
ପାଳନ୍ତି କେ କେତେ ଢ଼ଙ୍ଗେ ।
ଅଗ୍ନ୍ୟୁତ୍ସବ ମାସ ଶେଷେ
ପାଳନ୍ତି ସଭିଁଏ ପୂଜି ଅଗ୍ନିଦେବ
ସୁଦୟା ଲଭିବା ଆଶେ ।
ଧୀରେ ଧୀରେ ଶୀତ କୋପ
କମି କମି ଯାଏ ଦିନ ହୁଏ ବଡ
ବଢେ ରବିଙ୍କର ତାପ ।
ମାନିଲେ ପ୍ରକୃତି ବିଧି
ଋତୁ ପରେ ଋତୁ ସମୟେ ଆସିବେ
କୃପା କରି ଦୟାନିଧି ।

ପ୍ରତାପ ନଗରୀ, କଟକ
ମୋ – ୮୨୪୯୯୩୨୭୯୨

ଏଇ ପୃଷ୍ଠାପାଇଁ ଗପ ଓ କବିତା
ପଠାଇବାକୁ ଚାହୁଁଥିଲେ ପଠାଇପାରିବେ।
ନୂଆ ଲେଖକ/ଲେଖିକାଙ୍କୁ ପ୍ରାଥମିକତା ଦିଆଯିବ।
ମେଲ୍ କରନ୍ତୁ:
meenabazarweekly@gmail.com

# ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ସମୀକ୍ଷାକଲେ ସଚିବ



ବରଗଡ଼ : ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଜଳସମ୍ପଦ ବିଭାଗ ଅନୁ ଗର୍ଗ ସମ୍ବଲପୁର ଓ ବରଗଡ଼ ଜିଲା ଗସ୍ତ କରି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ବରଗଡ଼ ଜିଲାର ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପରେ ଅତିରିକ୍ତ ଆୟକଟ ଅଞ୍ଚଳ (ସେଚାଞ୍ଚଳ)କୁ ଜଳସେଚନ ସୁବିଧା ଯୋଗାଉଥିବା ପମ୍ପ ହାଉସ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କେତେକ ପାଣି ପଞ୍ଚାୟତର କର୍ମକର୍ତ୍ତା ସମେତ ଏହାର ମହିଳା କର୍ମକର୍ତ୍ତାମାନଙ୍କ ସହପାଣି ପଞ୍ଚାୟତର ପରିଚାଳନା ସଂପର୍କରେ ଆଲୋଚନା କରି ରହୁଥିବା ସମସ୍ୟାର ସମାଧାନ ଦିଗରେଆବଶ୍ୟକ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ଏହି ପ୍ରକଳ୍ପ ଅଧିନରେଡୁମେରପାଣି ଓ ସରଣ୍ଡାପାଲି ଠାରେ ଯଥାକ୍ରମେ ୨୦ ହେକ୍ଟର ଏବଂ ୨ ହେକ୍ଟର ଚକ ଜମିକୁ ସୁବିଧାରେ ପାଣି ମାଡ଼ିବା ନେଇ ଫ୍ଲସିଂ ଆଉଟ୍ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପରେ ଆଗାମୀ ଖରିଫ ଋତୁରେ ଅତିରିକ୍ତ ଆୟ କଟର ସମୁଦାୟ ୫୭୫୦ ହେକ୍ଟର ୧ଜମିକୁ ଜଳସେଚନ କରାଯିବ। ଏହିଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ନିୟନ୍ତ୍ରିତ (ସ୍କାଡା) ସକ୍ଷମ ବ୍ୟବସ୍ଥା। ଚଳିତ ରବି ଋତୁରେ ଏହି ଆୟକଟରେ ୨୦୦୦ ହେକ୍ଟର ଜମିକୁ ପରୀକ୍ଷାମୂଳକ ଜଳସେଚନ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି।

# ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ

# ବଲାଣି ଗ୍ରାମର ମା'ଚଳା ଡ୍ୟାନ୍ସ ଟ୍ରୁପ୍ ଚାମ୍ପିଅନ୍




ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ସିନର୍ଜି - ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୫ରେ ଚୁଡାନ୍ତ ରାଉଣ୍ଡରେ ଲାଠିକଟା ବ୍ଲକ ବଲାଣି ଗ୍ରାମର ମା' ଚଳା କଳା ପରିଷଦ ଚାମ୍ପିଅନ୍ ଆଖ୍ୟା ଲାଭ କରିଛି। ରାଉରକେଲା ଇସ୍ପାତ କାରଖାନାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସହର ପ୍ରଶାସନ ଏବଂ ସିଏସ୍‌ଆର୍ ବିଭାଗର ସିଜିଏମ ଇନଚାର୍ଜ ପି.କେ.ସ୍ୱାଇଁ, ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ରା ଏବଂ ଆରଏସପିର ବିଭିନ୍ନ ବରିଷ୍ଠ ଅଧିକାରୀ,ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ପାର୍ଶ୍ୱାଞ୍ଚଳର ବ୍ଲକର ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଲାଠିକଟା ବ୍ଲକ୍, ନୂଆଗାଁ ବ୍ଲକ୍, ବିଶ୍ରା ବ୍ଲକ୍ ଏବଂ କୁଆରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ତିରିଶଟି କରି ନୃତ୍ୟ ଦଳ ଏହିଭଳି ସମୁଦାୟ ୧୨୦ ଟି ନୃତ୍ୟ ଦଳ ନିଜନିଜ ବ୍ଲକରେ ଆୟୋଜିତ ଜୋନାଲ ସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ ପ୍ରତିଯୋଗିତାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ଚୁଡାନ୍ତ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନେ ଟାଇଟଲ୍ ଜିଣିବା ପାଇଁ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ବିଜେତା ଏବଂ ଅଂଶଗ୍ରହଣକାରୀ ସମସ୍ତ ଦଳଙ୍କୁ ଏହି ମହୋତ୍ସବକୁ ସଫଳ ଗଢିବା ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପି ସିଏସଆର ବିଭାଗର ଉଦ୍ୟମର ସେ ପ୍ରଶଂସା ମଧ୍ୟ କରିଥିଲେ। ମାନ୍ୟଗଣ୍ୟ ଅତିଥିମାନେ ନୃତ୍ୟ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲାଠିକଟା ବ୍ଲକ ବଲାଣି ଗ୍ରାମର ମା' ଚଳା ଡ୍ୟାନ୍ସ ଟ୍ରୁପ୍ ପ୍ରଥମ ପୁରସ୍କାର ରୂପେ ୨୦୦୦୦ ଟଙ୍କାର ଅର୍ଥରାଶି ଓ ଟ୍ରଫି ଲାଭ କରିଥିବାବେଳେ ଦ୍ୱିତୀୟ ପୁରସ୍କାର ଭାବେ କୁଆଁରମୁଣ୍ଡା ବ୍ଲକର ସିଆଲଜୋର ଗ୍ରାମର କୁନ୍ତି ନୃତ୍ୟ ଦଳ ୧୭୫୦୦ ଟଙ୍କାର ପୁରସ୍କାର ଅର୍ଥରାଶି ଓ ଟ୍ରଫି ଲାଭ କରିଥିଲେ । ସେହିଭଳି କୁଆଁରମୁଣ୍ଡା ବ୍ଲକର ହେଟାବାହାଲ ଗ୍ରାମ ଦଳ ତୃତୀୟ ସ୍ଥାନ ହାସଲ କରିବା ସହ ୧୫ ହଜାର ଟଙ୍କାର ପୁରସ୍କାର ଅର୍ଥରାଶି ଓ ଟ୍ରଫି ଲାଭ କରିଥିଲେ। ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବଶିଷ୍ଟ ଦଳଗୁଡିକୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ୫୦୦୦ ଟଙ୍କାର ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ପୂର୍ବାହ୍ନରେ ଶ୍ରୀ ପି କେ ସ୍ୱାଇଁ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସିଏସଆର ବିଭାଗର ଜିଏମ ମୁନମୁନ ମିତ୍ରା ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ଏଜିଏମ ଟିବି ଟପ୍ପୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୂଚନାଯୋଗ୍ୟ ଯେ, ଆରଏସପି ଏହାର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ୨୦୧୨-୧୩ରୁ ପ୍ରତ୍ୟେକ ବର୍ଷ ଏହି ବିଶାଳ ଉତ୍ସବର ଆୟୋଜନ କରିଆସୁଛି। ଏହାର ଜୋନଲ ସ୍ତରୀୟ ପ୍ରତିଯୋଗିତା ପାର୍ଶ୍ୱବର୍ତ୍ତୀ ୪ଟି ବ୍ଲକରେ ଅନୁଷ୍ଠିତ ହେଉଥିବା ବେଳେ ଫାଇନାଲ ରାଉରକେଲାରେ ଅନୁଷ୍ଠିତ ହେଉଛି।

# ନେତାଜୀ ସୁବାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ସୁବର୍ଣ୍ଣପୁର, (ହି.ସ.): ସୁବର୍ଣ୍ଣପୁର ଜିଲ୍ଲା ଅଧିବକ୍ତା ପରିଷଦ ତରଫରୁ ପବିତ୍ର ନେତାଜୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ହୋଇଥିଲା। ଏହି ଅବସରରେ ନୂତନ କମିଟି ମଧ୍ୟ ଗଠନ ହୋଇଥିଲା। ନୂତନ କମିଟିରେ ଜିଲ୍ଲା ସଭାପତି ବଳଦେବ ପଧାନ, ଉପସଭାପତି ହେଲେ, ନନ୍ଦକିଶୋର ତ୍ରିପାଠୀ, ସବିତା ପଣ୍ଡା ଓ ନବ କୁମାର ତ୍ରିପାଠୀ, ସମ୍ପାଦକ ଦଶରଥ ମିଶ୍ର, ସହ ସମ୍ପାଦକ ରାଜକିଶୋର ନନ୍ଦ, ପ୍ରୀତି ପ୍ରଜ୍ଞା ପୁରୋହିତ ଓ ଶ୍ରବଣ ପଧାନ, କୋଷାଧକ୍ଷ ଶ୍ରୀକାନ୍ତ ଦାସ, ନ୍ୟାୟ ପ୍ରବାହ ଶମ୍ଭୁ ବିଶି, ସହ ନ୍ୟାୟ ପ୍ରବାହ ମଧୁମିତା ପାରମଗୁରୁ, ବିଶେଷ ନିମନ୍ତ୍ରିତ ସଦସ୍ୟ ପ୍ରଫୁଲ୍ଲ ସାହୁ, ତପନ ଜୁଆଡ଼ି, ହିମାଂଶୁ ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ହେଲେ ଭଗବତୀ ପ୍ରସାଦ ମିଶ୍ର, ବିପିନ ବିହାରୀ ବିଦ୍ୟାଧର,ରାଧାକାନ୍ତ ମହାକୁର, ମୋନାଜ ମେହେର,ବିବେକାନନ୍ଦ ମିଶ୍ର, ସାନନ୍ଦ ମହାପାତ୍ର, ମୋନାଜ୍ କୁମାର ପଣ୍ଡା ଚୟନ ହୋଇଥିଲେ ଓ ଅଧିବକ୍ତା ପରିଷଦର ପ୍ରାନ୍ତ ଉପସଭାପତିଙ୍କ ଅନୁରୋଧ କ୍ରମେ ନୂତନ ଦାଇତ୍ୱ ପାଇଥିବା କାର୍ଯ୍ୟକର୍ତା। ନାମ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ଦିଲ୍ଲୀପ କୁମାର ତ୍ରିପାଠୀ ଘୋଷଣା କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଅଧିବକ୍ତା ପରିଷଦର ପ୍ରାନ୍ତ ଉପସଭାପତି ତଥା ବରଗଡ଼ ଅଧିବକ୍ତା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଜୟଶ୍ରୀ ମହାପାତ୍ରଙ୍କ ସହ ସଂଘର ସହଜିଲ୍ଲା ସଂଘଚାଳକ ଜୟଦ୍ରଥ ଜଗଦଲ୍ଲା, ସହଜିଲ୍ଲା କର୍ଯ୍ୟବାହ ହୃଷୀକେଶ ଭୋଇ, ଜିଲ୍ଲା ସମ୍ପର୍କ ପ୍ରମୁଖ ରାଜେନ୍ଦ୍ର ନାୟକ, ଜିଲ୍ଲା ପ୍ରଚାର ପ୍ରମୁଖ ରଶ୍ମୀ ରଞ୍ଜନ ଦାସ ଉପସ୍ଥିତ ଥିଲେ, ଏହି କାର୍ଯ୍ୟକ୍ରମରେ ନୂତନ କମିଟି ସହ ଅନେକ ଅଧିବକ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଓ ସଭା ଶେଷରେ ନୂତନ ଭାବରେ ଉପସଭାପତି ହୋଇଥିବା ନନ୍ଦକିଶୋର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗାଁ ମୁହାଁ ନିଆଁକୁ ଆୟତ୍ତକଲେ ଅଗ୍ନିଶମବାହିନୀ

କେନ୍ଦୁଝର (ପିପିଏସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ ବନାଗ୍ନି ଘଟି ଶହ ଶହ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। କେନ୍ଦେଇପଶି ରାସ୍ତା ନିକଟ ଖୁଣ୍ଟାପଡା ରାସ୍ତାକଡ଼ର ହନୁମାନ ଛକ ନିକଟରେ ଥିବା ଏକର ଏକର ୟୁକାଲୀପଟାଶ ଓ ଆକାଶିଆ ଜଙ୍ଗଲ ରେ ଅଗ୍ନିକାଣ୍ଡ ଘଟି ଶହ ଶହ ଗଛ ଜଳି ପୋଡି ନଷ୍ଟ ହୋଇଯାଛି। କେହି ଦୁର୍ବୃତ ଜଙ୍ଗଲ ରେ ନିଆଁ ଲଗାଇ ଥିବା ଅନୁମାନ କରା ଯାଉଥିବା ବେଳେ ଘଟଣା ସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଂଚି ନିଆଁ କୁ ଆୟତ କରିଛନ୍ତି। ସେହିପରି କଂଟିଆପଡା ଗାଁ ନିକଟରେ ଥିବା ପୁଟୁସ ଜଙ୍ଗଲ ରେ ନିଆଁ ଲାଗି ଜଙ୍ଗଲ ନିଆଁ ଗାଁ ଆଡ଼କୁ ମାଡି ଯାଉଥିବାରୁ ଲୋକେ ଭୟଭୀତ ହୋଇ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁ କୁ ଆୟତ କରିଛନ୍ତି।ପାଟଣା ଅଗ୍ନିଶମ ବାହିନୀ ତରଫରୁ ହାବିଲଦାର ରମେଶ ଦାସ, ଆଗ୍ନିକ ଅରୁଣ କୁମାର ନାଏକ, ଶିବ ବେହେରା, ଅକ୍ଷୟ ରାଜ, ପ୍ରମୁଖ ନିଆଁ କୁ ଆୟତ କରିଥିଲେ । ନିଆଁ ଆୟତ ହୋଇଥିଲ ହେଁ ଅନେକ ଗଛ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।

# କୋଟିଆରେ ପୁଣି ଆନ୍ଧ୍ର କର୍ମଚାରୀ ଆୟୋଜନ କଲେ ସରକାରୀ କାର୍ଯ୍ୟକ୍ରମ



କୋରାପୁଟ: ଓଡ଼ିଶାର କଡ଼ା ପ୍ରତିବାଦ ପରେ କିଛି ଦିନ ଧରି କୋଟିଆରେ ଅନୁପ୍ରବେଶ ବନ୍ଦ କରିଥିଲା ଆନ୍ଧ୍ର। ପାଟୁସିନେରୀ ସହ ଏହାର ଆଖପାଖ ଗାଁରେ ସରକାରୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଲୋକଙ୍କୁ ପ୍ରଲୋଭିତ କରିବା ଉଦ୍ଦେଶ୍ୟରେ 'ପେସା ଆକ୍ଟ' ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଆନ୍ଧ୍ରପ୍ରଦେଶ ପଞ୍ଚାୟତିରାଜ ବିଭାଗର କିଛି କର୍ମଚାରୀ ରମେଶ କୁମାର, ସୀମାଂଚଳମ, ମହେଶ ପ୍ରମୁଖ ଭାଗ ନେଇଥିଲେ। କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଗୁଡିକୁ ପେସା ଆକ୍ଟ ଜରିଆରେ ଉଚିତ ଦର ମିଳିପାରିବ ବୋଲି ଏମାନେ କହିଥିଲେ। ମଧ୍ୟସ୍ଥି କିମ୍ବା ଦଲାଲଙ୍କୁ ଏସବୁ ବିକ୍ରୀ ନ କରି ଆନ୍ଧ୍ର ସରକାରଙ୍କୁ ବିକ୍ରୀ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ଆନ୍ଧ୍ରରେ ଧାର୍ଯ୍ୟକରିଥିବା କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ ଗୁଡିକର ଦର ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଆନ୍ଧ୍ର ଦ୍ୱାରା ନିୟୋଜିତ ଏଜେଣ୍ଟ ମାନେ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଅନ୍ୟପକ୍ଷରେ ସକାଳ ସାଢ଼େ ୧୧ଟା ବେଳେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ ସୁଦ୍ଧା କୋଟିଆ ପୁଲିସ କିମ୍ବା ପ୍ରଶାସନ ନିକଟରେ କୌଣସି ସୂଚନା ନଥିଲା। ନିଜ ରାଜ୍ୟ ସୀମା ଅତିକ୍ରମ କରି ଆନ୍ଧ୍ର ଅଧିକାରୀ ପଶିଥିବା ବେଳେ ଓଡ଼ିଶାର ଗୁଇନ୍ଦା ବିଫଳତା ଯୋଗୁ କୌଣସି ସୂଚନା ମିଳିଲା ନାହିଁ ବୋଲି ମତପ୍ରକାଶ ପାଇଛି। ବାରମ୍ବାର କୋଟିଆ ଗ୍ରାମପୁଂଜରେ ଆନ୍ଧ୍ରର ବିଭିନ୍ନ ସରକାରୀ ବିଭାଗ, ବ୍ୟାଙ୍କ, ସ୍ୱେଚ୍ଛାସେବୀ ସଂସ୍ଥା ଆଦି ଅନୁପ୍ରବେଶ କରି ନିଜ ଅଧିନରେ ଏହି ଅଂଚଳ ରହିଥିବା ପ୍ରମାଣ ସୃଷ୍ଟି କରୁଛି। ତେବେ ରାଜ୍ୟ ଓକେନ୍ଦ୍ରରେ ଡବଲଇଂଜିନ ସରକାର ଏବେ ଚାଲିଛି। ସେହିପରି ଆନ୍ଧ୍ରରେ ବିଜେପି ସମର୍ଥିତ ତେଲୁଗୁଦେଶମ, ଜନସେନା ପାର୍ଟି ସରକାର ଚାଲିଛି। ଦୀର୍ଘ ବହୁ ବର୍ଷ ଧରି ସୁପ୍ରିମ କୋର୍ଟରେ ଲାଗି ରହିଥିବା ଏହି ଗ୍ରାମପୁଂଜ ମାମଲାରେ ସ୍ଥିତାବସ୍ଥା ରହିଛି। ଏହି ସ୍ଥିତିରେ କେନ୍ଦ୍ର ସରକାର ଚାହିଁଲେ ଉଭୟ ରାଜ୍ୟ ସରକାରଙ୍କୁ ନେଇ ସମାଧାନର ବାଟ କାଢ଼ି ପାରିବା ପ୍ରକୃଷ୍ଟ ସମୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଜୟପୁର: ବୋରିଗୁମ୍ମା ରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଡ୍ରାଇଭର ମହାସଂଘ ତରଫରୁ ଶୋଭାଯତ୍ରା ଅନୁଷ୍ଠିତ ହୋଇଥିବା ବେଳେ ନୁଆ ବସ ଷ୍ଟାଣ୍ଡ ରୁ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ତହସିଲ ଅଫିସ ଓ ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇ ଫେରାଥିଲା । ପରେ ଏହ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଟ୍ରାଫିକ ନିୟମ ମାନିବା, ହେଲମେଟ ପିନ୍ଧିବା,ମଦ୍ୟ ପାନ କରି ଗାଡି ଚଲାଇବେ ନାହିଁ. ବିନା ସିଟ ବେଲ୍ଟ ରେ କାଡି ନଚଲାଇବା, ଆଦି ସଚେତନ କରାଯାଇଥିଲା । ପରିବହନ ବିଭାଗ ର ସମସ୍ତ ନିୟମ ମାନବାକୁ ଡ୍ରାଇଭର ମାନଙ୍କ ସଚେତନ କରାଯାଇଥିଲା । ଏହି ସଚେତନତା କାଯ୍ୟକ୍ରମ ଅପରାହ୍ନ ୩ଟା ଶେଷ ହୋଇଥିଲା ।

# ବିଜ୍ଞାନାଗାର ଉଦ୍‌ଘାଟିତ



ମାଲକାନଗିରି (ପିପିଏସ୍): ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ନୋଡାଲ ଏମଇ ସ୍କୁଲରେ ବିଶେଷ ଭାବରେ ନିର୍ମିତ କକ୍ଷରେ ସାଂସଦ ନବରଙ୍ଗପୁର ବଳଭଦ୍ର ମାଝୀଙ୍କ ଦ୍ୱାରା 'ଖଗୋଳ ବିଜ୍ଞାନାଗାର'ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଡେପୁଟି କଲେକ୍ଟର ଅଶୋକ ଚକ୍ରବର୍ତ୍ତୀ, ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ଦିପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଜଗନ୍ନାଥଙ୍କ ଫୋଟଚିତ୍ରରେ ପୂଜାର୍ଚ୍ଚନା ପରେ ସାଂସଦ ଶ୍ରୀ ମାଝି ଫିତା କାଟି ଏହି ବିଜ୍ଞାନାଗାରକୁ ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ଅତିଥିମାନେ ଖଗୋଳ ବିଜ୍ଞାନାଗାର ରେ ଥିବା ବିଭିନ୍ନ ବିଜ୍ଞାନ ବିଷୟ ଯନ୍ତ୍ରପାତି ଯଥା ଦୂରବିକ୍ଷଣ ଯନ୍ତ୍ର, ଅଣୁବୀକ୍ଷଣ ଯନ୍ତ୍ର ଏବଂ ଏଥି ସହିତ ଅନ୍ୟାନ୍ୟ ବିଜ୍ଞାନ ବିଷୟକ ଉପକରଣକ ଦେଖିଥିଲେ। ଏଥିସହିତ କାନ୍ଥରେ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଗ୍ରହ ନକ୍ଷତ୍ର, ଛାୟାପଥ, ଧୂମକେତୁ ଇତ୍ୟାଦିର ଚିତ୍ର ଏବଂ ଭାରତର ବିଜ୍ଞାନ କ୍ଷେତ୍ରରେ କରାଯାଇ ଥିବା ବିଭିନ୍ନ ଉପକରଣ ଚିତ୍ର ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ଏହି ଖଗୋଳ ବିଜ୍ଞାନାଗାର ମାଲକାନଗିରି ଜିଲ୍ଲାର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଜ୍ଞାନ ବିଷୟରେ ଶିକ୍ଷାଲାଭ କରିବା ଅତି ସହଜ ହେବ ବୋଲି ସମସ୍ତେ ଆଶା ପ୍ରକାଶ କରିଥିଲେ। ଏହି ଉଦଘାଟନ ସମାରୋହରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ମାନେ ମଧ୍ୟ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ତୈଳିକ ବୈଶ୍ୟ ସମାଜ ସାଧାରଣ ବୈଠକ

ବଲାଙ୍ଗିର: ଖୁଜେନପାଲି ମୁକ୍ତି କଲ୍ୟାଣ ମଣ୍ଡପ ଠାରେ ତୈଳିକ ବୈଶ୍ୟ ସମାଜ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୫୭ ଜଣ ସଭ୍ୟଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୂର୍ବ କମିଟିର କାର୍ଯ୍ୟକଳାପ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନ କରାଯାଇ ସର୍ବସମ୍ମତି କ୍ରମେ ସମାଜକୁ ଏକ ସ୍ୱଚ୍ଛ ଓ ସୁଦୃଢ଼ କମିଟି ଦରକାର ବୋଲି ନିର୍ଣ୍ଣୟ ହୋଇଥିଲା। ଗତ ୨୭ ତାରିଖ କଦଳିମୁଣ୍ଡା ବଲାଙ୍ଗୀର ଠାରେ ଅନିୟମ ଭାବେ ଗଠନ କରାଯାଇଥିବା ଜିଲ୍ଲା କମିଟିକୁ ଅସିଦ୍ଧ ଘୋଷଣା କରାଯାଇଥିଲା ଏବଂ ନୂତନ କମିଟି ଗଠନ ଉଦ୍ଦେଶ୍ୟରେ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଏକ ଅସ୍ଥାୟୀ କମିଟିର ଗଠନ କରାଗଲା। ଯେଉଁମାନେ କି ଜିଲ୍ଲାର ପ୍ରତ୍ୟେକ ପ୍ରାନ୍ତରୁ ସମାଜ ଲୋକଙ୍କୁ ବର୍ତମାନ ଚାଲିଥିବା ସମାଜ ବିରୁଦ୍ଧାଚରଣ ନୀତିକୁ ସଠିକ ଭାବେ ବୁଝାଇ ନୂତନ କମିଟି ଗଠନରେ ସହଭାଗିତା କରିବା ପାଇଁ ପଦକ୍ଷେପ ନେବେ। ମହେନ୍ଦ୍ର ସାହୁ, ଆନନ୍ଦ ସାହୁ, ମନୋରଂଜନ ସାହୁ, ପ୍ରହଲ୍ଲାଦ ସାହୁ, ଅଭୟ ସାହୁ, ବଳଦେବ ସାହୁ, ଟିକେଲାଲ ସାହୁ। ପରବର୍ତି ସଭା ଆସନ୍ତା ୯ ରିଖ ପୂର୍ବବର୍ତି ସ୍ଥାନରେ ପୂର୍ବାହ୍ନ ଘ.୧୦ ସମୟରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଅଛି।

# ବଲାଙ୍ଗୀର ଲୋକଉତ୍ସବର ତୃତୀୟ ସଂଧ୍ୟା

# 'ଲୋକ ମହୋତ୍ସବ ବଲାଙ୍ଗୀରର ଏକତା ଓ ବିକାଶକୁ ବଢାଇଛି'

ବଲାଙ୍ଗିର : ଲୋକମହୋତ୍ସବ କେବଳ କଳାକାରମାନଙ୍କୁ ପ୍ରୋତ୍ସାହିତ କରୁନି ବରଂ ବଲାଙ୍ଗୀର ଲୋକଙ୍କ ଏକତାକୁ ବଢାଇଛି ଓ ବିକାଶରେ ସହାୟକ ହୋଇଛି ବୋଲି ବଲାଙ୍ଗୀର ଲୋକଉତ୍ସବ- ୨୦୨୫ର ତୃତୀୟ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବଲାଙ୍ଗୀର ସହରରେ କୋସଳ କଳାମଣ୍ଡଳ ପଡିଆ କଳା,ସାହିତ୍ୟ,ସଂସ୍କୃତିକୁ ପ୍ରୋତ୍ସାହିତ କରିଆସିଛି। ଏହି ଅନୁଷ୍ଠାନର ପଛରେ ପୂର୍ବତନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଯେଉଁ ଉଦ୍ଦେଶ୍ୟ ଥିଲା ତାହା ଫଳବତୀ ହୋଇନାହିଁ। ଏହାକୁ ଦେଶର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର ରୂପେ ଗଢ଼ିବା ପାଇଁ ଆମକୁ କାମ କରିବାକୁ ପଡିବ ବୋଲି କହିଥିଲେ। କେବଳ ସେତିକି ନୁହେଁ ବଲାଙ୍ଗୀରକୁ ଏକ ବିକଶିତ ଜିଲ୍ଲା କରିବାରେ ମଧ୍ୟ ସହାୟକ ହୋଇଛି, ୨୦୨୦ ରୁ ଆରମ୍ଭ ହୋଇଥିବା ବଲାଙ୍ଗିର ଲୋକଉତ୍ସବ ରଜ୍ୟରେ ପ୍ରଥମ କରି ହୋଇଥିବା ବେଳେ ଆଜିକାଲି ଏହା ଜିଲ୍ଲାର ବିଭିନ୍ନ ପୀଠ ବ୍ଲକ ପଂଚାୟତ ସ୍ତରରେ କରାଯାଇ ନିଜ ନିଜ ଉଦ୍ୟମ ରେ କରାଯାଇ ଜିଲ୍ଲା ରେ କଳା ଓ ସଂସ୍କୃତି ବିକାଶ ହୋଇଥିବା ସେ କହିଥିଲେ।ଲୋକମହୋତ୍ସବକୁ ଦଳମତ ନିର୍ବିଶେଷରେ ସମସ୍ତେ ମିଳିତ ଭାବରେ କରୁଥିବାରୁ ଏହା ଆମର ଏକତାକୁ ବଢାଉଛି ବୋଲି କଳିକେଶ କହିଛନ୍ତି। ଜିଲ୍ଲା ସଂସ୍କୃତି ପରିଷଦ ଓ ଲୋକଉତ୍ସବ ସମିତି ପକ୍ଷରୁ ଆୟୋଜିତ ମହୋତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଡ.ବିଜୟକୁମାର ସେଠୀଙ୍କ ସଭାପତିତ୍ୱ ଓ ସ୍ୱେଚ୍ଛାସେବୀ ସୋମନାଥ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପରିଷଦର ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ, କଳାହାଣ୍ଡି ଇସିଏଚଏସ ନିର୍ଦ୍ଦେଶକ କଲୋନେଲ ବିଶ୍ୱଜିତ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଂଜନ ମିଶ୍ର, ସଂସ୍କୃତିକ କମିଟିର ସହଅଧକ୍ଷା ଶ୍ରୀପଦା ଷଢଙ୍ଗୀ, କଳାକାର ଅତିଥି ଯୁଗଳକିଶୋର ସାହୁ ପ୍ରମୁଖ ମଂଚାସୀନ ଥିଲେ। ଶ୍ରୀପଦା ଷଢଙ୍ଗୀ ଅତିଥିପରିଚୟ ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପରିଷଦ ସଭାପତି ଦେବକୀ ସାହୁ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ଲୋକଉତ୍ସବ ବନ୍ଦ ହେବାକୁ ବସିଥିବା ବେଳେ ଏହାକୁ କରାଇବାକୁ ବିଧାୟକ ଶ୍ରୀ ସିଂଦେଓ କରିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ । ପୌରାଧକ୍ଷା ଲିକା ସାହୁ ତାଙ୍କ ବକ୍ତବ୍ୟରେ ଲୋକମହୋତ୍ସବ ରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ୱୟଂସହାୟିକା ଦଳଙ୍କ ହସ୍ତଶିଳ୍ପ ଓ ହସ୍ତତନ୍ତ ତଥା ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀକରି ମହିଳାମାନେ ସ୍ୱାବଲମ୍ବୀ ହେଉଛନ୍ତି ବୋଲି କହିଥିଲେ। କଳା,ସାହିତ୍ୟ ଓ ସଂସ୍କୃତିର ମାଟିରେ କଳାକାରଙ୍କୁ ଆହୁରି ପ୍ରୋତ୍ସାହନ ଦରକାର ଓ ପୂର୍ବସରକାର ଅମଳରେ କରାଯାଇ ଥିବା କୋସଳ କଳା ମଣ୍ଡଳ ପଡିଆର ଉନ୍ନୟନ କାମ ବିଷୟରେ କହିଥିଲେ। ଏହି ଅବସରରେ ବର୍ଷୀୟାନ କଳାକାର ଟିକେଲାଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମଂଚପରିଚାଳନା କମିଟିର ସହଅଧକ୍ଷ ପ୍ରହଲ୍ଲାଦ ଦର୍ଜି ଧନ୍ୟବାଦ ଅର୍ପଣ କରି ଥିଲେ। ବୁଧବାର ଦିନବେଳା ସକାଳ ୯ଟାରେ ଜୟଦେବ କଳା ସଂସଦ,ବଲାଙ୍ଗୀର ପକ୍ଷରୁ ଭକ୍ତି ସଂଗୀତ, ୧୦.୩୦ରେ ଲୋକ ନୃତ୍ୟ ଓ ସଂଗୀତ ପ୍ରତିଯୋଗୀତା,ସଂଧ୍ୟା ୫ଟାରେ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକସଂଗୀତ ବିଚିତ୍ରା ଓ ସାଂସ୍କୃତିକ ସଭା ପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକଉତ୍ସବ ସ୍ଥଳ ରେ ବୁଧବାର ସନ୍ଧ୍ୟା ରେ ଗଣମାଧ୍ୟମ ପ୍ରତିନିଧି ମାନଂକୁ ମଂଚ ପଟ ପ୍ରବେଶ ପଥରେ ବାଟରେ ଜଗିଥିବା ପୋଲିସ ଅଧିକାରୀ ମାନେ କିଛି ଗଣମାଧ୍ୟମ ପ୍ରତିନିଧି ଙ୍କୁ ଭିତରକୁ ବାଇକ୍ ଛାଡି ନଥିଲେ , ଅନ୍ୟ ପକ୍ଷରେ କିଛି ଠିକାଦାର ଗାଡ଼ି ଭିତରକୁ ନେଇଥିଲେ ଏହା ସାମ୍ବାଦିକ ମାନଙ୍କୁ ଏହି ଘଟଣା ସମ୍ମାନ ରେ ଆଂଚ ଆଣିଥିଲା। ପୁର୍ବରୁ ମଂଚ ପଛରେ ଗଣମାଧ୍ୟମ ପ୍ରତିନିଧି ମାନେ ସେମାନଙ୍କ ଗାଡ଼ି ରଖି ଆସୁଥିଲେ ଚଳିତ ବର୍ଷ ଏହି ସ୍ଥାନରେ ସେମାନଙ୍କୁ ଗାଡ଼ି ରଖିବା ପାଇଁ ସୁଯୋଗ ଦିଆ ଯାଇ ନଥିବା ଯୋଗୁଁ ଭିଡ଼ ଭିତରେ ବାହାରେ ଇତସ୍ତତ ଗାଡ଼ି ରଖିବା କୁ ପଡ଼ିଥିଲା । ପୁର୍ବରୁ ପ୍ରସ୍ତୁତି ବୈଠକ ରେ ଗଣ ମାଧ୍ୟମ ଗାଡ଼ି ରଖିବା କୁ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା ବେଳେ ଶେଷ ମୁହୂର୍ତ ରେ ନିଆ ଯାଇଥିବା ନିଷ୍ପତ୍ତି ଗଣ ମାଧ୍ୟମ କୁ ଠିକ୍ ଭାବରେ କୌଣସି ସୁଚନା ଦିଆ ଯାଇ ନଥିଲା। ଏହି ଘଟଣାର ପ୍ରତିବାଦ ରେ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିଜ ନିଜ ଗଣମାଧ୍ୟମ ପ୍ରବେଶ ପତ୍ର ଖୋଲି ସେଠାର ଉପସ୍ଥିତ ଥିବା ଅତିରିକ୍ତ ଜିଲ୍ଲାପାଳ ଡ଼ାକ୍ତର ସେଠୀ ଙ୍କ ପାଖରେ ଫେରାଇ ଦେଇ ପ୍ରତିବାଦ କରିଥିଲେ । ପରେ ସଦର ଏସ ଡି ପି ଓ ପ୍ରଦୀପ ସହୁ ଓ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଆଲୋଚନା କରିବାକୁ ଆସିଥିଲେ ମଧ୍ଯ ସାମ୍ବାଦିକ ମାନେ ଉତ୍ସବ ସ୍ଥଳ ଛାଡି ଚାଲି ଯାଇଥିଲେ।

# ଦେଶପ୍ରେମ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍) :** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ପରଓ୍ୱାର୍ଡ଼ ବ୍ଲକ୍' ଓ ଆଜାଦ୍ ହିନ୍ଦୁ ବାହିନୀ ପକ୍ଷରୁ ନେତାଜୀ ଜୟନ୍ତୀ ଅବସରରେ ଦେଶପ୍ରେମ ଭାବରେ ପାଳନ କରାଯାଇଛି । ଉଦ୍‌ଯାପନୀ ଦିବସରେ ଫରଓ୍ୱାର୍ଡ଼ ବ୍ଲକ୍ ଓ ଆଜାଦ୍ ହିନ୍ଦ୍ ବାହୀନି ସାଥୀମାନେ ରସୁଲଗଡ଼ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ନେତାଜୀଙ୍କୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା । ପରେ ନେତାଜୀ ଭବନ ପରିସରରେ ଅନୁଷ୍ଠିତ ହେଉଥିବା ଦେଶପ୍ରେମ ମହୋତ୍ସବ ମଞ୍ଚରେ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱମାନେ ନେତାଜୀଙ୍କ ଅମ୍ଳାନ ସ୍ମୃତିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ 'ନେତାଜୀଙ୍କ ଦେଶପ୍ରେମୀ ଭୂମିକା ଓ ଆଜିର ପରିସ୍ଥିତିରେ ଯୁବ ସମାନର କର୍ତବ୍ୟ' ଶୀର୍ଷକ ଆଲୋଚନା ଚକ୍ରରେ



ବକ୍ତବ୍ୟ ରଖିଥିଲେ । ଫରଓ୍ୱାର୍ଡ଼ ବ୍ଲକ ରାଜ୍ୟ ସାଧାରଣ ସଂଭାଦକ ତଥା ଆଜାଦ ହିନ୍ଦୁ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତିରଂଜନ ମହାପାତ୍ରଙ୍କ ସଭାପତିତ୍ରରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅତନୁ ସବ୍ୟସାଚୀ ନାୟକ 'ନେତାଜୀ ସୁଭାଷଙ୍କ ଦେଶପ୍ରେମର ପଟ୍ଟାନ୍ତର ନାହିଁ' ବୋଲି ମତବ୍ୟକ୍ତ କରିଥଲେ । ଏବେ ଯେତେବେଳେ ଆମ ଦେଶ ଧିରେ ଧିରେ ଦେଶୀ ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କବଳିତ ହେବାରେ ଲାଗିଛି । ଠିକ୍ ସେତିକି ବେଳେ ଦେଶ ଓ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ ନେତାଜୀଙ୍କ ରାସ୍ତାରେ ଦେଶରେ ଯୁବବର୍ଗ ଅଙ୍ଗିବାର ବର୍ଦ୍ଧତାର ସହିତ କାର୍ଯ୍ୟ କରି ଜଣେ ସଚ୍ଚା ଦେଶପ୍ରେମୀର ଦାୟିତ୍ୱ ନିର୍ବାହ କରିବାକୁ ସେ ଆହ୍ୱାନ କରିଥିଲେ ।

# ଗୁରୁ ଅଜିତ୍ ଦାସଙ୍କ ସମ୍ପର୍କିତ ଆଲୋଚନାଚକ୍ର



**ଭୁବନେଶ୍ୱର (ପିପିଏସ୍):** ଅଜିତ ଜାତୀୟ ନାଟ୍ୟ ମହୋତ୍ସବର ଶେଷ ଦିନରେ ବୁଦ୍ଧ ମନ୍ଦିର ଠାରେ ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ଗୁରୁ ଅଜିତ ଦାସଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ଡ. ମାୟା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଜିତ୍ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପରେ ପରେ ଅଜିତ୍ ଅନୁଷ୍ଠାନର ପୂର୍ବତନ ସର୍ଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାର ପ୍ରଥମ ଅଧିବେଶନରେ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ ଆଧୁନିକ ଭାରତୀୟ ରଙ୍ଗମଞ୍ଚରେ ପୁନଃର୍ବିକାଶ ଉପରେ ଆଲୋଚନା କରିଥିଲେ । ଏଥିରେ ବକ୍ତା ଭାବରେ ଯୋଗଦେଇ ଇ. ପ୍ରସନ୍ନ, ବୀଣା ଶର୍ମା, ପ୍ରଫେସର ସତ୍ୟବ୍ରତ ରାଉତ ଏବଂସୁବୋଧ ପଟ୍ଟନାୟକ । ପରବର୍ତ୍ତୀ ଅଧିବେଶନରେ ଗୁରୁ ଅଜିତ ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନା କରାଯାଇଥିଲା । ଏହାର ସଭାପତିତ୍ୱ କରିଥିଲେ ସୁବୋଧ ପଟ୍ଟନାୟକ । ଏହି ଆଲୋଚନାର ବକ୍ତା ଭାବରେ ପ୍ରଫେସର ସଂଘମିତ୍ରା ମିଶ୍ର, ନବୀନ ପରିଡ଼ା, ସୀମନ୍ତ ମହାନ୍ତି, ଧୀର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଜ୍ଞତା ଉପରେ ଆଲୋଚନା କରିଥିଲେ ।

# ଜଗମୋହନ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ଯାଁଳା, ୨୨।୧ (ସମିସ): ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ଗ୍ରାମ ପଞ୍ଚାୟତ ଜଗମୋହନ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମକୁଣ୍ଡଳର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାଥୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଓଡ଼ିଶା ପ୍ରାଶାସନିକ ଅଧିକାରୀ ହରିଶଚନ୍ଦ୍ର ମହାନ୍ତି, ଏସ୍‌ବିଡି ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଆଧାପିକା ସୌଦାମିନୀ ବେହେରା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ବିରାଜିନୀ ନିଶଙ୍କ, ଆଲୁମ୍ନି ଆସୋସିଏସନର ସଭାପତି ବସନ୍ତ କୁମାର ଭୁଜବଳ ଓ ପରିଚାଳନା ସମିତି ସଭାପତି ଶରତ କୁମାର ଜେନା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ସଭାରେ ଗଣମାଧ୍ୟମ ପ୍ରତିନିଧି ବୁଲା ବାରିକ୍ ଓ ସୁଶାନ୍ତ କୁମାର ବାରିକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ । ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ଚାମ୍ପିଅନ ବାଳକ ବିଭାଗରେ ସମୀର ବେହେରା, ବାଳିକାରେ ତନୁ ରାଉତରାୟ ଚାମ୍ପିଅନ ହୋଇଥିଲେ । ମମିତା ମହାନ୍ତି, କମଳ କୁମାରୀ ସୁନ୍ଦରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ, ଗୋକୁଳାନନ୍ଦ ଜେନା ଓ ବିଧୁଭୂଷଣ ପ୍ରଧାନ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସଭାଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଚ଼ରାଯାଇଥିଲା ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଯାଁଳା, ୨୨।୧ (ସମିସ): ସମିସ ଇନଫୋଭ୍ୟାଲି ଥାନା ଛତାବର ପଞ୍ଚାୟତ କାଶିପୁରରେ ପୂର୍ବ ବିବାଦରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ବଡ ଭାଇର ଆକ୍ରମଣରେ ସାନ ଭାଇ ଆହତ ହୋଇଛି ।ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ଜଗଦୀଶ ମହାପାତ୍ର । ଆକ୍ରମଣକାରି ଭାଇ ହେଲେ ଆଶୁତୋଷ ମହାପାତ୍ର । ମିଳିଥିବା ସୂଚନା ଅନୁସାରେ ଜମିବାଡି ବଣ୍ଟନକୁ ନେଇ ଗତ କିଛି ମାସ ହେବ କାଶିପୁର ଗ୍ରାମର ମିହିର ମହାପାତ୍ର ଓ ଶିଶିର ମହାପାତ୍ର ଦୁଇ ଭାଇଙ୍କ ପରିବାର ମଧ୍ୟରେ ମତାନ୍ତର ହୋଇଥିଲା ।ଏହି ଘଟଣାକୁ ନେଇ ଗତକାଲି ବଡବାଇ ମିହିରଙ୍କ ପୁଅ ଆଶୁତୋଷ ତାଙ୍କ ଦାଦା ଶିଶିରଙ୍କ ଘର ନିକଟକୁ ଆସି ଗାଳିଗୁଲଜ କରିଥିଲେ । କାହିଁକି ଗାଳିଗୁଲଜ କରୁଛ ବୋଲି ସାନ ଭାଇ ଶିଶିରଙ୍କ ପୁଅ ଜଗଦିଶ ବିରୋଧ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଆଶୁତୋଷ ତାଙ୍କ ଦାଦା ପୁଅ ଜଗଦୀଶକୁ ଆକ୍ରମଣ କରିଥିଲେ । ଫଳରେ ଜଗଦୀଶଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା । ଏନେଇ ଶିଶିର ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନନ୍ଦନକାନନ, ୨୨।୧ (ସମିସ): ବାରଙ୍ଗ କୁଞ୍ଜବିହାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗତ ଆଠ ଦିନରେ ଧରି ଚାଲିଥିବା ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଲିପିପୁଷ୍ପା ନାୟକଙ୍କ ଅଧ୍ୟକ୍ଷତାରେ ଏହି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ପ୍ରାଧ୍ୟପକ ଡ. ସନ୍ତୋଷ ମିଶ୍ର, ସଂଯୋଜିକା ଲକ୍ଷ୍ମୀପ୍ରିୟା ସାଇଁ, ରୋଜାଲିନ ଦେବୀ, ପ୍ରଜ୍ଞା ପରମିତା ସେଠି ପ୍ରମୁଖ ଯୋଗଦେଇ ମହିଳା ଆିରକ୍ଷା ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଛାତ୍ରୀମାନେ ପ୍ରଶିକ୍ଷିକା ପ୍ରତିଭା ନାୟକ ଓ ପୁର୍ଣିମା ରାଉତଙ୍କ ଠାରୁ ଶିଖିଥିବା ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ଶେଷରେ ସାର୍ଟିଫିକେଟ ଓ ବହି ପ୍ରଦାନ କରାଯାଇଥିଲା । କ୍ରୀଡ଼ାଶିକ୍ଷକ ଡ. ପ୍ରବୀର କୁମାର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମୋ ବସ୍ ସିରିଜ୍ ଦୁର୍ଘଟଣାରେ ୪ଗୁରୁତର, ଚାଳକ ନିଲମ୍ବିତ

**ଭୁବନେଶ୍ୱର (ପିପିଏସ୍) :** ରାଜଧାନୀ ଭୁବନେଶ୍ୱରର ଜନପଥ ୟୁକୋ ବ୍ୟାଙ୍କ ସାମ୍ନାରେ ସିରିଜ ଦୁର୍ଘଟଣା ଘଟାଇଛି ମୋ ବସ୍ । ଏଥିରେ ୪ ଗୁରୁତର ଆହତ ହୋଇଛନ୍ତି । ଦୁଇଟି ବସ୍ ସମେତ ୩ଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ ଦୀର୍ଘ କାଳ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା । ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା । ତେବେ କ୍ରୁଟ ଘଟଣାର ତଦନ୍ତ କରି ଜଣେ ମୋ ବସ ଚାଳକଙ୍କୁ ନିଲମ୍ବିତ କରିଛି । ସୂଚନାନୁସାରେ ବ୍ୟାଟେରି ଚାଳିତ ମୋ ବସ(ଓଡି ୩୩ ୪ଏଚ୍ ୦୧୦୫) ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଆଡ଼କୁ ଆସୁଥିଲା । ଜଣେ ସ୍କୁଟି ଚାଳକଙ୍କୁ ବଞ୍ଚାଇବା ପାଇଁ ବସ ଚାଳକ ହଠାତ ବ୍ରେକ ମାରିଦେଇଥିଲେ । ଫଳରେ ପଛରୁ ଆସୁଥିବା ଅନ୍ୟ ଏକ



ଡିଜେଲ ଚାଳିତ ମୋ ବସ୍(ଓଡି ୩୩ ୟୁ ୭୧୧୦) ଇ ବସକୁ ପଛରୁ ଧକ୍କା ଦେଇଥିଲା । ଏହା ପଛ ?କୁ ଏକ କାର(ଓଡି ୩୩ ଏନ ୪୩୩୬) ମଧ ଧକ୍କା ଦେଇ ଯାଇଥିଲା । ଫଳରେ ଗାଡ଼ିର କାଚ ଭାଙ୍ଗିବା ସହ ୪ ଜଣ ଯାତ୍ରୀ ଆହତ ହୋଇଥିଲେ । ଆମ୍ବୁଲାନ୍ସ ସହାୟତାରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା । ତେବେ ଆହତ ଯାତ୍ରୀ ଅଭଯୋଗ କରିଛନ୍ତି କି ବସ୍‌ରେ ଫାଷ୍ଟଏଡ୍ ବ୍ୟବସ୍ଥା ନାହିଁ । ପ୍ରତ୍ୟେକ ଆହତଙ୍କର ରକ୍ତସ୍ରାବ ହେଉଥିଲେ ମଧ କର୍ମଚାରୀ ତୁରନ୍ତ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି । ଏ ନେଇ କ୍ରୁଟ୍ କହିଛି କି, ଇ ବସ୍‌ଟି ଘଣ୍ଟା ପ୍ରତି ୧୪ କିମି ବେଗରେ ଆସୁଥିଲା । ଜଣେ ସ୍କୁଟି ଆରୋହୀ ସାମ୍ନାକୁ ଆସିଯିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ଚାଳକ ବ୍ରେକ୍ ମାରିଥିଲା । ପଛରେ ଥିବା ଡିଜେଲ୍ ବସ୍ ୨୮ କିମି/ଘଣ୍ଟା ବେଗରେ ଆସୁଥିଲା । ପର୍ଯ୍ୟାପ୍ତ ଦୂରତା ବଜାୟ ରଖି ନଥିବାରୁ ପିଟି ଦେଇଥିଲା । ଫଳରେ ଡିଜେଲ୍ ମିଡି ବସ୍‌ର କ୍ୟାପଟେନ(ଚାଳକ)ଙ୍କୁ ନିଲମ୍ବିତ କରାଯାଇଛି । ଉଭୟ ଚାଳକ ମଦ୍ୟପ ଅବସ୍ଥାରେ ଗାଡ଼ି ଚାଳନା କରୁନଥିଲେ । ଚାରି ଜଣଙ୍କ ସମେତ ଡିଜେଲ୍ ବସ୍‌ର ଗାଇଡ୍ ମଧ ଆହତ ହୋଇଛନ୍ତି । ଏଭଳି ସ୍ଥିତିକୁ ଭବିଷ୍ୟତରେ ଏଡ଼ାଇବା ପାଇଁ କ୍ରୁଟ୍ ଡ୍ରାଇଭିଂ ଟ୍ରେନିଂ ଉପରେ ଅଧିକ ଗୁରୁତ୍ୱ ଦେବ ।

# ମନ୍ତ୍ରୀଙ୍କ ବାସଭବନରେ ରକ୍ତଦାନ କାର୍ଯ୍ୟକ୍ରମ

**ଭୁବନେଶ୍ୱର (ପିପିଏସ୍):** ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଗୃହ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରକୁ ମନ୍ତ୍ରୀ ଡା ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସମାଜ ତଥା ମାନବିକତା ପାଇଁ ସେବା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଜଣାଇ ସ୍ୱେଚ୍ଛାକୃତ ରକ୍ତଦାତା ଯୁବ ବନ୍ଧୁମାନଙ୍କୁ ସାଧୁବାଦ ଜଣାଇ ଥିଲେ । ଆଗାମୀ ଦିନମାନଙ୍କରେ ଅଧିକରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ଡା ମହାପାତ୍ର ସୂଚନା ଦେଇଛନ୍ତି । କ୍ୟାପିଟାଲ ହସପିଟାଲ ରକ୍ତଭଣ୍ଡାର ପକ୍ଷରୁ ଡା ଦେବାଶିଷ ମିଶ୍ର ଓ ତାଙ୍କ ଟିମ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୧୦୫ ୟୁନଟ୍ ରକ୍ତ ସଂଗୃହିତ ହୋଇପାରିଛି । ଏହି ଅବସରରେ ରକ୍ତ ଆବଶ୍ୟକ କରୁଥିବା ସତାଧିକ ରୋଗୀଙ୍କୁ ନିସ୍ୱାର୍ଥପର ଭାବେ ସ୍ୱେଚ୍ଛା କୃତ ରକ୍ତଦାନ କରିଥିବା ବାବୁଲି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର (ପିପିଏସ୍):** ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରରେ ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ରସୁଲଗଡଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଛାତ୍ରଛାତ୍ରୀ ମାନେ ନେତାଜୀ ଙ୍କ ଜୀବନ ସଂଗ୍ରାମ ଉପରେ ଚିତ୍ର ଆଙ୍କି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦର୍ଶନ କରିଛନ୍ତି । ଗଣ ସାଂସ୍କୃତିକ ମଞ୍ଚ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ରେ ସମ୍ପାଦକ ରାଜେନ୍ଦ୍ର ବର୍ମା, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ମହିଳା ସାଂସ୍କୃତିକ ସଂଘର ବିଜୟ ଲକ୍ଷ୍ମୀ ପାତ୍ର, ଶ୍ରମିକନେତା ବିଗ୍ୟନ ବେହେରା ପ୍ରମୁଖ ଉପସ୍ଥିତ ରହି ନେତାଜୀ ଙ୍କ ପ୍ରତି ସମ୍ମାନ ଜଣାଇ ଥିଲେ ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା






ଭୁବନେଶ୍ୱର, ୨୩।୧ (ସମିସ): ପ୍ରତିବର୍ଷ ଆମ ରାଜ୍ୟରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି । ଗତ ୧୦ ବର୍ଷରେ ଓଡ଼ିଶାରେ ୪୭ହଜାରରୁ ଉର୍ଦ୍ଧ୍ୱ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଭୁଲ୍ ରାସ୍ତାରେ ଏବଂ ଟ୍ରାଫିକ୍ ନିୟମ ନମାନି ଗାଡ଼ି ଚଳାଇବା, ମାଦକ ଦ୍ରବ୍ୟ ସେବନ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ବୋଲି ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ଶେଷ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧା ଏବଂ କମିଶନରେଟ୍ ପୁଲିସ୍, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ରାଉତ, ସବ୍ ଇନ୍ସପେକ୍ଟର ସୌରଭ ଭୋଇ, ସବ୍ ଇନ୍ସପେକ୍ଟର କାହ୍ନୁଚରଣ ମଲ୍ଲିକ, ମାଇଁ ଭାରତର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ଜାନୁୟାରୀ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

# ଆଦର୍ଶ ସହରରେ ପରିଣତ ହେବ ଭୁବନେଶ୍ୱର

**ଭୁବନେଶ୍ୱର (ପିପିଏସ୍):** ଆଦର୍ଶ ସହରରେ ପରିଣତ ହେବ ରାଜଧାନୀ ଭୁବନେଶ୍ୱର । ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି । ସହରକୁ ବ୍ୟାପକ ସମ୍ପ୍ରସାରଣ କରାଯିବାକୁ ସମସ୍ତ ବ୍ୟବସ୍ଥା କରାଯିବ । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱର ଏକ ଆଦର୍ଶ ସହର ହେବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ସୂଚନା ଦେଇଛନ୍ତି । ସହରରେ ବଢୁଥିବା ଟ୍ରାଫିକ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ନେଇଛନ୍ତି । ଆଗକୁ ଭୁବନେଶ୍ୱର ଭଳି ଅନ୍ୟ କର୍ପୋରେସନରେ ମଧ ଏଭଳି ଯୋଜନା ପାଇଁ ଚେଷ୍ଟା କରାଯିବ । ଭୁବନେଶ୍ୱରରେ ନୂଆ ସହରର ବିକାଶ କରାଯିବ । ଏବେ ସହର ବଢେଇବା ପାଇଁ ଚେଷ୍ଟା କରାଯାଉଛି, ସହର ବଢିଲେ ଲୋକଙ୍କ ଆବଶ୍ୟକତା ହାତ ପାହାନ୍ତାରେ ଉପଲବ୍ଧ ହେବା ସହ ଟ୍ରାଫିକ ସମସ୍ୟାରୁ ମୁକ୍ତି ମିଳିବ । ଲୋକେ ଶସ୍ତାରେ ଘର ଖଣ୍ଡେ କିଣି ପାରିବେ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ





ଡା. ମହାପାତ୍ର କହିଛନ୍ତି । ଏହା ବ୍ୟତୀତ, ରାଜ୍ୟରେ ସହରାଞ୍ଚଳକୁ ବିସ୍ତାର କରିବା ପାଇଁ ଓଡ଼ିଶାରେ ଅଧିକ କର୍ପୋରେସନ ପ୍ରତିଷ୍ଠା କରାଯିବ । ନଗର ଯୋଜନା (ଟିପି) ଯୋଜନାରେ ଅଧିକ ସହରାଞ୍ଚଳକୁ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି । ରାଜ୍ୟ ସରକାର ପୁରୀକୁ ଦେଶର ଏକ ଅନ୍ତର୍ଜାତୀୟ ସହରରେ ପରିଣତ କରିବା ଉପରେ ଧ୍ୟାନ ଦେଉଛନ୍ତି । ରାଜ୍ୟର ସହରାଞ୍ଚଳର ସମ୍ପ୍ରସାରଣ ଯୋଜନାରେ ରିଙ୍ଗ ରୋଡ୍ ଏବଂ ରାସ୍ତା ପ୍ରଶସ୍ତୀକରଣ ଅନ୍ତର୍ଭୁକ୍ତ ଥିବା ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି । ସେହିପରି ବିକଶିତ ଓଡ଼ିଶା-୨୦୩୬ ପରିକଳ୍ପନା ସତ କରିବାକୁ ରାଜ୍ୟ ସରକାର କାମ ଜାରି ରଖିଛନ୍ତି । ଏହା ପଞ୍ଚମ ଗସ୍ତ ୨୦୩୬ ସୁଦ୍ଧା କିପରି ଓଡ଼ିଶା ବିକଶିତ ଓଡ଼ିଶାରେ ପରିଣତ ହେବ ସେନେଇ ଖାସ ପ୍ରସ୍ତୁତ ହେଉଛି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ସରିବା ପରେ ଚାଲିଥିବା ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋଦ ସମୀକ୍ଷା କରିବେ । ପରେ ମେଟ୍ରୋ ପ୍ରକଳ୍ପ କାମ ଆଗକୁ ବଢ଼ିବ । ଖାଲିସେତିକି ନୁହେଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାର ଭୁବନେଶ୍ୱର, କଟକ ଏବଂ ପୁରୀକୁ ନେଇ ଏକ ଟ୍ରାଇ-ସିଟି ବିକାଶ କରିବାର କଳ୍ପନା କରିଛନ୍ତି । ପୁରୀକୁ ଆନ୍ତର୍ଜାତୀୟ ସହର ଭାବେ ବିକଶିତ କରାଯିବ । ଆନ୍ତର୍ଜାତୀୟ ବିମାନବନ୍ଦର ସହ ନୂଆ ରାସ୍ତା, ରିଙ୍ଗରୋଡ୍ କରାଯିବ । କଟକ-ଭୁବନେଶ୍ୱର-ପୁରୀକୁ ଗୋଟିଏ ସହର ଭାବେ ବିକାଶ କରାଯିବ । ଏହା ବ୍ୟତୀତ କଟକରେ ମହାନଦୀ ନଦୀକୂଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ମଧ ବର୍ତ୍ତମାନ ଯୋଜନାରେ ଥିବା ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀ ସୁବାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଭୁବନେଶ୍ୱର (ପିପିଏସ୍):** ପରାକ୍ରମ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ନେତଜୀ ସୁବାଷ ବୋଷଙ୍କ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ରସୁଲଗଡସ୍ଥିତ ଭିଏସଏସ ନଗରରେ ଅବସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏହି ଦୁଇ ଦେଶପ୍ରେମୀଙ୍କର ମୁକ୍ତି ସଂଗ୍ରାମର ବୀର ଗାଥା ଆଗାମୀ ପିଢୀ ପାଇଁ ଅମୃତ ସନ୍ଦେଶ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । କଟକ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଭଳି ବିର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠକୁ ଜାତୀୟ ତୀର୍ଥକ୍ଷେତ୍ରରେ ପରିଣତ କରିବା ତଥା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନବନିର୍ମିତ ସଂସଦ ଭବନରେ ସ୍ଥାପିତ କରାଯାଉ ବୋଲି ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉତ୍କଳ ସମ୍ମିଳନୀ ଓ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପାଳନ କରାଯାଇଥିଲା । ଏଥିରେ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ଦେବରାଜ ନାୟକ, ଖଗେଶ୍ୱର ବଳ ପ୍ରମୁଖ ଯୋଗ ଦେଇଥିଲେ ।

# ଶିଳ୍ପୀକାରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ପିପିଏସ୍):** ଆଲିଶାନ କମ୍ପାନୀ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମ୍ପାନୀ ସହ ଜଡିତ ଥିବା ବିଭିନ୍ନ କମ୍ପାନୀର ଡିଲର, ଡିସଟ୍ରିବ୍ୟୁଟର ଓ କମ୍ପାନୀରେ କାର୍ଯ୍ୟରତ ଶିଳ୍ପକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଲିସାନ କମ୍ପାନୀ ଏମଡି ହର୍ଷ ଅଗ୍ରଓ୍ୱାଲ, କମ୍ପାନୀ ଆଞ୍ଚଳିକ ସେଲସ ମ୍ୟାନେଜର ସିଦ୍ଧାର୍ଥ ମହାନ୍ତି, ଓଡିଶା ବ୍ରାଞ୍ଚ ମ୍ୟାନେଜର ପ୍ରଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ । କମ୍ପାନୀ ଅଭିବୃଦ୍ଧି ଓ ଆଗାମୀ ଦିନରେ ଓଡିଶାରେ ବ୍ୟବସାୟ ବୃଦ୍ଧି ଉପରେ ଆଲୋକପାତ କରିଥିଲେ ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**ଭୁବନେଶ୍ୱର(ପିପିଏସ୍):** ରାଜଧାନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି । ଏ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ରସୁଲଗଡ଼ସ୍ଥ ନେତାଜୀଙ୍କ ପ୍ରତିକୃତି ନିକଟରେ ଛାତ୍ରଛାତ୍ରୀ ମାନେ ନେତାଜୀଙ୍କ ଜୀବନ ସଂଗ୍ରାମ ଉପରେ ଚିତ୍ର ଆଙ୍କି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦର୍ଶନ କରିଛନ୍ତି । ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ରାଜେନ୍ଦ୍ର ବର୍ମା, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ମହିଳା ସାଂସ୍କୃତିକ ସଂଘର ବିଜୟ ଲକ୍ଷ୍ମୀ ପାତ୍ର, ଶ୍ରମିକନେତା ବିଗ୍ୟନ ବେହେରା ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତି ସମ୍ମାନ ଜଣାଇଥିଲେ । ଚିତ୍ର ଶିଳ୍ପମାନଙ୍କ ମଧରେ ଜ୍ୟୋତିର୍ଦ୍ଦେବ ସିଂ, ପ୍ରଣବ ରଞ୍ଜନ ଚିନ୍ନାରା, ଦ୍ରୌପଦୀ ମହାନ୍ତି, ଦିପ୍ତିମୟୀ ଚମ୍ପତି, ଜସ୍ମିନ ସ୍ୱାତୀ ରାଜ, ଦିବ୍ୟଜ୍ୟୋତି କୌର ପ୍ରମୁଖ ଚିତ୍ର ଆଙ୍କି ନେତାଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ପ୍ରଦର୍ଶନ କରିଥିଲେ ।

**ବିଧାନସଭା ପରିସର**



ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ୍ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ରଥର ସାରଥି ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ । ନେତାଜୀ ଥିଲେ ବିଦ୍ରୋହର କର୍ଣ୍ଣଧାର, ସମାଜ ସଂସ୍କାରକ, ଦୟାର ଅବତାର ଏବଂ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବୀର ବିପ୍ଳବୀ ଯୁଗପୁରୁଷ । ସେହିପରି ପଶ୍ଚିମ ଓଡ଼ିଶାରେ ୧୮୨୭ ମସିହାରେ ବୀର ସୁରେନ୍ଦ୍ର ସାଏ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡ଼ିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡିତ କରୁଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବିଧାନସଭା ପରିସରରେ ଆୟୋଜିତ ସୁଭାଷ ବୋଷଙ୍କ ୧୨୮ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବରିଷ୍ଠ ରାଜନେତାମାନେ ଉପସ୍ଥିତ ରହି ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ରୋଜାଲିନ୍ ସାହୁ ପରିଚାଳନା କରିଥିଲେ ।

**ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ**

ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବୀର ସୁରେନ୍ଦ୍ର ସାଏ ପରିଷଦ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନେଜାତୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ ତମ ଜୟନ୍ତୀ ଅବସରରେ ଉଭୟ ବରପୁତ୍ରଙ୍କ ପ୍ରତମୂର୍ତ୍ତି ସ୍ଥଳରେ ମାଲ୍ୟାର୍ପଣ କରାଯାଇଛି । ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନେତାଜୀ ସୁଭଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ, ଦେଶପ୍ରେମ, ସଂଗ୍ରାମୀ ସହିତ ଅବିସ୍ମରଣୀୟ ବ୍ୟକ୍ତିତ୍ୱର ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବୀର ସୁରେନ୍ଦ୍ର ସାଏଙ୍କ ଏକ ଭବ୍ୟ ଓ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରାଜଧାନୀରେ ପ୍ରତିଷ୍ଠା ହେଉ ବୋଲି ପ୍ରଦ୍ୟୁମ୍ନ ଶତପଥି ପ୍ରସ୍ତାବ ରଖିଥିବା ବେଳେ ଏ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ସୁଶାନ୍ତ ରାଉତ କହିଥିଲେ ।



**ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ**

ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ବିଧାୟକ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୁର୍ବରୁ ୧୮୨୭ ମସିହାରେ ଇଂରେଜ ମାନଙ୍କ ବିରୁଦ୍ଧରେ ବୀର ସୁରେନ୍ଦ୍ର ସାଏ ପ୍ରଥମେ ଯୁଦ୍ଧ ଘୋଷଣା କରିଥିଲେ ବୋଲି କହିଥିଲେ ।

ଏହି ଅବସରରେ ସୁରେନ୍ଦ୍ର ସାଏଙ୍କର ପୂର୍ଣ୍ଣାଛୟବ ପ୍ରତିମୂର୍ତ୍ତି ସଂସଦ ଭବନ ସହିତ ବୀର ସୁରେନ୍ଦ୍ର ସାଏ ନଗର (ଭିଏସ୍ଏସ୍‌ନଗର)ରେ ପ୍ରତିଷ୍ଠା ପାଇଁ ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା. ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପ ସଭାପତି ଡ. ସୁରେନ୍ଦ୍ର ମିଶ୍ର, ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି ପ୍ରମୁଖ ଦାବୀ କରିବା ସହ ବରପୁତ୍ରଙ୍କ ଗୁଣଗାନ କରିଥିଲେ । ଶେଷରେ ଶିତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅବସର ନେଲେ ନାସା ମୁଖ୍ୟ



ନୂଆଦିଲ୍ଲୀ: ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା)ର ମୁଖ୍ୟ ପଦରୁ ବିଲ ନେଲସନ୍ ଅବସର ନେଇଛନ୍ତି । ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ୪୭ ତମ ରାଷ୍ଟ୍ରପତି ଭାବରେ ଶପଥ ନେବା ପରେ ନାସା ମୁଖ୍ୟ ଅବସର ଗ୍ରହଣ କରିଛନ୍ତି ।୫ ଦଶନ୍ଧୀ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିବା ନେଲସନ୍ ନିଜର ଅବସର ନେଇ ଘୋଷଣା କରିଛନ୍ତି । ବିଲ୍ ନେଲସନ ସେବା ନିବୃତ ହେବା ପରେ ତାଙ୍କ ସ୍ଥାନ ନେଇଛନ୍ତି କେନେଡ୍ଡି ମହାକାଶ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଜାନେତ ପେଟ୍ରୋ । ସେ ନାସାର କାର୍ଯ୍ୟକାରୀ ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି ।ସେପଟେ ନାସାର ମୁଖ୍ୟ ଭାବରେ କାର୍ଯ୍ୟ କରିଥିବାରୁ ତାଙ୍କୁ ବହୁତ ଖୁସି ଅନୁଭବ ହୋଇଥିବା ବେଳେ ବହୁ ଅଭିଜ୍ଞତା ହାସଲ କରିଥିବା ନେଇ ନିଜ ବିଦାୟୀ ଭାଷଣରେ କହିଛନ୍ତି ବିଲ୍ ନେଲସନ୍। ତାଙ୍କ କାର୍ଯ୍ୟକାଳରେ ନାସା ବହୁ ଗୁରୁତ୍ୱପୂର୍ଣ୍ଣ ମିଶନ କରିଛି । ସେଥିମଧ୍ୟରୁ ମହାକାଶରେ ଜେମ୍ସ ଓ୍ୱେବ ସ୍ପେସ୍ ଟେଲିସ୍କୋପ୍ ମୁତୟନ, ଡାର୍ଟ ଆଷ୍ଟ୍ରଏଡ୍ ମିଶନ, ୟୁରୋପା କ୍ଲିପର ପ୍ରୋବ୍ ଏବଂ ଆର୍ଟେମିସ୍-୧ ମିଶନ ନାସାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମହାକାଶ କାର୍ଯ୍ୟକ୍ରମ । ପୂର୍ବତନ ମହାକାଶଚାରୀ ବିଲ୍ ନେଲସନ୍ ୧୯୮୬ରେ ଏସ୍‌ଟିଏସ୍-୬୧-ସି ମିଶନ୍ ମାଧ୍ୟମରେ ମହାକାଶକୁ ଯାଇଥିଲେ । ସେ ନାସାରୁ ବିଦାୟ ନେଇଥିବା ବେଳେ ତାଙ୍କ ପରେ ମହାକାଶ ଗବେଷଣା ସଂସ୍ଥାର ଦାୟିତ୍ୱ ସମ୍ଭାଳିବାକୁ ଥିବା ବୈଜ୍ଞାନିକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖିଛନ୍ତି । ମହାକାଶ ଗବେଷଣା ଦିଗରେ ମଣିଷର ହିତକୁ ନଜରରେ ରଖି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ତେବେ ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ କାଳରେ ପେଟ୍ରୋ ନାସାର ନେତୃତ୍ୱ ନେଇଛନ୍ତି ଏବଂ ସେ ଆମେରିକାର ମହାକାଶ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିଭାଇବେ ବୋଲି ଆଶା କରାଯାଉଛି ।

# ଆମେରିକାରେ ଜନ୍ମ ନେଉଥିବା ଶିଶୁଙ୍କୁ ମିଳିବ ନାଗରିକତା



ନୂଆଦିଲ୍ଲୀ : ଟ୍ରମ୍ପଙ୍କୁ ବଡ଼ ଝଟକା । ଜନ୍ମଗତ ନାଗରିକତା ଅଧିକାର ଉଚ୍ଛେଦ ଆଦେଶ ଉପରେ ରୋକ୍ ଲଗାଇଲେ କୋର୍ଟ । ଏହାକୁ ଅସାମ୍ବିଧାନିକ ବୋଲି ଘୋଷଣା କଲେ ସିଆଟେଲର ଏକ ସଂଘୀୟ କୋର୍ଟ । ଜୀବନ କାଳ ଭିତରେ ଏଭଳି ରାୟ ଶୁଣିନାହିଁ । ଟ୍ରମ୍ପଙ୍କର ଏହି ଆଦେଶ ସମ୍ବିଧାନର ସମ୍ପୂର୍ଣ୍ଣ ଉଲଂଘନ ବୋଲି କହିଲେ ବିଚାରପତି ଜନ୍ କଫେନାଓ୍ୱର । ଆମେରିକାରେ ଜନ୍ମଗତ ନାଗରିକତା ଅଧିକାରକୁ ଉଚ୍ଛେଦ କରିବାକୁ ଆଦେଶ ଜାରି କରିଥିଲେ ଟ୍ରମ୍ପ । ଶପଥ ଗ୍ରହଣ କରିବାର ମାତ୍ର କିଛି ଦିନ ପରେ ଭାଙ୍ଗିଗଲା ଟ୍ରମ୍ପଙ୍କ ସପ୍ନ । ଟ୍ରମ୍ପଙ୍କ ଏହି ଆଦେଶ ଉପରେ ରୋକ୍ ଲଗାଇଛନ୍ତି କୋର୍ଟ । ଏହାକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଛନ୍ତି ସିଆଟେଲର ଏକ ସଂଘୀୟ କୋର୍ଟ ।କହିରଖୁକି, ଟ୍ରମ୍ପ ପୂର୍ବରୁ ଜାରି କରିଥିବା ଆଇନକୁ ନେଇ ଆମେରିକାର ଏକାଧିକ ହସ୍ପିଟାଲରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା । ଟ୍ରମ୍ପଙ୍କ ବିରୋଧରେ ଆଗତ ପିଟିସନ ଉପରେ ଆମେରିକାର ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ଶୁଣାଣି କରି ଏହି ଆଦେଶ ଉପରେ ରୋକ୍ ଲଗାଇଛନ୍ତି ।ବିଚାରପତି ଜନ୍ କଫେନାଓ୍ୱରଙ୍କ କହିଛନ୍ତି, ଜୀବନ କାଳ ଭିତରେ ସେ ଏଭଳି ରାୟ ଶୁଣିନାହାନ୍ତି । ଏଭଳି ଆଦେଶ ବା ରାୟକୁ ସେ କେବେ ବି ସାମ୍ନା କରିନାହାନ୍ତି । ଗତ ଜାନୁଆରୀ ୨୦ ତାରିଖରେ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ଏକାଧିକ ଆଦେଶନାମା ଜାରି କରିଥିଲେ ।ପୂର୍ବରୁ ବିଦେଶୀ ନାଗରିକଙ୍କ ପିଲା ଆମେରିକାରେ ଜନ୍ମ ହେଲେ ଆମେରିକାର ନାଗରିକତା ପାଇବାର ଅଧିକାର ରହିଥିଲା । କିନ୍ତୁ, ଟ୍ରମ୍ପ ଶପଥ ଗ୍ରହଣ କରିବା ପରେ ନାଗରିକତା ଆଇନ ଉଚ୍ଛେଦ ନେଇ ଘୋଷଣା କରିଛନ୍ତି । ତେବେ ଟ୍ରମ୍ପଙ୍କ ଆଦେଶ ଉପରେ କୋର୍ଟଙ୍କ ଏଭଳି ନିଷ୍ପତ୍ତିରେ ତାଙ୍କୁ ବଡ଼ ଝଟକା ଲାଗିଛି ।

# ଏବେ ଗୋଟିଏ ପ୍ଲାଟ୍‌ଫର୍ମରେ ମିଳିବ ସବୁ ସୁବିଧା




ନୂଆଦିଲ୍ଲୀ : ଏବେ ଗୋଟିଏ ପ୍ଲାଟଫର୍ମରେ ମିଳିବ ସବୁ ସରକାରୀ ଆପ୍। ଏଥିପାଇଁ ଯୋଜନା କରୁଛନ୍ତି ଭାରତ ସରକାର। ଏନେଇ ଆପଲ୍ ଏବଂ ଗୁଗୁଲକୁ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରାଳୟ ପତ୍ର ଲେଖିଛି। ଏହା ସହ ସ୍ମାର୍ଟ ଫୋନ୍ ତିଆରି କରୁଥିବା ଅନ୍ୟ କମ୍ପାନୀ ଗୁଡ଼ିକୁ ମଧ୍ୟ ଏନେଇ ସହଯୋଗ କରିବାକୁ ବିଭାଗ ଅପିଲ୍ କରିଛି। ସୂଚନାନୁଯାୟୀ, ସମସ୍ତ ସରକାରୀ ଆପ୍ସ ଗୁଡ଼ିକ ଆପ୍ ସୁଇଟ୍‌ରେ ଉପଲବ୍ଧ ହେବ। ଏଥିପାଇଁ ଗୁଗଲ ପ୍ଲେ ଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋରରେ ସୁଇଟ୍ ଆପ୍ ଉପଲବ୍ଧ କରିବା ପାଇଁ କେନ୍ଦ୍ର ଆଇଟି ମନ୍ତ୍ରାଳୟ ପତ୍ର ଲେଖିଛି। ଏପରିକି ସୁଇଟ୍ ଆପ୍‌କୁ ପ୍ରି ଇନଷ୍ଟଲ କରିବା ପାଇଁ ମଧ୍ୟ କହିଛି। ଏହାଦ୍ୱାରା ସମସ୍ତ ସରକାରୀ ଯୋଜନା ଏବଂ ସେବା ସହଜରେ ଲୋକଙ୍କ ନିକଟରେ ପହଞ୍ଚି ପାରିବ। ଏବେ ସରକାରୀ ଆପ୍ ଗୁଡ଼ିକୁ ଅଲଗା ଅଲଗା ଡାଉନଲୋଡ୍ କରିବାକୁ ପଡୁଛି। ହେଲେ ସୁଇଟ୍ ଆପ୍ ଆସିଲେ ଏଥିରେ ସବୁ ଆପ୍ ରହିପାରିବ। ମିଡିଆ ରିପୋର୍ଟସ୍ ଅନୁଯାୟୀ, ଗୁଗୁଲ ଏବଂ ଆପଲ ସରକାରଙ୍କ ଏହି ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଛନ୍ତି। ଗୁଗୁଲ ଏହାକୁ ବିରୋଧ କରିଥିବା ବେଳେ ଆପଲ ଏନେଇ ଆଗ୍ରହ ପ୍ରକାଶ କରୁନାହିଁ। ଉଭୟ କମ୍ପାନୀ ସେମାନଙ୍କ ପ୍ଲାଟଫର୍ମରେ ଥିବା ଆପ୍ସ ଗୁଡ଼ିକୁ ନିଜ କଣ୍ଟ୍ରୋଲରେ ରଖନ୍ତି। ଏହା ସହ ଏଥିରୁ ଆସୁଥିବା ରାଜସ୍ୱରେ ଭାଗ ନିଅନ୍ତି। ହେଲେ ସରକାରୀ ଆପ୍ସ ଆସିବା ଦ୍ୱାରା କମ୍ପାନୀକୁ ନିୟନ୍ତ୍ରଣ ସହ ରାଜସ୍ୱ ହରାଇବାକୁ ପଡ଼ିବ। ତେବେ ଦୁଇ କମ୍ପାନୀଙ୍କ ଏହି ନିଷ୍ପତ୍ତି ପରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି। ୨୦୨୦ରେ ସରକାର ଟିକଟକ୍ ଏବଂ ମେଟା ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଚୀନ ସହ ବିବାଦ ପରେ ଟିକଟକ୍ ସମେତ ବହୁ ଚୀନ ଆପ୍‌କୁ ବ୍ୟାନ୍ କରିଦେଇଥିଲେ।

# ଆମେରିକାରେ ୫୩୮ ବେଆଇନ ଅନୁପ୍ରବେଶକାରୀ ଗିରଫ

ଓ୍ୱାଶିଂଟନ: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକା ନିଜ ସୀମାରୁ ବିଭିନ୍ନ ଦେଶର ୫୦୦ରୁ ଅଧିକ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛି। ହ୍ୱାଇଟ୍ ହାଉସ୍ ଅନୁଯାୟୀ, ୫୩୮ ଅନୁପ୍ରବେଶକାରୀଙ୍କୁ ଆମେରିକା ସେନା ଧରିଛି। ଏହାବ୍ୟତୀତ ୩୭୩ ଜଣ ବନ୍ଦୀଙ୍କୁ ମଧ୍ୟ ଅଟକ ରଖାଯାଇଛି। ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଶତାଧିକ ଲୋକଙ୍କୁ ସାମରିକ ବିମାନରେ ଫେରାଇ ଦିଆଯାଇଛି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ମାତ୍ରେ ସେ ସୀମାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ । ଏହାପରେ ସୀମାରେ ଅନୁପ୍ରବେଶ ରୋକିବା ପାଇଁ ଆମେରିକା ସେନା ଅଧିକ ସଜାଗ ହୋଇଛି । ଇତିମଧ୍ୟରେ ପେଣ୍ଟାଗନ ମେକ୍ସିକୋ ସୀମାକୁ ୧୫୦୦ ଅତିରିକ୍ତ ସୁରକ୍ଷା କର୍ମୀ ପଠାଇଛି। ଏବେ ଯେଉଁମାନେ ଆମେରିକାରେ ଅନୁପ୍ରବେଶ କରିବେ ସେମାନଙ୍କୁ ଗିରଫ କରାଯିବ । ଟ୍ରମ୍ପ ପ୍ରଶାସନ ଲକ୍ଷ ଲକ୍ଷ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଛି। ଏଥିରେ ହଜାର ହଜାର ଭାରତୀୟ ମଧ୍ୟ ସାମିଲ ଅଛନ୍ତି। ଟ୍ରମ୍ପ ଏକ ନୂଆ ଇମିଗ୍ରେସନ୍ ପଲିସି ପ୍ରସ୍ତୁତ କରିଛନ୍ତି, ଯାହା ଅଧୀନରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରୁଥିବା ପ୍ରବାସୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବାର ବ୍ୟବସ୍ଥା ରହିଛି। କାରଣ ଏହି ଲୋକମାନଙ୍କୁ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ବର୍ଣ୍ଣନା କରାଯାଇଛି।

# ‘ଏମର୍ଜେନ୍ସି’କୁ ବ୍ରିଟେନରେ ବିରୋଧ

ନୂଆଦିଲ୍ଲୀ: ବ୍ରିଟେନରେ ବଲିଉଡ ଚଳଚ୍ଚିତ୍ର ‘ଏମର୍ଜେନ୍ସି’କୁ ବିରୋଧ କରାଯାଇଛି। ବିଭିନ୍ନ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଚାଲୁଥିବାବେଳେ ବିଚ୍ଛିନ୍ନତାବାଦୀମାନେ ଏହାକୁ ବନ୍ଦ କରିବା ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ଏପରି କି ପ୍ରେକ୍ଷାଳୟଗୁଡ଼ିକରେ ପଶି ବଳପୂର୍ବକ ଚଳଚ୍ଚିତ୍ର ପ୍ରଦର୍ଶନକୁ ଅଟକାଇଛନ୍ତି। ଏହାକୁ ନେଇ ଭାରତୀୟ ବିଦେଶ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଛି। ଆଇନ ବିରୋଧୀ କାର୍ଯ୍ୟକଳାପକୁ ଦମନ କରିବା ଲାଗି ଭାରତ ପକ୍ଷରୁ ବ୍ରିଟେନ ସରକାରଙ୍କ ନିକଟରେ ଦାବି କରାଯାଇଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ବ୍ରିଟେନରେ ଏକାଧିକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଚାଲୁଥିବାବେଳେ ତାହାକୁ ବନ୍ଦ କରାଯିବା ନେଇ ବିଭିନ୍ନ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତ ବିରୋଧୀ ତତ୍ତ୍ୱ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ବ୍ରିଟେନ ସରକାରଙ୍କୁ ଅବଗତ କରାଯାଇଛି। ବାକ୍ ସ୍ୱାଧୀନତା ଚୟନମୂଳକ ଭାବେ ଲାଗୁ କରାଯାଇପାରିବ ନାହିଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଏ ଦିଗରେ ବ୍ରିଟେନ ସରକାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା ଥିବା ସେ କହିଛନ୍ତି।

# ଦିନ ମଜୁରିଆଙ୍କ ଉପରେ ଲାଗିଲା ପାଖାପାଖି ୨ କୋଟି ଟଙ୍କାର କର

ପାଟ୍‌ନ: ଗୁଜୁରାଟର ପାଟନ୍ ଜିଲ୍ଲାରେ ଚମକେଇ ଦେବା ପରି ଏକ ମାମଲା ସାମ୍ନାକୁ ଆସିଛି। ମାସିକ ୧୬ ହଜାର ଟଙ୍କା ରୋଜଗାର କରୁଥିବା ଜଣେ ଦିନ ମଜୁରିଆଙ୍କ ଉପରେ ୧.୯୬ କୋଟି ଟଙ୍କାର କର ଲଗାଇ ଦେଇଛି ବେଙ୍ଗାଲୁରୁ ଜିଏସ୍‌ଟି ବିଭାଗ। ମଜୁରିଆ ଜଣକ ଅହମ୍ମଦାବାଦରେ ମିସ୍ତ୍ରୀ କାମ କରି ନିଜ ପରିବାର ପୋଷନ୍ତି। ସ୍ୱଳ୍ପ ରୋଜଗାରରେ ନିଜ ପରିବାର ପୋଷୁଥିବା ଏହି ବ୍ୟକ୍ତିଙ୍କୁ ଯେତେବେଳେ ଜିଏସ୍‌ଟି ବିଭାଗରୁ ପାଖାପାଖି ୨ କୋଟି ଟଙ୍କାର ଏକ ନୋଟିସ୍ ମିଳିଲା ତ ସେ ଚକିତ ହୋଇଗଲେ। ସୁନୀଲ ନାମକ ଏକ ବ୍ୟକ୍ତି ଦିନ ମଜୁରି କରି ଦୁଇପଇସା ରୋଜରାଗ କରନ୍ତି । ଏଥିରେ ହିଁ ତାଙ୍କ ଘରର ଭରଣ ପୋଷଣ ହୋଇଥାଏ । କିନ୍ତୁ ତାଙ୍କ ଉପରେ ଏତେ ଟଙ୍କାର ଟ୍ୟାକ୍ସ କେମିତି ଲଗାଇଲା ବେଙ୍ଗାଲୁରୁ ଜିଏସଟି ବିଭାଗ ଜିଏସଟି ନୋଟିସ୍ ପାଇବା ପରେ ସୁନୀଲ୍ ଜଣେ ଓକିଲଙ୍କୁ ପରାମର୍ଶ କରିଥିଲେ । ତେବେ ଘଟଣା ଖୋଲତାଡ଼୍ ହେବାରୁ ଜଣାପଡ଼ିଛି ଯେ ତାଙ୍କ ନାଁରେ ଭିନ୍ନ ଭିନ୍ନ ସ୍ଥାନରେ ୧୧ଟି କମ୍ପାନି ଚାଲିଛି। ଆଉ ସେହି କମ୍ପାନି କୌଣସି କର ଦେଉନାହିଁ । ଯେଉଁଥିପାଇଁ ସୁନୀଲଙ୍କ ପାଖକୁ ମୋଟା ଅଙ୍କର କର ନୋଟିସ୍ ଆସିଛି। ଆଧାର କାର୍ଡକୁ ଫର୍ଜି କରି ବିଭିନ୍ନ ପ୍ରକାର ଅପରାଧ ହେଉଥିବା ଖବର ଅନେକ ସମୟରେ ସାମ୍ନାକୁ ଆସିଛି । ଠିକ୍ ସେହିପରି ଘଟଣା ସୁନୀଲଙ୍କ ସହ ଘଟିଛି । ସୁନୀଲଙ୍କ ଆଧାର କାର୍ଡକୁ ବ୍ୟବହାର କରି ୧୧ଟି ସ୍ଥାନ ଉତ୍ତର ପ୍ରଦେଶର ଅଯୋଧ୍ୟା, ଅଲିଗଡ, ଅରୁଣାଚଳପ୍ରଦେଶ, ମଣିପୁର, ତ୍ରିପୁରା, ନାଗପୁର, କର୍ଣ୍ଣାଟକ, ତାମିଲନାଡୁ, ଆଣ୍ଡାମାନ୍ ନିକୋବର୍ ଭଳି ସ୍ଥାନରେ କମ୍ପାନି ଖୋଲି ବ୍ୟବସାୟ କରିଆସୁଛି ସାଇବର ଠକ । ଘଟଣା ସାମ୍ନାକୁ ଆସିବା ପରେ ସୁନୀଲ ଓ ତାଙ୍କ ପରିବାର ଗୃହ ବିଭାଗ ଏବଂ କ୍ରାଇବ୍ରାଞ୍ଚରେ ଆଭିଯୋଗ କରିଛନ୍ତି ।

# ସଂସଦୀୟ କମିଟି ବୈଠକରେ ପ୍ରବଳ ହଟ୍ଟଗୋଳ: ୧୦ ଏମ୍‌ପି ନିଲମ୍ବିତ



ନୂଆଦିଲ୍ଲୀ : ଓ୍ୱାକଫ ସଂଶୋଧନ ବିଲ ଉପରେ ସଂସଦୀୟ କମିଟି ବୈଠକରେ ଶୁକ୍ରବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। ହଟ୍ଟଗୋଳ ଥମି ନଥିବା ଦେଖି, କମିଟିର ୧୦ ଜଣ ଏମ୍ ?ପିଙ୍କୁ ପୂରା ଦିନ ପାଇଁ କମିଟିର ସଦସ୍ୟତାରୁ ନିଲମ୍ବିତ କରାଯାଇଥିଲା। ବୈଠକ ପୂର୍ବରୁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ ଯେ, ଡ୍ରାଫ୍ଟ ଆଇନରେ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଉନାହିଁ। ଆଜି ଭାଜପା ଏମ୍ ?ପି ଜଗଦମ୍ବିକା ପାଲଙ୍କ ନେତୃତ୍ୱାଧୀନ ଜେପିସି କଶ୍ମୀରର ମୀରଓ୍ୱାଇଜ ଉମର ଫାରୁକଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳୀଙ୍କ ମତ ଶୁଣିବାର ଥିଲା। ବୈଠକରେ ହଟ୍ଟଗୋଳ ପରେ ଓ୍ୱାକଫ ସଂଶୋଧନ ବିଲ ୨୦୨୪ ଉପରେ ମିଳିତ ସଂସଦୀୟ କମିଟି ବୈଠକରୁ ସମସ୍ତ ୧୦ଜଣ ବିରୋଧୀ ଏମ୍‌ପିଙ୍କୁ ଦିନକ ପାଇଁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ ବିରୋଧୀ ସାଂସଦମାନଙ୍କ ମଧ୍ୟରେ କଲ୍ୟାଣ ବାନାର୍ଜୀ, ମହମ୍ମଦ ଜାଭେଦ, ଏ ରାଜା, ଅସଦୁଦ୍ଦିନ ଓଓ୍ୱେସି, ନାସିର ହୁସେନ, ମୋହିବୁଲ୍ଲା, ଏମ ଅବଦୁଲ୍ଲା, ଅରବିନ୍ଦ ସାୱନ୍ତ, ନଦୀମୁଲ ହକ, ଇମ୍ରାନ ମାସୁଦ ଅନ୍ତର୍ଭୁକ୍ତ। ଭାରତୀୟ ଜନତା ପାର୍ଟିର ଏମ୍‌ପି ନିଶିକାନ୍ତ ଦୁବେ ବିରୋଧୀ ସଦସ୍ୟମାନଙ୍କୁ ନିଲମ୍ବନ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ କମିଟି ଦ୍ୱାରା ଗ୍ରହଣ କରାଯାଇଥିଲା।

# ୧୭ଟି ଧାର୍ମିକ ସ୍ଥଳରେ ବନ୍ଦ ହେବ ମଦ ଦୋକାନ

ଭୋପାଳ: ମଧ୍ୟପ୍ରଦେଶର ବିଜେପି ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ନୂଆ ଅବକାରୀ ନୀତି ଲାଗୁ ହେବା ପରେ ରାଜ୍ୟରେ ଥିବା ୧୭ଟି ଧାର୍ମିକ ସ୍ଥଳରେ ମଦ ଦୋକାନ ବନ୍ଦ କରିବେ ସରକାର । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନେତୃତ୍ୱରେ ଆଜି (ଶୁକ୍ରବାର) ମହେଶ୍ୱରରେ ଆୟୋଜିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଘୋଷଣା ହୋଇଛି । ଏହା ସହ ମୁଖ୍ୟମନ୍ତ୍ରୀ ଅହିଲ୍ୟାବାଇ ହୋଲକରଙ୍କୁ ୩୦୦ ତମ ଜନ୍ମଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହା ପୂର୍ବରୁ ଗୁରୁବାର ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ୧୭ ଧାର୍ମିକ ସ୍ଥଳ ଥିବା ସହରରେ ମଦ ଦୋକାନ ବନ୍ଦ ହେବ ବୋଲି ଘୋଷଣା କରିଥିଲେ । ଦେଶୀ ଏବଂ ବିଦେଶୀ ଉଭୟ ମଦ ଦୋକାନ ବନ୍ଦ ହେବ ବୋଲି ସେ କହିଥିଲେ । ଆଉ ଆଜି ଏହି ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ୍‌ର ମୋହର ଲାଗିଛି । ମଧ୍ୟପ୍ରଦେଶର ଯେଉଁ ସବୁ ସ୍ଥାନରେ ଭଗବାନ କୃଷ୍ଣ ଏବଂ ଶ୍ରୀ ରାମଙ୍କ ପାଦ ପଡ଼ିଛି ସେସବୁ ସ୍ଥାନରେ ମଦ ବନ୍ଦ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହଦ ଯାଦବ କହିଛନ୍ତି । ଆଜି ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମହେଶ୍ୱର ଘାଟରେ ଥିବା ମା ନର୍ମଦାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଏହାସହ ଲୋକମାତା ଦେବୀ ଅହିଲ୍ୟାବାଇଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ।

# ତାଜମହଲରେ ୩ ଦିନ ଫ୍ରି ଏଣ୍ଟ୍ରି


ନୂଆଦିଲ୍ଲୀ : ତାଜମହଲରେ ତିନି ଦିନ ଫ୍ରି ଏଣ୍ଟ୍ରି । ଜାନୁଆରୀ ୨୬ ରୁ ୨୮ ଯାଏଁ ତାଜମହଲରେ ନିଃଶୁଳ୍କରେ କରିପାରିବେ ପ୍ରବେଶ। ମୋଗଲ ବାଦଶାହା ଶାହାଜାହାନଙ୍କ ୩୭୦ତମ ମୃତ୍ୟୁ ବାର୍ଷିକୀ ଅବସରରେ ପର୍ଯ୍ୟଟକଙ୍କ ପାଇଁ ଏହି ଘୋଷଣା କରାଯାଇଛି। ଏହି ତିନି ଦିନ ଶାହାଜାହାନ ଏବଂ ମୁମତାଜଙ୍କ କବର ଦେଖିବାକୁ ମଧ୍ୟ ସୁଯୋଗ ମିଳିବ। ଜାନୁଆରୀ ୨୬ ତାରିଖ ଦିନ ୨ଟାରୁ ତାଜମହଲର ବେସ୍‌ମେଣ୍ଟ ଖୋଲି ଦିଆଯିବ। ମୁସଲିମ୍ ରୀତିନୀତି ଅନୁସାରେ କବରରେ ଚାଦରପୋସି କରାଯିବ। ସେହିପରି ୨୮ ତାରିଖ ସକାଳୁ ସନ୍ଧ୍ୟା ଯାଏଁ ପର୍ଯ୍ୟଟକମାନେ ବେସମେଣ୍ଟକୁ ଯାଇ କବର ଦେଖିପାରିବେ। ପ୍ରତିବର୍ଷ ଏହି ସମୟରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି। ତେଣୁ ଏହି ୩ ଦିନ ତାଜମହଲରେ ବହୁ ପର୍ଯ୍ୟଟକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଫୋର୍ସ ନିୟୋଜିତ କରାଯାଇଛି। ସବୁ ଏଣ୍ଟ୍ରି ଗେଟ୍‌ରେ ସିସିଟିଭି କ୍ୟାମେରା ଏବଂ ମେଟାଲ୍ ଡିଟେକ୍ଟର ଲଗାଯାଇଛି। ସେହିପରି ଆଖପାଖ ହୋଟେଲ ଏବଂ ଗାଇଡ୍‌ଙ୍କ ପାଖରେ ବୁକିଂ ବଢ଼ିଲାଣି। ଏହାଦ୍ୱାରା ସ୍ଥାନୀୟ ବେପାରୀଙ୍କ ବ୍ୟବସାୟ ବଢ଼ିବ ବୋଲି ମଧ୍ୟ ଆଶା କରାଯାଉଛି।

# ୫ ଫେବୃଆରୀରେ ମହାକୁମ୍ଭରେ ବୁଡ ପକାଇବେ ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ଫେବୃଆରୀରେ ମହାକୁମ୍ଭରେ ସ୍ନାନ କରିବେ। ତାଙ୍କର କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ସେହି ଦିନ କଂଗ୍ରେସ ରାଜ୍ୟ ସଭାପତି ଅଜୟ ରାୟ ମଧ୍ୟ ତ୍ରିବେଣୀରେ ବୁଡ଼ ପକାଇବେ। କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷଙ୍କ ସହ ଦଳର ଆଉ କେତେଜଣ ନେତା ଓ ପଦାଧିକାରୀ ମଧ୍ୟ ସେହିଦିନ ବୁଡ ପକାଇବେ। ସୂଚନାଯୋଗ୍ୟ, ଗୁରୁବାର ପ୍ରଦେଶ ଅଧ୍ୟକ୍ଷ ଅଜୟ ରାୟ ଏବଂ ଏମପି ଉଜ୍ଜ୍ୱଳ ରମଣ ସିଂହ କଂଗ୍ରେସ ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ମହାକୁମ୍ଭରେ ଭୁଲ ପରିଚାଳନା ଅଭିଯୋଗ ଆଣିଥିଲେ। ସେମାନେ କହିଛନ୍ତି ଯେ ମହାକୁମ୍ଭ ନାମରେ ଆବଣ୍ଟିତ ବଜେଟରେ ଦୁର୍ନୀତି ହେଉଛି। ସେ ଦାବି କରିଛନ୍ତି ଯେ ମୌନୀ ଅମାବାସ୍ୟାରେ ସ୍ନାନ ପୂର୍ବରୁ ସରକାର ସମସ୍ତ ପ୍ରସ୍ତୁତି ସମାପ୍ତ କରନ୍ତୁ। ଫେବୃଆରୀ ୩ ପରେ, କଂଗ୍ରେସ ନେତାମାନେ ମହାକୁମ୍ଭରେ ବୁଡ଼ ପକାଇବାକୁ ଯିବେ। ପ୍ରଦେଶ ଅଧ୍ୟକ୍ଷ କହିଛନ୍ତି ଯେ ମହାକୁମ୍ଭରେ ଅଗ୍ନିକାଣ୍ଡ ପରେ ଏମପି ଉଜ୍ଜ୍ୱଳ ରମଣ ସିଂହଙ୍କ ନେତୃତ୍ୱରେ ଏକ ଦଳୀୟ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇଥିଲେ। ମହାକୁମ୍ଭରେ ଭକ୍ତ ଏବଂ ସନ୍ଥମାନେ କୁପରିଚାଳନାର ସମ୍ମୁଖୀନ ହେଉଛନ୍ତି।

# ଆଦାନୀ ଗ୍ରୀନ୍‌କୁ ଡବଲ ଝଟ୍‌କା




ନୂଆଦିଲ୍ଲୀ : ଗେତମ ଆଦାନୀ ଗ୍ରୁପ୍‌କୁ ବଡ଼ ଝଟକା। ଆଦାନୀ ଗ୍ରୀନ୍ ଏନର୍ଜି ସହ ଶ୍ରୀଲଙ୍କା ୪୪୦ ମିଲିୟନ ଡଲାର ପାଓ୍ୱାର ପରଚେଜ୍ ଡିଲ୍‌କୁ ରଦ୍ଦ କରିଦେଇଛି। ସେଭଳି ଏହି ପ୍ରୋଜେକ୍ଟର ସମୀକ୍ଷା କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହି ଖବର ଭିତରେ ଶୁକ୍ରବାର ଆଦାନୀ ଗ୍ରୁପର ଲିଷ୍ଟେଡ୍ ଅଧିକାଂଶ କମ୍ପାନୀର ସେୟାର ଖୁବ୍ ହ୍ରାସ୍ ଘଟିଛି ।ଶ୍ରୀଲଙ୍କାର ଲିଡିଂ ବିଜନେସ୍ ନ୍ୟୁଜ ପେପର ଡେଲି ଏଫ୍‌ଟିର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶର ରାଷ୍ଟ୍ରପତି ଅନୁରା କୁମାରା ଡିସନାୟକେଙ୍କ ନେତୃତ୍ୱରେ କ୍ୟାବିନେଟ୍ ଆଦାନୀ ଗ୍ରୁପ୍‌କୁ ବଡ଼ ଝଟକା ଦେଇଛି। କ୍ୟାବିନେଟ୍ ମନ୍ନାରା ଓ ପୁନାରିନ୍‌ରେ ଓ୍ୱିଣ୍ଡ ଏନର୍ଜି ପ୍ଲାଣ୍ଟ ନିର୍ମାଣର କନଟ୍ରାକ୍ଟ ଆଦାନୀ ଗ୍ରୀନ ଏନର୍ଜୀ ଏସ୍‌ଏଲ ଲିମିଟେଡ୍‌କୁ ଦେବାର ନିଷ୍ପତ୍ତିକୁ ପ୍ରତ୍ୟାହାର କରିଛି। ଏହା ସହ ପାଓ୍ୱାର ପରଚେଜ୍ ଏଗ୍ରିମେଣ୍ଟ ରଦ୍ଦ ହୋଇଯାଇଛି। ଉଲ୍ଲେଖନୀୟ ଯେ, ବର୍ତ୍ତମାନର ରାଷ୍ଟ୍ରପତି ନିଜର ନିର୍ବାଚନ ଅଭିଯାନ ସମୟରେ ପ୍ରତିଶୃତି ଦେଇଥିଲେ ଏହି ଡିଲ୍‌କୁ ରଦ୍ଦ କରିବେ। କେବଳ ସେତିକି ନୁହେଁ ଶ୍ରୀଲଙ୍କାରେ ଓ୍ୱିଣ୍ଡ ଏନର୍ଜିର ବିକାଶ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଟ୍ରେଡର୍ସଙ୍କୁ ଆମନ୍ତ୍ରିତ କରିବେ। ସେ ନିଜର ପ୍ରତିଶୃତି ପାଳନ କରି ୩୦ ଡିସେମ୍ବରରେ କ୍ୟାବିନେଟ୍‌କୁ ଏହି ଡିଲ୍ ରଦ୍ଦ କରିବାକୁ ନିଷ୍ପତ୍ତି ନେବାକୁ ରାଜି କରାଇଥିଲେ। ଗୁରୁବାର ବଜାର ବନ୍ଦ ହେବାପରେ ଆଦାନୀ ଗ୍ରୀନ୍ ଏନର୍ଜି ନିଜର ଋଣ୨୫ ର ତୃତୀୟ ତ୍ରୟମାସିକ ଆର୍ଥିକ ଫଳାଫଳ ଜାରି କରିଛି। କମ୍ପାନୀର ପରିଚାଳନାରୁ ମିଳିଥିବା କନସୋଲିଡେଟେଡ୍ ରେଭିନ୍ୟୁ ବାର୍ଷିକ ଆଧାରରେ ୨.୩୩% ବଢି ୨,୩୬୫ କୋଟି ହୋଇଯାଇଛି, ଯାହାକି ଛ୩ ଋଣ୨୪ ରେ ୨,୩୧୧ କୋଟି ଥିଲା। ସେଭଳି ପ୍ରଫିଟ୍ ଆଫ୍ଟର ଟ୍ୟାକ୍ସରେ ୮୫%ବାର୍ଷିକ ବୃଦ୍ଧି ହୋଇଯାଇଛି। ଏହି ଲାଭ ୪୭୪ କୋଟି ଟଙ୍କା ରହିଛି, ଯାହାକି ଗତ ବର୍ଷ ସମାନ ତ୍ରୟମାସିକରେ ୨୫୬ କୋଟି ଥିଲା।

# ମାତା ବୈଷ୍ଣୋଦେବୀଙ୍କ ଭକ୍ତିରେ ଲୀନ ଫାରୁକ ଅବଦୁଲ୍ଲା



ଶ୍ରୀନଗର : ନ୍ୟାଶନାଲ କନଫରେନ୍ସ ମୁଖ୍ୟ ଏବଂ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ଜଣେ ଦମ୍‌ଦାର ରାଜନେତା। ରାଜନୀତି ସହିତ, ଧାର୍ମିକ ପ୍ରସଙ୍ଗରେ ତାଙ୍କର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ସମୟ ସମୟରେ ଦେଖିବାକୁ ମିଳେ। ପୁଣିଥରେ ଫାରୁକ ଅବଦୁଲ୍ଲାଙ୍କୁ ବୈଷ୍ଣୋ ଦେବୀ ମନ୍ଦିର ନିକଟସ୍ଥ କଟରାସ୍ଥିତ ଏକ ଆଶ୍ରମରେ ମାତା ବୈଷ୍ଣୋ ଦେବୀଙ୍କ ଭକ୍ତିରେ ବୁଡ଼ି ରହିଥିବାର ଦେଖାଯାଇଥିଲା। ସେ କଟରା ଆଶ୍ରମରେ ‘ତୁ ନେ ମୁଝେ ବୁଲାୟା ଶେରାଓ୍ୱାଲିୟେ’ ଭଜନ ଗାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏବେ ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୂର୍ବରୁ ୨୦୨୪ ଏପ୍ରିଲରେ ମଧ୍ୟ ତାଙ୍କର ରାମଧୂନ ଗାଇବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଫାରୁକ କଟରାର ଏକ ଆଶ୍ରମରେ ଏକ ‘ଭଜନ’ କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କ ସହିତ ‘ତୁନେ ମୁଝେ ବୁଲାୟା ଶେରାଓ୍ୱାଲିୟେ, ମୈଁ ଆୟା, ମୈଁ ଆୟା ଶେରାଓ୍ୱାଲିୟେ’ ଗାଇଥିଲେ। ଏହି ଅବସରରେ ଭାଷଣ ଦେଇ, ସେ ରୋପେଓ୍ୱ ପ୍ରକଳ୍ପ ବିରୋଧରେ କଟରାର ଲୋକଙ୍କ ସମର୍ଥନ ଜଣାଇଥିଲେ।

# କ୍ଷୀର ମୂଲ୍ୟ ୧ ଟଙ୍କା କମାଇଲା ଅମୁଲ

ନୂଆଦିଲ୍ଲୀ: ଅମୁଲ ପକ୍ଷରୁ କ୍ଷୀର ମୂଲ୍ୟ ହ୍ରାସ କରାଯାଇଛି। ସାରା ଦେଶରେ ୧ ଲିଟର କ୍ଷୀର ପିଛା କମ୍ପାନୀ ୧ ଟଙ୍କା କମାଇଛି। ଅମୁଲ ଗୋଲ୍ଡ, ଅମୁଲ ତାଜା ଏବଂ ଅମୁଲ ଟି ସ୍ପେଶାଲ ୧ କେଜି ପ୍ୟାକ୍ କ୍ଷୀରରେ ଏହି ଦର ହ୍ରାସ ଲାଗୁ କରାଯାଇଛି। ଗୁଜରାଟ କୋଅପରେଟିଭ ମିଲ୍କ ମାର୍କେଟିଂ ଫେଡେରେସନର ପରିଚାଳନା ନିର୍ଦ୍ଦେଶକ ଜୟେନ ମେହଟା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ୨୦୨୪ ଜୁନରେ ଅମୁଲ ପକ୍ଷରୁ କ୍ଷୀର ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯାଇଥିଲା। ଏବେ ମୂଲ୍ୟ ହ୍ରାସ ପରେ ଅମୁଲ ଗୋଲ୍ଡ କ୍ଷୀର ଲିଟର ୬୬ ଟଙ୍କା ପରିବର୍ତ୍ତେ ୬୫ ଟଙ୍କା ହୋଇଛି।

# ସହରରେ ପାର୍କିଂ ଓ ଟ୍ରାଫିକ୍ ସମସ୍ୟା ନେଇ ସାମ୍ବାଦିକଙ୍କ ଅସନ୍ତୋଷ

## ୭ ଦିନ ମଧ୍ୟରେ ଜବରଦଖଲ ମୁକ୍ତ କରିବାକୁ ଦାବି

ନୟାଗଡ଼, (ପିପିଏସ୍) : ନୟାଗଡ଼ ସହରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଓ ପାର୍କିଂ ସମସ୍ୟାକୁ ନେଇ ଜିଲ୍ଲା ସାମ୍ବାଦିକମାନେ ଗଭୀର ଉଦବେଗ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଆଜି ସାମ୍ବାଦିକ ଭବନ ପରିସରରେ ଆଲୋଚନା କରାଯାଇ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ୭ ଦିନ ମଧ୍ୟରେ ଜବରଦଖଲ ମୁକ୍ତ କରାଯିବାକୁ ଦାବି କରାଯାଇଛି । ନୟାଗଡ଼ ସହରର ବିଭିନ୍ନ ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି ଉଠା ବ୍ୟବସାୟୀ, ପରିବା ଦୋକାନ, ଜଳଖିଆ ଦୋକାନ ଖୋଲ ଯାଉଛି । ଫଳରେ ରାସ୍ତା ପାର୍ଶ୍ୱରେ ଯାନବାହନ ରଖିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ରାସ୍ତା ଉପରେ ଯାନ ବାହାନ ରଖାଯିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି । ତୁରନ୍ତ ନୟାଗଡ଼ ସହର ରାସ୍ତା ପାର୍ଶ୍ୱରୁ ଉଠା ଦୋକାନଙ୍କୁ ସ୍ଥାନାନ୍ତର, ଜବରଦଖଲ ମୁକ୍ତ କରାଯିବା ଦାବି କରାଯାଇଛି ।

ସେହିଭଳି ଭାବେ ପୁରୁଣା ଦୁର୍ଗାମଣ୍ଡପ ସ୍ଥାନ ଏବଂ ଜେଲ ଜମିକୁ



ପରିଷ୍କାର କରି ଅସ୍ଥାୟୀ ପାର୍କିଂ ନିର୍ମାଣ କରିବାକୁ ଦାବି ହୋଇଛି । ତା ସହିତ ଟ୍ୟାକ୍ସି ଷ୍ଟାଣ୍ଡ ନିକଟ, ଦେବୋତ୍ତର କଲୋନୀ ୫ ନମ୍ବର ଲେନ୍ ?ରେ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଅସ୍ଥାୟୀ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ସାମ୍ବାଦିକମାନେ ପ୍ରସ୍ତାବ ଦେଇଛନ୍ତି । ନୟାଗଡ଼ ନାରାୟଣୀ ପାର୍କ ପଛ ପାଖରେ ରହିଥିବା ପୌର ପରିଷଦର ଏକ ଖାଲି ସ୍ଥାନରେ ପରିବା ମାର୍କେଟ ଓ ପାର୍କିଂ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହା ସହିତ ନୟାଗଡ଼ ପୁରୁଣା ଜେଲ ଜମି ଓ ପୁରୁଣା ଦୁର୍ଗା ମଣ୍ଡପ ପଡ଼ିଆକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ପାର୍କିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ନବକିଶୋର ମିଶ୍ର, ରାମକୃଷ୍ଣ ରଥ, ରଜତ ପଟ୍ଟନାୟକ, ଉଦିତ ନାରାୟଣ ଦାଶ, ସଦୀପ କୁମାର ଲେଙ୍କା, ଅନୀଲ କୁମାର ପଣ୍ଡା, ଧିରେନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର କୁମାର ଦାସ, ଦେବବ୍ରତ ନାୟକ, ସ୍ୱରୁପ ପଟ୍ଟନାୟକ, ହୁସେନ୍ ଖାଁ, ଖିରୋଦ ପଟ୍ଟନାୟକ, ପ୍ରଭାତ ମହାପାତ୍ର, ଜୟନ୍ତ ମିଶ୍ରଙ୍କ ସମେତ ଅନେକ ଜିଲ୍ଲା ସାମ୍ବାଦିକ ଏଭଳି ଦାବି ଉପସ୍ଥାପନ କରିଛନ୍ତି । ପୌର ନିର୍ବାହୀ ଅଧିକାରୀ ସବୁ ଦାବି ଓ ପ୍ରସ୍ତାବକୁ ଶୁଣିବା ସହ ଏହା ଉପରେ ଗୁରୁତ୍ୱ ଦେଇ ସହର ବିକାଶ ଓ ସୌନ୍ଦର୍ଯ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ

ନୟାଗଡ଼ (ପିପିଏସ୍): ଓଡ଼ିଶାର ଦୁଇ ବରପୁତ୍ର ମହାନ ସଂଗ୍ରାମୀ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ନୟାଗଡ଼ର ପୂଜ୍ୟପୂଜା ସଂଗଠନ ତଥା ସିଭିଲ ସୋସାଇଟ୍ ତରଫରୁ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ପୂଜ୍ୟପୂଜା ସଂଗଠନ ର ସଭାପତି ପ୍ରସନ୍ନ କୁମାର ବସନ୍ତିଆ ଏବଂ ସିଭିଲ ସୋସାଇଟ୍‌ର ସଭାପତି ଗୋଦାବରୀଶ ସାହୁ ଙ୍କ ଆବାହକତ୍ୱ ଏବଂ ଧୀରେନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସୁବକ୍ତା ରାମକୃଷ୍ଣ ରଥ, ପୂଜ୍ୟପୂଜା ସଂଗଠନର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷାବିତ୍ ନିରଞ୍ଜନ ମିଶ୍ର, ଶିକ୍ଷାବିତ୍ ଶ୍ରୀଧର ସାହୁ ପ୍ରମୁଖ ଦୁଇ ସଂଗ୍ରାମୀଙ୍କ ଜୀବନୀ, ବିପ୍ଳବ ଓ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ । ସିଭିଲ ସୋସାଇଟିର ବରିଷ୍ଠ ସଦସ୍ୟ ଭଗବତୀ ଚରଣ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସେବାରେ ନିଜକୁ ବ୍ରତୀ କରିଛନ୍ତି ପ୍ରହଲ୍ଲାଦ

## ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ଫିଗ୍ମୋମାନୋମିଟର ଓ ଗ୍ଲୁକୋ ମିଟର ବଣ୍ଟନ



ଅସ୍ତରଙ୍ଗ (ପିପିଏସ୍): ନିଜକୁ ସେବା କାର୍ଯ୍ୟରେ ସବୁବେଳେ ନିୟୋଜିତ କରିଥିବା ପ୍ରକୃତିର ସୁରକ୍ଷା ନେଇ ପ୍ରକୃତି ବନ୍ଧୁ ରୂପରେ ପରିଚିତ ହୋଇଛନ୍ତି ପ୍ରହଲ୍ଲାଦ । ଖବର ମୁତାବକ ପ୍ରକୃତି ବନ୍ଧୁ ରୂପେ ବେଶ ପରିଚିତ ହୋଇଥିବା ପ୍ରହଲ୍ଲାଦ ସ୍ୱାଇଁ ନିଜ ଭଉଣୀ ରଞ୍ଜନା ଦେବୀଙ୍କ ୨୦୨୧ମସିହାରେ ଉଚ୍ଚରକ୍ତଚାପ ଯୋଗୁଁ ଦେହାନ୍ତ ପରେ ଭଉଣୀର ସ୍ମୃତି ଅବସରରେ ଶୁକ୍ରବାର ଦିନ ରଞ୍ଜନାଦେବୀରୋଗୀ କଲ୍ୟାଣ ସମିତି ଓ ସାବାସ ପାଠାଗାର ତରଫରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅତିଥି ଭାବେ ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର. ସଞ୍ଜୟ ପ୍ରଧାନ, ପ୍ରକୃତି ବନ୍ଧୁ ପହଲ୍ଲାଦ ସ୍ୱାଇଁ (ବଇଁଶୀ), କାହ୍ନୁଚରଣ କାଣ୍ଡି, ପରିବେଶବିତି ସୋମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ରଞ୍ଜନା ଦେବୀଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ମୃତି ଉଦେଶ୍ୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଥିବା ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀମାନଙ୍କୁ ଉଚ୍ଚ ରକ୍ତଚାପ ମାପକ ଯନ୍ତ୍ର ସ୍ଫିଗ୍ମୋମାନୋମିଟର ଓ ମଧୁମେହ ରୋଗ ମାପକ ଯନ୍ତ୍ର ଗ୍ଲୁକୋ ମିଟର ଯନ୍ତ୍ର ୨୦ରୁ ଉର୍ଦ୍ଧ ଆଶାକର୍ମୀଙ୍କୁ ବଣ୍ଟନ ହୋଇଥିଲା । ପ୍ରକୃତିବନ୍ଧୁ କହିବା ଅନୁଯାୟୀ ନିଜ ଭଉଣୀ ଉଚ୍ଚରକ୍ତଚାପ ରେ ମୃତ୍ୟୁ ବରଣ କରିଥିବା ବେଳେ ଭଉଣୀ ସ୍ମୃତି ଅବସରରେ ଆଶା କର୍ମୀଙ୍କୁ ମଧୁମେହ ଓ ଉଚ୍ଚରକ୍ତଚାପ ମାପକ ମେସିନ ବଣ୍ଟନ କରିଛନ୍ତି । ଯାହାଫଳରେ ଗ୍ରାମାଞ୍ଚଳ ଲୋକେ ସହଜ ଓ ସୁବିଧାରେ ଅଙ୍ଗନବାଡି ଓ ଆଶା କର୍ମୀଙ୍କ ନିକଟରେ ପହଂଚି ନିଜର ମଧୁମେହ ଓ ଉଚ୍ଚ ରକ୍ତଚାପ ମାପି ସଚେତନ ହୋଇପାରିବେ ।ଏଭଳି ନିଆରା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରକୃତିବନ୍ଧୁ ପ୍ରହଲ୍ଲାଦଙ୍କୁ ପ୍ରଶଂସା କରିଛନ୍ତି ।

# ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ




ଚୌଦ୍ୱାର,(ପିପିଏସ୍):ଚୌଦ୍ୱାର କଲେଜର ଫାଷ୍ଟ ଓଡିଶା ଆର୍ଟି ବିଟିୱାଇ ଏନସିସି ୟୁନିଟ ଦ୍ୱାରା ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷା ରଶ୍ମୀ ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଦିନଟି ଝିଅ ମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ଅଧିକାର,ଶିକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବାର ସାମୂହିକ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନ ମନ୍ତ୍ରୀଙ୍କ 'କନ୍ୟା ସନ୍ତାନ ବଞ୍ଚାଅ ଓ କନ୍ୟା ପଢ଼ାଅ' ଶୀର୍ଷକ ସ୍ଲୋଗାନକୁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ଝିଅ ମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା, ସମାନତାକୁ ଅର୍ପିତ ପରେ ସୁଦୃଢ଼ କରିବା ସହିତ ଶିଶୁକନ୍ୟା ହତ୍ୟା,ବାଲ୍ୟ ବିବାହ ଏବଂ ଲିଙ୍ଗ ଭିତ୍ତିକ ହିଂସା ଭଳି ସାମାଜିକ ସମସ୍ୟା ଗୁଡିକର ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏନସିସି ଅଫିସର ଲେଫ୍ଟନାଣ୍ଟ ରଜିକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସଚେତନତା ରାଲିରେ ଏନ୍‌ସିସି କ୍ୟାଡେଟମାନେ କଲେଜ ପରିସରରେ ଜାତୀୟ କନ୍ୟା ଦିବସ ପାଳନର ବିଭିନ୍ନ ବର୍ଗ ଲେଖାଥିବା ପ୍ଲାକାର୍ଡ ଧରି ଓ ସ୍ଲୋଗାନମାନ ଦେଇ ଚୌଦ୍ୱାର ନଗର ପରିକ୍ରମା କରିଥିଲେ । ଏଥିରେ କଲେଜର ବହୁ ଛାତ୍ରଛାତ୍ରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

# ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳିତ

ନୟାଗଡ଼ (ପିପିଏସ୍): ନୟାଗଡ ଓଡ଼ିଶା ବିଜ୍ଞାନ ଏକାଡେମୀ ଓ ମଡେଲ ଡିଗ୍ରୀ କଲେଜ ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଶିକ୍ଷା ଦିବସ ଅନୁଷ୍ଠିତ ହୋଇଅଛି । ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ ଶତପଥୀ ସଭାରେ ପୌରୋହିତ୍ୟ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର୍ ବିଭୂତି ଭୂଷଣ ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ବୈଜ୍ଞାନିକ ବୌଦ୍ଧିକ ବିକାଶ ନିମନ୍ତେ ନିଜକୁ ନିଜେ ପ୍ରଶ୍ନ କରି ଉତ୍ତର ଖୋଜିବା ପାଇଁ ପ୍ରବର୍ତ୍ତାଇଥିଲେ । ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ ସାମନ୍ତ ଚନ୍ଦ୍ରଶେଖରଙ୍କ ଆବିଷ୍କାର ଓ ପରିକଳ୍ପନାର ବିଜ୍ଞାନ ବିଷୟରେ ଆଲୋକପାତ କରି ବିଭିନ୍ନ ମଡେଲ ପ୍ରଦର୍ଶନ କରିଥିଲେ । ଏକାଡେମୀର ସଂପାଦକ ପ୍ରଫେସର ଆଶିଷ କୁମାର ମହାନ୍ତି ବିଜ୍ଞାନ ଏକାଡେମୀର କାର୍ଯ୍ୟାବଳୀ ବିଷୟରେ ସୂଚନାଦେଇ ବିଭିନ୍ନ ପ୍ରକାର ବିଷୟର ସର୍ପକ ବିଷୟରେ ଚର୍ଚ୍ଚା କରିଥିବା ବେଳେ ସର୍ପଦର୍ଶନ ସମୟରେ କିପରି ନିଜର କାର୍ଯ୍ୟକଳାପ ରହିବା ଉଚିତ ସୂଚାଇ ଥିଲେ । ଶେଷରେ ଅଧ୍ୟାପିକା ରାଜିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ୨୦୦ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଡକ୍ଟର ସନ୍ତୋଷ କୁମାର ବେହେରା, ଡକ୍ଟର ଜଗରାମ ସିଂ ସାମଲ, ଡକ୍ଟର ପ୍ରକାଶ କୁମାର ସାହୁ, ଦୀପିକା ରାଣୀ ତ୍ରିପାଠୀ, ପ୍ରଜ୍ଞାନ୍ ରଞ୍ଜନ ସାହୁ, ରାମାକାନ୍ତ ଷଡ଼େଈ, ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିନିଧି ନିର୍ବାଚିତ

କେନ୍ଦ୍ରାପଡ଼ା,(ପିପିଏସ୍): କନିଷ୍ଠ ଶିକ୍ଷକ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଗତ ରବିବାର ଦିନ ଏକ ଜିଲ୍ଲାସ୍ତରୀୟ ପ୍ରତିନିଧି ନିର୍ବାଚନ କାର୍ଯ୍ୟକ୍ରମ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ଶିକ୍ଷକ ଆଶୁତୋଷ ବେହେରାଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକର ନବନିଯୁକ୍ତ କନିଷ୍ଠ ଶିକ୍ଷକ ମାନେ ଏହି ସଭାରେ ଯୋଗ ଦେଇଥିଲେ । କନିଷ୍ଠ ଶିକ୍ଷକ ଜ୍ୟୋତିରଂଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଆଗାମୀ ଦିନରେ କିପରି ଭାବରେ ପ୍ରାଥମିକ ସ୍ତରରେ ଶିକ୍ଷା ବିଭିନ୍ନ ଅସୁବିଧାର ଦୂରୀକରଣ ନିମନ୍ତେ ସଂଘ ମାଧ୍ୟମରେ ସରକାରଙ୍କ ପାଖରେ ଦାବୀ ରଖାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକର ବ୍ଲକସ୍ତରୀୟ ନିର୍ବାଚିତ ପ୍ରତିନିଧି ମାନେ ସାମ୍ବିଧାନିକ ପ୍ରକ୍ରିୟାରେ ନିଜ ନିଜର ମତ ସାବ୍ୟସ୍ତ କରି ଜିଲ୍ଲା ସ୍ତରୀୟ ପ୍ରତିନିଧି ମାନଙ୍କୁ ନିର୍ବାଚନ କରିଥିଲେ । କନିଷ୍ଠ ଶିକ୍ଷକ ସଂଘ ଯାଜପୁରର ନେତୃତ୍ୱ ନେଇଥିବା ସୌରଭ ମହାନ୍ତି ଏହି ସଭାରେ ଯୋଗ ଦେଇ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିଲେ । ସର୍ବସମ୍ମତି କ୍ରମେ ସଭାପତି ଭାବରେ ଉଷାରାଣୀ ଦାସ, କାର୍ଯ୍ୟକାରୀ ସଭାପତି- ଚନ୍ଦ୍ର ଶେଖର ଦାସ, ସଂପାଦକ- ନବୀନ ପ୍ରଭାତ ଜେନା, ସହ ସଂପାଦକ- ଅର୍ଚ୍ଚନା ଉରାଙ୍ଗ, କୋଷାଧ୍ୟକ୍ଷ- ରାଜେଶ କୁମାର ପଣ୍ଡା, ସହ କୋଷାଧ୍ୟକ୍ଷ- ଶୁଭଶ୍ରୀ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ- ଜିତେନ୍ଦ୍ର ନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ ।

## ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

# ଆଞ୍ଜେଲ ଚଳଚିତ୍ରର ପ୍ରମୋସନ କଲେ ଶିଶୁ କଳାକାର ସାଇତ୍ରିଷ୍ଟା

ପାରାଦୀପ (ପିପିଏସ୍): ପାରାଦୀପ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ଫେବୃଆରୀ ମାସ ୭, ୮ ଓ ୯ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସ୍ଥାନୀୟ ଓ ରାଜ୍ୟ ବାହାରର ନାମୀ କଳାକାର ମାନେ ସେମାନଙ୍କ ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିବେ । ତେବେ ଏହି ତିନିଦିନ ବ୍ୟାପି କାର୍ଯ୍ୟକ୍ରମ କୁ ସରସ, ସୁନ୍ଦର ଓ ସଫଳ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ



ଆଲୁମ୍ନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଲୁମିନି ଆସୋସିଏସନର ସାଧାରଣ ସମ୍ପାଦକ ଗୌତମ କୁମାର ନାୟକ, ଉପସଭାପତି ସୁଶାନ୍ତ ଶେଖର ସ୍ୱାଇଁ, ସଂଯୋଜକ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ସମେତ ଶତାଧିକ ପ୍ରାକ୍ତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଖସଡ଼ା ପ୍ରସ୍ତୁତ କରିବା ସହ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବହୁ ସଂଖ୍ୟାରେ ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ । ତେବେ ଏହି ପ୍ରସ୍ତୁତି ବୈଠକ ଅବସରରେ ଆସନ୍ତା ଜାନୁଆରୀ ମାସ ୩୧ ତାରିଖରେ ମୁକ୍ତିଲାଭ ହେବାକୁ ଯାଉଥିବା ଓଡ଼ିଆ ଚଳଚିତ୍ର ଆଞ୍ଜେଲର ଶିଶୁ କଳାକାର ତଥା ପାରାଦୀପ ଅଞ୍ଚଳର ଝିଅ ସାଇତ୍ରିଷ୍ଟା ସାହାଣୀ ଏହାର ପ୍ରମୋସନ କରିଥିଲେ ।

# ତାଳଚେର ଶର୍ମା ଛକଠାରେ ନେତାଜୀ ଜୟନ୍ତୀ

ତାଳଚେର, (ପିପିଏସ୍): ସବୁ ବର୍ଷଭଳି ଏଥର ମଧ୍ୟ ନେତାଜୀ ସ୍ମୃତି ସଦନ ସଭାପତି ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ନେତାଜୀ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି, ମୁଖ୍ୟ ଅତିଥିଭାବେ ତାଳଚେର ପୌର ଅଧକ୍ଷ ପବିତ୍ର ଭୁଟିଆ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ନେତାଜୀ ଆମ ଓଡ଼ିଶାର କଟକ ଓଡ଼ିଆ ବଜାରଠାରେ ଜନ୍ମ ଗ୍ରହଣ କରିଥିଲେ ପିଲାଦିନରୁ ତାଙ୍କ ମନରେ ବ୍ରିଟିଶ ସାଧନ ପ୍ରତି ବିଦ୍ରୋହ ଜାଗ୍ରତ ହୋଇଥିଲା, ଯୁବା ଅବସ୍ଥାରେ ସେହି ବହ୍ନି ଉଦ୍‌ଗିରଣ ହୋଇ ଆଜାଦ ହିନ୍ଦ୍ ଫୌଜଭାବେ ବ୍ରିଟିଶ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲା । ଉଭୟ ପୁରୁଷ ଓ ମହିଳା ଏହି ରେଜିମେଣ୍ଟରେ ସୈନିକ ଭାବେ ଯୋଗଦେଇ ଦେଶ ମାତୃକାର ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ, ନେତାଜୀ ସୁବାଷ ବୋଷଙ୍କ ସ୍ମୃତିରେ ସାରା ଭାରତବାସୀ ତାଙ୍କ ଜନ୍ମ ଜୟନ୍ତୀ ପାଳନ କରୁଛନ୍ତି ତାଙ୍କ ଜନ୍ମ ଦିବସକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ପରାକ୍ରମ ଦିବସ ଭାବେ ୨୦୨୧ ଜାନୁଆରୀ ୧୯ ତାରିଖରେ ଘୋଷଣା କରିଥିଲେ ,ଏହି ସ୍ୱାଧୀନତା ବିପ୍ଳବୀଙ୍କ ଜୟନ୍ତୀ ତାଳଚେର ଠାରେ ପାଳନ କରିବା ଏକ ଗୌରବ ଓ ସୌଭାଗ୍ୟର ଅବସର ବୋଲି ପୌରାଧକ୍ଷ ଶ୍ରୀଯୁକ୍ତ ଭୁଟିଆ ପ୍ରକାଶ କରିଥିଲେ । ନେତାଜୀଙ୍କ ସଂଗ୍ରାମ ଓ ସଂଘର୍ଷ ଜୀବନକୁ ସମ୍ମାନ ଦେବାକୁ ଯାଇ ଆମ ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି ୨୦୧୮ ଡିସେମ୍ବର ୩୦ ତାରିଖରେ ବେ ଅଫ୍ ବେଙ୍ଗଲ ମଧ୍ୟରେ ଅବସ୍ଥିତ ରସ ଦ୍ୱୀପ କୁ ତାଙ୍କ ନାମରେ ଘୋଷଣା କରି ସମ୍ମାନ ଜଣାଇ ଥିଲେ । ଶ୍ରୀଯୁକ୍ତ ଭୁଟିଆ କହିଲେ ନେତାଜୀଙ୍କ ଜୀବନୀ ଓ ସଂଘର୍ଷ ବିଷୟରେ ଯିଏ ଯେତେ ପଢ଼ିବେ ତାଙ୍କ ମନରେ ସେତେ ରୋମାଞ୍ଚ ଓ ମାତୃଭୂମୀ ପାଇଁ ପ୍ରଗାଢ଼ ସ୍ନେହ ଶ୍ରଦ୍ଧା ଅଜାଡ଼ି ହୋଇ ପଡିବ ବୋଲି ପ୍ରକାଶ କରିଥିଲେ । ଆଜିର ଏହି ସଭାରେ ଶିକ୍ଷାବିତ୍ ବୃନ୍ଦାବନ ବେହେରା, ପ୍ରାକ୍ତନ ନଗର ପାଳ କେଶବ ଭୁଟିଆ, ଶ୍ରମିକ ନେତା ରମେଶ ବେହେରା, ସାମ୍ବାଦିକ ତଥା ରାଷ୍ଟ୍ରୀୟ ବାର୍ତ୍ତା ସମ୍ପାଦକ ଚିତ୍ତରଞ୍ଜନ ପାଣି, ଜିତେନ୍ଦ୍ର ମହାପାତ୍ର ବିଭିନ୍ନ ୱାର୍ଡ ମେମ୍ବର, ସାମଜ୍ ସେବୀ କ୍ଷୀରୋଦ ସାହୁ ପ୍ରଭୃତି ବହୁସଂଖ୍ୟାରେ ଲୋକମାନେ ସାମିଲ ଥିଲେ ।

# ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ପାରାଦୀପ ବନ୍ଦର ଯନ୍ତ୍ରୀ ଅମରେଶ ନରେଶଙ୍କୁ ନିମନ୍ତ୍ରଣ

ପାରାଦୀପ (ପିପିଏସ୍): ଚର୍ଚ୍ଚିତ ପରିବେଶବିତ ତଥା ଜଗତସିଂହପୁର ଜିଲ୍ଲାର ପ୍ରମୁଖ ପରିବେଶ ଧର୍ମି ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତଙ୍କୁ ବର୍ଷ ୨୦୨୫ ର ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ଅତିଥି ରୂପେ ଯୋଗଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ତରଫରୁ ନିମନ୍ତ୍ରଣ କରାଯାଇଛି । ଶ୍ରୀ ଅମରେଶ ଓ ତାଙ୍କ ଅନୁଷ୍ଠାନ ଦ୍ୱାରା ପ୍ରାୟ ତିନି ଦଶନ୍ଧିରୁ ଉର୍ଦ୍ଧ ହେବ ପରିବେଶ ସୁରକ୍ଷା ପାଇଁ ନୂତନ ଗ୍ରାମ୍ୟ ଓ ସହରୀ ଜଙ୍ଗଲ ସୃଷ୍ଟି କରିଚାଲୁଛନ୍ତି । ଏହା ସହିତ ଗତ ପନ୍ଦର ବର୍ଷ ହେବ ମହାନଦୀ ମୁହାଣ ଓ ତତ ସଂଲଗ୍ନ ଇଲାକାରେ ବ୍ୟାପାକ ହେନ୍ତାଳ ଓ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । ଗତ ଦାନା ବାତ୍ୟା ସମୟରେ ଏହି ସବୁ ହେନ୍ତାଳ ଜଙ୍ଗଲ ଉପକୂଳକୁ ସୁରକ୍ଷା ଦେବାରେ ପ୍ରମୁଖ ସଜାଗ ପ୍ରହରୀ ସଦୃଶ କାମ କରିଥିଲା, ଯାହାକି ବାତ୍ୟା ପରବର୍ତ୍ତୀ ସମୟରେ



ଅମରେଶ ଓ ତାଙ୍କ ସାଥିମାନଙ୍କ କାର୍ଯ୍ୟକୁ ସାର୍ବସାଧାଣରେ ଭୁୟସୀ ପ୍ରଶଂସା କରାଯାଇଥିଲା କ୍ଷ ଅନୁଷ୍ଠାନର ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ଓ ଏହାର ସଭ୍ୟମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ହେନ୍ତାଳ ବଣ ସୃଷ୍ଟି ନିମନ୍ତେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ୨୦୧୭ ମସିହାରେ କେନ୍ଦ୍ର ସରକାରଙ୍କ କ୍ରୀଡା, ଯୁବ କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦକୁ ଜଗତସିଂହପୁର ଜିଲ୍ଲା ଓ ଓଡିଶା ରାଜ୍ୟ ସ୍ତରରେ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ଭାବେ ପୁରସ୍କୃତ କରାଯାଇଥିଲା । ଅମରେଶ ବର୍ଷର ସବୁ ସମୟରେ ପାରାଦ୍ୱୀପର ବିଭିନ୍ନ ପାର୍କ, ରାସ୍ତା, ପୂଜା ପେଣ୍ଡାଲ ପରିସର,ସମୁଦ୍ର କୂଳର ସୁଦିର୍ଘ ବେଳାଭୂମି, ମେରାଇନ ଡ୍ରାଇଭ ରାସ୍ତାରୁ ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟ ମଇଳା ପଦାର୍ଥ ସଫା କରିଥାନ୍ତି । ଏହା ଆମର ସମାଜ ପ୍ରତି ବ୍ୟକ୍ତିଗତ ଦାୟିତ୍ୱ ବୋଲି ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଥାନ୍ତି । ଅନୁଷ୍ଠାନ ଦ୍ୱାରା ପାରାଦ୍ୱୀପଗଡ଼, ନରେନ୍ଦ୍ରପୁର , ଉତ୍ସବାନନ୍ଦପୁର, ଡିଆ ,କେନ୍ଦ୍ରାପଡା ଜିଲାର ଖୁରୁସିଆ ପ୍ରଭୃତି ସ୍ଥାନମାନକରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ଅବବାହିକାରେ ଦୀର୍ଘ ବର୍ଷ ଧରି ସୃଷ୍ଟି କରାଯାଇଥିବା ବ୍ୟାପକ ହେନ୍ତାଳ ବଣ ପାଇଁ ଅନୁଷ୍ଠାନ ସର୍ବସାଧାରଣରେ ବହୁବାର ପ୍ରଶଂସିତ ହୋଇଅଛି ।

# ଦାମୋଦରଜୀଉ ମଠ ସମ୍ପତ୍ତିରୁ ଗଛକଟା ନେଇ ଅଭିଯୋଗ

କେନ୍ଦ୍ରାପଡ଼ା, (ପିପିଏସ): ଡେରାବିଶ ତହସିଲ ଅଧିନ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦର ଜୀଉ ମଠ ଜାଗାରୁ ଗଛକଟାକୁ ନେଇ ଅଞ୍ଚଳବାସୀ ଡେରାବିଶ ତହସିଲରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଦର୍ଶାଯାଇଛି ଯେ ଦେବୋତ୍ତର ଜାଗାରୁ କିଛି ମଠ ଦାୟିତ୍ୱରେ ଥିବା ସ୍ୱର୍ଗତ ମହନ୍ତ ଗଣେଶ୍ୱର ଦାସଙ୍କ ପରିବାର ସଦସ୍ୟ କିଛି ନାମୀଦାମୀ ଗଛକୁ କାଟୁ ଥିଲେ । ଏହି ଖବର ପାଇ ଗ୍ରାମର ଲୋକେ ଗଛ ନ କାଟିବା ପାଇଁ କହିଥିଲେ ସୁଦ୍ଧା ସେ କିଛି ଚାକୁଣ୍ଡା,ଆମ୍ବ,କଦମ୍ବ ଓ ନିମ୍ବ ଗଛ କାଟି ଥିବାର ଅଭିଯୋଗ କରିଛନ୍ତି । ଏ ବାବଦରେ ଡେରାବିଶ ତହସିଲରେ ଅଭିଯୋଗ ହେଲା ପରେ ତହସିଲ ଅଧିକାରୀ ରାଜନଗର ଆରଆଇଙ୍କୁ ତଦନ୍ତ କରିବା ପାଇଁ ପଠାଇଥିଲେ । ଏ ବାବଦରେ ଆର୍.ଆଇ ସାରଦା ପ୍ରସାଦ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି କିଛି ମୂଲ୍ୟବାନ ଗଛ କଟାର ତଦନ୍ତ କରି ତହସିଲକୁ ରିପୋର୍ଟ ପ୍ରଦାନ କରାଯାଇଛି । ମଠ ଜାଗାରୁ ଗଛ କଟା ଯାଇଥିବାରୁ ସ୍ଥାନୀୟ ଫରେଷ୍ଟର ଅଧିକାରୀ ଏବଂ କେନ୍ଦ୍ରାପଡ଼ା 'ଏଣ୍ଡାମଠ'ର ଦାୟିତ୍ୱରେ ଥିବା ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଥିବା ସୂଚନା ମିଳିଛି । ଏହାର ତଦନ୍ତ କରାଯାଇ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଜୀବନ୍ତ ଗଛକୁ କାଟିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କେନ୍ଦ୍ରାପଡ଼ା ଜିଲ୍ଲପାଳଙ୍କୁ ଭେଟିବେ ବୋଲି ଗ୍ରାମର ତୃପ୍ତି ରଞ୍ଜନ କର, ଖଗେଶ୍ୱର ମଲ୍ଲିକ, ନାରାୟଣ ନାଥଶର୍ମା ଓ ଅଞ୍ଜନ କୁମାର ମଲ୍ଲିକ ଚେତାବନୀ ଦେଇଛନ୍ତି ।

# କେନ୍ଦୁଝର ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍‌ର ନୂତନ କର୍ମକର୍ତ୍ତା ନିର୍ବାଚନ




କେନ୍ଦୁଝର, (ପିପିଏସ୍): ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏନ୍ ଦ୍ୱାରା ଅନୁବନ୍ଧିତ କେନ୍ଦୁଝର ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଦିନ କେନ୍ଦୁଝର ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ?ର ସଭାପତି ପି. ସତ୍ୟନାରାୟଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ରାଜ୍ୟ ସଂପାଦକ ପ୍ରଶାନ୍ତ ମହାପାତ୍ର ଓ ରାଜ୍ୟ ସଂଗଠନ ସଂପାଦକ ଦୀପକ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଥମେ ନବ ନିର୍ବାଚିତ କେନ୍ଦୁଝର ଜିଲ୍ଲା ସଭାପତି ଅରୁଣ କୁମାର ରାମଙ୍କୁ ରାଜ୍ୟ ସଂଘ ସଭାପତି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମା' ତାରିଣୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦାପନା କରାଯାଇଥିଲା । ସୁର୍ ନିକେତନ ଅନୁଷ୍ଠାନ ପକ୍ଷରୁ ଆବାହନୀ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ସଭାପତି ଅରୁଣ କୁମାର ରାମ ଓ ସଂପାଦକ ଦୀପ୍ତିକାନ୍ତ ମହାପାତ୍ର ଅଭିଭାଷଣ ପ୍ରଦାନ କରିଥିବାବେଳେ ଉତ୍ତରାଞ୍ଚଳ ଶାଖା ରାଜ୍ୟ ସଂଘ ସଂପାଦକ ଅରୁଣ କୁମାର ଦାସ ଓ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦୁଝରଗଡ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ମଞ୍ଚାସୀନ ଥିଲେ । ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପରେ ବକ୍ତାମାନେ ଅଭିଭାଷଣ ପ୍ରସଙ୍ଗରେ ଔଷଧ ଦୋକାନୀ ମାନଙ୍କର ବିଭିନ୍ନ ଅସୁବିଧା ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବରିଷ୍ଠ ଔଷଧ ବ୍ୟବସାୟୀ ସୁବାଶ ଚନ୍ଦ୍ର ପଟ୍ଟନାୟକ ଓ ମମତାଜ ସରୱାର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଂଘର କୋଷାଧ୍ୟକ୍ଷ ଭାବରେ ମାରୁତି ପରିଡାଙ୍କୁ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଧିରଜ ଚାୱ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୀପ୍ତେନ୍ଦୁ ରଣା, ଉମାକାନ୍ତ ସ୍ୱାଇଁ, ଚଂଚଳ କୁମାର ଗାଙ୍ଗୁଲି,ରାଜେନ୍ଦ୍ର କୁମାର ପଣ୍ଡିତ, ରଘୁନାଥ ପାଢ଼ୀ, ମାରୁତି ପରିଡା, ପ୍ରଭାତ କୁମାର ମିଶ୍ର, ଅଭିଷେକ ଖଇତାନ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଅଶୋକ କୁମାର ଦାଶ, ସୁବାଶ କୁଅଁର, ବିଶ୍ୱଜିତ ନାୟକ, ସଂଜୀବ ମିଶ୍ର, ବିଜୟ ମାଝୀ ଓ ପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ । ସାମ୍ବାଦିକ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଉମାକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିକୁଦା ବ୍ଲକ୍ ଇଚ୍ଛାପୁର ସୋସାଇଟିରେ ଧାନ ସଂଗ୍ରହ ଉଦ୍‌ଘାଟିତ

ଜଗତସିଂହପୁର, (ପିପିଏସ): ଆଜି ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଇଚ୍ଛାପୁର ସେବା ସମବାୟ ସମିତି ପ୍ରାଙ୍ଗଣ ରେ ୨୦୨୪-୨୫ ଖରିଫ ବର୍ଷ ନିମନ୍ତେ ଇଚ୍ଛାପୁର ସୋସାଇଟି ପକ୍ଷରୁ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ଶୁଭ ଉଦଘାଟିତ ହୋଇଯାଇଛି । ଅତିଥି ଭାବେ ଲକ୍ଷ୍ମୀଧର ଶାସମଲ ଦିଲ୍ଲୀପ କୁମାର ରାଉତରାୟ, ଶ୍ରୀମନ ନାରାୟଣ ଦାସ, ଅଭୟ କୁମାର ମହାନ୍ତି, ଶର୍ମିଷ୍ଠା ସ୍ୱାଇଁ, ସୋସାଇଟିର ପରିଚାଳନା ସଭ୍ୟ ମହନି ରାଉତ, ଅରିଲୋ ସରପଞ୍ଚଙ୍କ ସହିତ ବହୁ ଚାଷି ମାନେ ଉପସ୍ଥିତ ଥିଲେ ।ସୋସାଇଟି ମାଧ୍ୟମରେ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ । ଚଳିତ ବର୍ଷ ଚାଷୀ ମାନଙ୍କ ଠାରୁ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ ସହଜରେ ଧାନ କିଣା ହେବ ।



ଚାଷୀମାନେ ଯେପରି ସଠିକ୍ ଭାବେ ଧାନ ବିକ୍ରି କରିବେ ସେଦିଗରେ ଗୁରୁତ୍ୱ ଦିଆଯିବ । ଏହି ଅବସର ରେ ଯୋଗଦେଇ ସୋସାଇଟିର ସେକ୍ରେଟାରୀ ଲକ୍ଷ୍ମୀଧର ଶାସମଲ,ପ୍ରମୁଖ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥା ସମ୍ପର୍କ ରେ ସୂଚନା ଦେଇଥିଲେ । ଧାନ ବିକ୍ରୟ କରିବାରେ କୌଣସି ଅସୁବିଧା ହେଉଥିଲେ ଟୋଲ ଫ୍ରି ନମ୍ବର ୧୯୬୭କୁ ଯୋଗାଯୋଗ କରିପାରିବେ ଚାଷୀଭାଇ ମାନେ ଶୃଙ୍ଖଳା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ୍ ସହାୟକ ମୂଲ୍ୟରେ ପାଆନ୍ତୁ । ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ ଏ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୨୦ ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ଏବଂ ଚାଷୀମାନେ ଧାନ ସଂଗ୍ରହ କେନ୍ଦ୍ରରେ ସକାଳ ୭ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ଧାନ ପହଞ୍ଚାଇବେ । ଯୋଗାଣ ବିଭାଗ କର୍ମକର୍ତ୍ତା, ଚାଷୀ, ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ

# ନେତାଜୀ ମଡେଲ ସ୍କୁଲର ବାର୍ଷିକୋତ୍ସବ

କେନ୍ଦ୍ରାପଡା, (ପିପିଏସ୍): ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନେତାଜୀ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଗୁରୁବାର ମୁନିସିପାଲଟି ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ନଳିନୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଡଃ ଅନିଲ ଧିର ଯୋଗଦେଇ ଓଡିଶା ତଥା ସାରା ପୃଥିବୀରେ ନେତାଜୀଙ୍କ ଆଦର୍ଶ ଓ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ତଥା ସ୍ତମ୍ଭକାର ନିରାକାର ଦାସ ଯୋଗଦେଇ ନେତାଜୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଓଡିଶା ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଏଏସ୍ ପାଇଥିବା ସ୍କୁଲର ପୁରାତନ ଛାତ୍ର ପିନାକୀ ପାର୍ଥସାରଥିଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ । ଏଥିରେ ଦଶମ ଶ୍ରେଣୀର ୧୫ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରଭାତରେ ଛାତ୍ରଛାତ୍ରୀ ତ୍ରିରଙ୍ଗା ଯାତ୍ରାରେ ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଶେଷରେ କେମ୍‌ର ସଭାପତି ଇଂ ଅକ୍ଷୟ ପାଣି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍କୁଲ ସମ୍ପାଦକ ଜାହିଦ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କିନ୍ନର ସଂଘ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

କୋଣାର୍କ(ପିପିଏସ): ପବିତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧ, ବୃଦ୍ଧା , ଦିବ୍ୟାଙ୍ଗ ଓ ଅସହାୟ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଶୀତର ପ୍ରକୋପରୁ ରକ୍ଷା କରିବା ନିମନ୍ତେ କୋଣାର୍କ ଏନଏସି ଅଧିନସ୍ଥ ୧୩ ଗୋଟି ୱାର୍ଡ ସମେତ କୁରୁଜଙ୍ଗ ପଞ୍ଚାୟତର ପ୍ରାୟ ୨୦୦ରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ଅସହାୟମାନଙ୍କୁ କୋଣାର୍କ କିନ୍ନର ସଂଘର ସଭାପତି ଦୀପସା କିନ୍ନରଙ୍କ ତତ୍ତ୍ୱାବଧନରେ ଗୁରୁବାର ଅପରାହ୍ନରେ ରାଜାରାମ ମଠ ପ୍ରାଙ୍ଗଣରେ କମଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । କୋଣାର୍କ କିନ୍ନର ସଂଘର ଏଭଳି ଜନ କଲ୍ୟାଣକାରୀ ପଦକ୍ଷେପ ପାଇଁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
**Email Address: semechcircle104@gmail.com**
**e-Procurement Notice- Bid Identification No.- ACEM/MDB-34/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/MSME for Irrigation Shutters/Hydro mechanical gates.
4. Bid Identification No. : ACEM/MDB-34/2024-25
5. Estimated Cost : Rs. 15,42,468/-
6. Period of Completion : 01 (One) calendar months.
7. Date & time of availability of bid documents in the Portal : From dt. 27.01.2025 (10.00 AM) to dt. 06.02.2025(5.30 PM)
8. Last date/time for receipt of bid In the Portal : dt. 06.02.2025 (up to 5.30 PM)
9. Date and Place of opening of Bid : dt.07.02.2025(12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/-
**Addl. Chief Engineer,**
**Mechanical Circle**
**Bhubaneswar**

**A-942 OIPR-32405/11/0039/2425**

# ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇୟର ଯଶସ୍ୱୀ ଜୈସ୍ୱାଲ




ନୂଆଦିଲ୍ଲୀ: ୨୦୨୪ ମସିହା ଟେଷ୍ଟ କ୍ରିକେଟ୍ ଦୃଷ୍ଟିରୁ ଅନେକ ଉପଲବ୍ଧିର ବର୍ଷ ଥିଲା । ଟେଷ୍ଟ କ୍ରିକେଟ୍ ପାଇଁ ଦର୍ଶକଙ୍କ ଭଲ ପାଇବା ମଧ ବଢିଥିଲା । କିଛି ଖେଳାଳି ନିଜ ପ୍ରଦର୍ଶନରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ନିଜ ନିଜ ଟିମର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଏହାରି ଭିତରେ ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅର ଘୋଷଣା କରିଛି । ଆଇସିସି ଶୁକ୍ରବାର ଆଇସିସି ଘୋଷଣା ରକରିଥିବା ଟିମରେ ତିନି ଜଣ ଭାରତୀୟ ଖେଳାଳିଙ୍କୁ ସ୍ଥାନ ମିଳିଛି । ଅନ୍ୟପଟେ ଅଷ୍ଟ୍ରେଲିଆର କେବଳ ଜଣେ ଖେଳାଳିଙ୍କୁ ଟିମରେ ସ୍ଥାନ ମିଳିଛି । ଅଷ୍ଟ୍ରେଲିଆର ଅଧିନାୟକ ପ୍ୟାଟ କମିନ୍ସଙ୍କୁ ଟିମର କ୍ୟାପଟେ୍ନ କରାଯାଇଛି । ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅରରେ ଟିମ୍ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲଙ୍କୁ ଓପନିଂରେ ସ୍ଥାନ ମିଳିଛି । ଦ୍ୱିତୀୟ ଓପନର ଭାବେ ଇଂଲଣ୍ଡର ବେନ୍ ଡକେଟ୍‌ଙ୍କୁ ସ୍ଥାନ ମିଳିଛି । ଜୈସ୍ୱାଲ ପାଇଁ ୨୦୨୪ ମସିହାର ଭାରତର ଅନ୍ୟ ବ୍ୟାଟରଙ୍କ ତୁଳନାରେ ଭଲ ବିତିଛି । ଗତ ବର୍ଷ ସେ ୨୯ଟି ଟେଷ୍ଟ ଇନିଂସରେ ୫୪.୭୪ ହାରରେ ୧୪୭୮ ରନ୍ କରିଥିଲେ । ଏଥିରେ ତାଙ୍କ ବ୍ୟାଟରୁ ୨ଟି ଶତକ ଏବଂ ୯ ଅର୍ଦ୍ଧଶତକ ସାମିଲ ଥିଲା । ଜୋ ରୁଟଙ୍କ ପରେ ସବୁଠୁ ଅଧିକ ରନ୍ କରିବା ସୂଚୀରେ ସେ ଦ୍ୱିତୀୟ ସ୍ଥାନରେ ଥିଲେ । ଟିମ୍ ଇଣ୍ଡିଆ ଷ୍ଟାର୍ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଆଇସିସିର ଏହି ଟିମରେ ସ୍ଥାନ ପାଇଛନ୍ତି । ଜାଡେଜା ଗତ ବର୍ଷ ୧୮ ଇନିଂସରେ ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକ ସମେତ ମୋଟ ୫୨୭ ରନ୍ କରିଥିଲେ । ଏହାସହ ୨୧ ଇନିଂସରେ ୪୮ ୱିକେଟ୍ ବି ହାସଲ କରିଥିଲେ । ସେହିପରି ୨୦୨୪ ଟିମ୍ ଇଣ୍ଡିଆ ପାଇଁ ସବୁଠୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯଶପ୍ରୀତ ବୁମରା ମଧ ଟିମର ସଦସ୍ୟ ଅଛନ୍ତି । ବୁମରା ୨୦୨୪ରେ ୨୬ ଇନିଂସରେ ସବୁଠୁ ଅଧିକ ୭୧ ୱିକେଟ୍ ହାସଲ କରିଥିଲେ । ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ ଇଅରରେ ଇଂଲଣ୍ଡର ୪, ଭାରତର ୩, ନ୍ୟୁଜିଲାଣ୍ଡର ୨ ଖେଳାଳି ଅଛନ୍ତି । ଅନ୍ୟପଟେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କାରୁ ଜଣେ ଜଣେ ଖେଳାଳିଙ୍କୁ ସ୍ଥାନ ମିଳିଛି । ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ ଇଅର: ପ୍ୟାଟ୍ କମିନ୍ସ (ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ବେନ୍ ଡକେଟ୍, କେନ୍ ୱିଲିୟମ୍ସନ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, କାମିଣ୍ଡୁ ମେଣ୍ଡିସ୍, ଜାମି ସ୍ମିଥ୍ (ୱିକେଟ୍ କିପର), ରବିନ୍ଦ୍ର ଜାଡେଜା, ମ୍ୟାଟ୍ ହ୍ୟାନେରୀ ଏବଂ ଜଶପ୍ରୀତ ବୁମରା

# ରଣଜୀ ଟ୍ରଫି ମ୍ୟାଚ୍‌ରେ ସାର୍ଦ୍ଦୁଲଙ୍କ ସେଞ୍ଚୁରୀ




ମୁମ୍ବାଇ: ରଣଜୀ ଟ୍ରଫି ଅଲିଟ୍ ଗ୍ରୁ ମ୍ୟାଚରେ ସାର୍ଦ୍ଦୁଲ ଠାକୁରଙ୍କ ସେଞ୍ଚୁରୀ । ଟିମ୍ ଇଣ୍ଡିଆର ମହାରଥୀମାନେ ଫେଲ୍ ମାରିଥିବା ବେଳେ ଲଡ୍ ଠାକୁର ଚମତ୍କାର ବ୍ୟାଟିଂ କରିଛନ୍ତି । ସେ ଜାମ୍ମୁ-କାଶ୍ମୀର ବିରୋଧରେ ପ୍ରଥମ ଇନିଂସରେ ଅର୍ଦ୍ଧଶତକ ଏବଂ ଦ୍ୱିତୀୟ ପାଳିରେ ଶତକୀୟ ଇନିଂସ ଖେଳିଛନ୍ତି । ସର୍ଦ୍ଦୁଲ ଠାକୁର ବିସ୍ଫୋରକ ବ୍ୟାଟିଂ କରିଥିଲେ । ପ୍ରଥମ ପାଳିରେ ସେ ୫୭ ବଲରୁ ୫୧ ରନ ଏବଂ ଦ୍ୱିତୀୟ ପାଳିରେ ୧୧୯ ବଲରେ ୧୧୩ ରନ୍ କରି ନଟଆଉଟ୍ ରହିଛନ୍ତି । ଏଥିରେ ୧୭ଟି ଚୌକା ରହିଛି । ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ମୁମ୍ବାଇ ଟିମ୍ ସର୍ଦ୍ଦୁଲଙ୍କ ଶତକ ବଳରେ ୨୪୭ ରନ୍ ସଂଗ୍ରହ କରି ଜାମ୍ମୁ-କାଶ୍ମୀରକୁ ୧୮୮ ରନ ଲିଡ୍ ଦେଇଛି । ମୁମ୍ବାଇ ଏବଂ ଜାମ୍ମୁ-କାଶ୍ମୀର ମଧ୍ୟରେ ରଣଜୀ ମୁକାବିଲା ଜାରି ରହିଛି । ପ୍ରଥମ ଇନିଂସ ଭଳି ଦ୍ୱିତୀୟ ପାଳିରେ ମଧ ରୋହିତ୍, ଜୈସ୍ୱାଲ, ଶ୍ରେୟସ ଏବଂ ଅଧିନାୟକ ଆଜଙ୍କେ ରାହାଣେ ଫେଲ୍ ମାରିଥିଲେ । ମୁମ୍ବାଇ ଟିମ୍ ପ୍ରଥମ ଇନିଂସରେ ୧୨୦ ରନ୍ କରି ଅଲଆଉଟ୍ ହୋଇଥିଲା । ସେହିପରି ଦ୍ୱିତୀୟ ପାଳି ମଧ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଦଳ । ମୁମ୍ବାଇ ଟିମ୍ ୯୧ ରନରେ ଷଷ୍ଠ ୱିକେଟ୍ ଏବଂ ୧୦୧ ରନରେ ସପ୍ତମ ୱିକେଟ୍ ହରାଇଥିଲା । ମାତ୍ର ଅଷ୍ଟମ ୱିକେଟ୍ ଯୋଡ଼ି ସର୍ଦ୍ଦୁଲ ଠାକୁର ଏବଂ ତନୁଷ କୋଟିଆନ୍ ପାଳିକୁ ସମ୍ଭାଳି ନେଇଥିଲେ । ସର୍ଦ୍ଦୁଲ ଠାକୁର ୧୧୯ ବଲରେ ୧୧୩ ରନ୍ ? କରି ନଟଆଉଟ୍ ରହିଛନ୍ତି । ଲଡ୍ ଠାକୁର ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଛନ୍ତି ଏବଂ ଚଳିତ ବର୍ଷ ଆଇପିଏଲରେ ଅନସୋଲ୍ଡ ରହିଛନ୍ତି । ହେଲେ ରଣଜୀ ମୁକାବିଲରେ ଜବରଦସ୍ତ ବ୍ୟାଟିଂ ଏବଂ ବୋଲିଂ ଜାରି ରଖିଛନ୍ତି ।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ

ଚେନ୍ନାଇ: ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ପିଚ୍‌ରେ ଟିମ୍ ଇଣ୍ଡିଆଠୁ ମ୍ୟାଚ୍ ଛଡ଼ାଇ ନେବାକୁ ବ୍ଲୁ ପ୍ରିଣ୍ଟ କରିଛି ଜସ୍ ବଟଲରଙ୍କ ଇଙ୍ଗଲିଶ୍ ଟିମ୍ । ସେଥିଲାଗି ପ୍ଲେଇଙ୍ଗ ଇଲେଭେନକୁ ଫୋକସ୍ କରିଛି ଭ୍ରମଣକାରୀ ଦଳ । ଦ୍ୱିତୀୟ ଟି-୨୦ ପାଇଁ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଛନ୍ତି ଦ୍ରୁତ ବୋଲର ବ୍ରେୟଣ୍ଡନ୍ କ୍ରେସ୍ । ଦ୍ୱାଦଶ ଖେଳାଳି ଭାବେ ଟିମ୍‌ରେ ଅଛନ୍ତି ଜେମି ସ୍ମିଥ୍ । ଶୁକ୍ରବାର ଇଂଲଣ୍ଡ ଟିମ୍ ପକ୍ଷରୁ ଘୋଷିତ ହୋଇଛି ଦ୍ୱିତୀୟ ଟି-୨୦ର ଚୂଡ଼ାନ୍ତ ଟିମ୍ । ଜାନୁଆରୀ ୨୫ରେ ମୁକାବିଲା । ଦିନକ ପୂର୍ବରୁ ଟିମ୍ ବଟଲର୍ ଭେନ୍ୟୁରେ ପ୍ରାକ୍ଟିସ୍ ଆରମ୍ଭ କରିଛି । କୋଲକାତାର ଇଡନ୍ ଗାର୍ଡେନ୍ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଇଂଲଣ୍ଡ ଟିମ୍‌କୁ ଅତି ସହଜରେ ମାତ୍ ଦେଇଥିଲା ଭାରତୀୟ ଟିମ୍ । ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିବା ଗସ୍ ଏଟକିସନଙ୍କୁ ଦ୍ୱିତୀୟ ଟି-୨୦ରୁ ଡ୍ରପ୍ କରାଯାଇଛି । ଏଟକିସନଙ୍କ ସ୍ଥାନରେ ବ୍ରେୟଣ୍ଡନ କ୍ରେସଙ୍କୁ ପ୍ଲେଇଙ୍ଗ ଇଲେଭେନ୍‌ର ସାମିଲ କରାଯାଇଛି । ୨୯ ବର୍ଷୀୟ ଗ୍ରେସ୍ ଇଂଲଣ୍ଡ ପାଇଁ ବର୍ତ୍ତମାନ ସୁଦ୍ଧା ୫ଟି ଟେଷ୍ଟ, ୧୯ଟି ଦିନିକିଆ ଏବଂ ୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ଅନ୍ତରାଷ୍ଟ୍ରୀୟ ଟେଷ୍ଟରେ ୨୭, ଦିନିକିଆରେ ୨୩ ଏବଂ ଟି-୨୦ରେ ୬ ୱିକେଟ୍ ନେଇଛନ୍ତି । ସିରିଜର ପ୍ରଥମ ଟି-୨୦ରେ ଇଂଲଣ୍ଡ ଟିମ୍ କେବଳ ୧୩୨ ରନ୍ କରିବାରେ ସକ୍ଷମ ହୋଇଥିଲା । ବ୍ୟାଟର ବିଫଳ ହେବା ପରେ ବୋଲିଂ ଡିପାର୍ଟମେଣ୍ଟ ବି ପ୍ରଭାବ ପକାଇ ପାରିନଥିଲା । ଭାରତୀୟ ଓପନର ଅଭିଷେକ ଶର୍ମାଙ୍କ ଧୁଆଁଧାର ଅର୍ଦ୍ଧଶତକ ବଳରେ ଟିମ୍ କେବଳ ୧୨.୫ ଓଭରରେ ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା । ଦ୍ୱିତୀୟ ଟି-୨୦ ପାଇଁ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ: ବେନ୍ ଡକେଟ୍, ଫିଲ ସଲ୍ଟ (ୱିକେଟ୍ କିପର), ଜସ୍ ବଟଲର୍ (ଅଧିନାୟକ), ହ୍ୟାରି ବ୍ରୁକ୍, ଲିୟାମ ୱିଲିଙ୍ଗଷ୍ଟନ, ଜ୍ୟାକବ ବେଥେଲ୍, ଜେମି ଓଵରଟନ୍, ବ୍ରେୟଡନ୍ କ୍ରେସ୍, ଜୋଫ୍ରା ଆର୍ଚର, ଆଦିଲ ରସିଦ, ମାର୍କ ଉଡ୍

# ଶ୍ୱେତପର୍ଣ୍ଣା ଓ କ୍ରିଷ୍ଣାପ୍ରସାଦ ଡୋପ୍ ଟେଷ୍ଟରେ ବିଫଳ !



ନୂଆଦିଲ୍ଲୀ,: ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା ଏବଂ କ୍ରିଷ୍ଣା ପ୍ରସାଦ ଗରଗ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି । ଉଭୟଙ୍କୁ ଜାତୀୟ ଡୋପ ନିରୋଧୀ ସଂସ୍ଥା (ନାଡା) ସସପେଣ୍ଡ୍ କରିଛି । 'ଦ ବ୍ରିଜ୍'ରେ ଏହି ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଓଡ଼ିଶା ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଶ୍ୱେତପର୍ଣ୍ଣାଙ୍କ ଠାରୁ ନାଡା ନମୂନା ସଂଗ୍ରହ କରିଥିଲା । ଏଥିରେ ନିଷିଦ୍ଧ ଟର୍ବୁଟାଲାଇନ୍ ଥିବା ପ୍ରମାଣିତ ହୋଇଛି । କ୍ରିଷ୍ଣା ଗତ ବର୍ଷ ଜୁଲାଇ ମାସରେ ଡୋପ୍‌ରେ ବିଫଳ ହୋଇଥିଲେ । ଏହାପରେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା । ଦ୍ୱିତୀୟ ରିପୋର୍ଟ ଆସିବା ପରେ ସେ ୪ବର୍ଷ ବାସନ୍ଦ ହୋଇଛନ୍ତି ।

# ଲଗାତାର ଦ୍ୱିତୀୟ ଥର ରୋହିତ ଫେଲ୍



ନୂଆଦିଲ୍ଲୀ,: ପୂର୍ବଭଳି ଖେଳିପାରୁନାହାନ୍ତି ଅଧିନାୟକ ରୋହିତ ଶର୍ମା। ଅନ୍ତର୍ଜାତୀୟ କ୍ରିକେଟରେ ଫେଲ୍ ହେବା ପରେ ଏବେ ସେ ଘରୋଇ କ୍ରିକେଟ ଖେଳୁଛନ୍ତି। ହେଲେ ରଣଜୀ ଟ୍ରଫିର ଦୁଇଟିଯାକ ମ୍ୟାଚ୍‌ରେ ସେ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି। ଜମ୍ମୁ-କଶ୍ମୀର ବିପକ୍ଷ ପ୍ରଥମ ଇନିଂସରେ ଉମର ନଜିରଙ୍କ ବିପକ୍ଷରେ ସେ ସଂଘର୍ଷ କରୁଥିବା ନଜର ଆସିଥିଲା। ସେ ମାତ୍ର ୩ ରନ୍ କରି ଉଇକେଟ ହରାଇଥିଲେ। ସେହିଭଳି ଦ୍ୱିତୀୟ ଇନିଂସରେ ରାଜସ୍ଥାନ ରୟାଲ୍ସର ଏକ ବୋଲର ତାଙ୍କୁ ଆଉଟ୍ କରିଛନ୍ତି। ବୋଲରଜଣଙ୍କ ହେଲେ ଯୁଦ୍ଧବୀର ସିଂ, ଯାହାଙ୍କ କୋଚ୍ ହେଉଛନ୍ତି ରାହୁଲ ଦ୍ରାବିଡ଼। ରାଜସ୍ଥାନ ଟିମ୍‌ଆଇପିଏଲ୍ ଲାଗି ତାଙ୍କୁ ୩୫ ଲକ୍ଷ ଟଙ୍କାରେ କିଣିଛି। ଅପରପକ୍ଷେ ରୋହିତ ଦ୍ୱିତୀୟ ଥର ଲାଗି ରଣଜୀ ଟ୍ରଫିରେ ଫେଲ୍ ହୋଇଛନ୍ତି। ଜମ୍ମୁ କଶ୍ମରର ବିପକ୍ଷ ଦ୍ୱିତୀୟ ଇନିଂସରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କ ଉଇକେଟ ଯୁଦ୍ଧବୀର ନେଇଥିଲେ। ରୋହିତଙ୍କ ବ୍ୟତିତ ଅନ୍ୟତମ ଓପନିଂ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୈସୱାଲ ରଣଜୀର ଉଭୟ ଇନିଂସରେ ଭଲ ପ୍ରଦର୍ଶନ କରିନାହାନ୍ତି। ପ୍ରଥମରେ ସେ ୪ ରନ୍ କରିଥିବା ବେଳେ ଦ୍ୱିତୀୟରେ ୨୬ ରନ୍ କରିଥିଲେ। ଯୁଦ୍ଧବୀର ୬ ଓଭରରେ ୨୧ ରନ୍ ଦେଇ ୨ ଉଇକେଟ ନେଇଥିଲେ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

**ପ୍ରଜାତନ୍ତ୍ର ସାପ୍ତାହିକୀ**

୨୬ ଜାନୁଆରୀ-୦୧ ଫେବୃଆରୀ ୨୦୨୫




**ଗୁଳି ରହସ୍ୟ**

୨୦୨୩ ଜାନୁଆରୀ ୨୯ ତାରିଖ। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ତତ୍କାଳୀନ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଜଣେ ପୁଲିସ୍ ଅଧିକାରୀ ନିଜ ସର୍ଭିସ ରିଭଲଭରରୁ ଗୁଳିକରି ହତ୍ୟାକଲେ। ପଲ୍ଲୀଠାରୁ ଦିଲ୍ଲୀ ଯାଏ ଏହି ଘଟଣାକୁ ନେଇ ଅନେକ ତମ୍ବିତୋଫାନ ହେଲା। ରାଜ୍ୟ ସରକାର ତଦନ୍ତ ଦାୟିତ୍ୱ ସ୍ଥାନୀୟ ପୁଲିସ ହାତରୁ ନେଇ କ୍ରାଇମ୍‌ବ୍ରାଞ୍ଚକୁ ଦେଲେ।

**ଜାତୀୟ:** ଇତିହାସ ରଚିଲା ଭାରତ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଜାଗ୍ରତ ପ୍ରହରୀ ଭାରତୀୟ ସେନା.

**ନାରୀ:** ଛତୁ ପରଟା

**କ୍ଷୁଦ୍ରଗଳ୍ପ:** ତା'ପରେ ସୂର୍ଯ୍ୟୋଦୟ

**ଚଳଚ୍ଚିତ୍ର:** ୨୪ବର୍ଷ ପରେ ଅକ୍ଷୟଙ୍କ ସହ ନଜର ଆସିବେ ତବ,କମେଡିରେ କିଆରା,କମ୍‌ବ୍ୟାକ୍ କରିବେ ହିନା,ଗେମ୍ ବଦଳାଇଲା 'ଗେମ୍ ଚେଞ୍ଜର',ଆଶିକୀ-୩ରୁ ତୃପ୍ତୀ ଆଉଟ୍,ସଫଳତା ଗର୍ବୀ କରାଇ ଦେଇଥିଲା: ମନୀଷ

**ଖେଳ:** ପେସାଦାର ବକ୍ସିଂରେ ନିଶାନ୍ତ,ଦୁବାଇ ୨୪ଏଚ୍ ରେସ୍‌ରେ ଜିତିଲେ ଅଭିନେତା ଅଜିତ୍ କୁମାର,ମାନ୍ଧାନାଙ୍କ ରେକର୍ଡ ଭାଙ୍ଗିଲେ ଇରା,ପଞ୍ଜାବ କିଙ୍ଗସ୍ କ୍ୟାପ୍ଟେନଙ୍କ ନାଁ ଘୋଷଣା କଲେ ଭାଇଜାନ,ଦେବଜିତ୍ ସାଇକିଆ ବିସିସିଆଇର ନୂଆ ସମ୍ପାଦକ,କ୍ରିକେଟ୍ ମଇଦାନକୁ କମ୍‌ବ୍ୟାକ୍ କରିବେ ଆଣ୍ଡରସନ୍,ମାର୍ଚ୍ଚ ୨୩ରୁ ଆଇପିଏଲ୍ ମହାସମର

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ୨୦ ବର୍ଷର ବୈବାହିକ ଜୀବନରେ ସେହ୍ୱାଗଙ୍କ ପଡ଼ିବ ପୂର୍ଣ୍ଣଚ୍ଛେଦ !

ନୂଆଦିଲ୍ଲୀ : ଚର୍ଚ୍ଚାରେ ପୂର୍ବତନ କ୍ରିକେଟର ବିରେନ୍ଦ୍ର ସେହୱାଗ । ସୋସିଆଲ ମିଡିଆରେ ଚର୍ଚ୍ଚା, ବୈବାହିକ ଜୀବନରେ ପଡିପାରେ ପୂର୍ଣ୍ଣଚ୍ଛେଦ । ଏମିତି ଅନେକ ଖବର ଏବେ ଚର୍ଚ୍ଚା ହେଉଛି । ଖାସ୍ କରି ତାଙ୍କ ବୈବାହିକ ଜୀବନକୁ ନେଇ । କୁହାଯାଉଛି, କେ ଏବେ ଅଲଗା ହେବାକୁ ଯାଉଛନ୍ତି ପୂର୍ବତନ କ୍ରିକେଟର ବୀରେନ୍ଦ୍ର ସେହୱାଗ ଓ ତାଙ୍କ ପତ୍ନୀ ଆରତୀ । ସୂଚନା ଥାଉକି, କ୍ରିକେଟର ଷ୍ଟାର ଏବେ ଲାଇମ ଲାଇଟ୍ ?ରେ ଖାସ୍ କରି ତାଙ୍କ ପର୍ସନାଲ ଲାଇଫ୍‌କୁ ନେଇ । ପ୍ରଥମେ ୟୁଜବେନ୍ଦ୍ର ଚହଲ, ଧନଶ୍ରୀଙ୍କ ପରେ ମନୀଷ ପାଣ୍ଡେ ଓ ତାଙ୍କ ପତ୍ନୀ । ଏବେ ପରେ ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଷ୍ଟାର ଖେଳାଳି ବିରେନ୍ଦ୍ର ସେହୱାଗଙ୍କ ସହ ଜଡ଼ିତ ଏକ ବଡ଼ ଆଶ୍ଚର୍ଯ୍ୟକର ଖବର ସାମନାକୁ ଆସିଛି । ରିପୋର୍ଟ ଅନୁସାରେ , ବିରେନ୍ଦ୍ର ସେହୱାଗ ନିଜର ପତ୍ନୀ ଆରତୀ ଅହଲାୱତଙ୍କ ଠାରୁ ବିବାହର ୨୦ ବର୍ଷ ପରେ ଅଲଗା ହେବାକୁ ଯାଉଛନ୍ତି । ଦୁଇ ସପ୍ତାହ ପୂର୍ବେ ବିରେନ୍ଦ୍ର ସେହୱାଗ ପଲକ୍କଡରେ ବିଶ୍ୱ ନାଗୟକ୍ଷୀ ମନ୍ଦିର ଯାଇଥିଲେ। ଏହାର ଫଟୋ ତାଙ୍କର ସୋସିଆଲ ମିଡ଼ିଆରେ ସେୟାର କରିଥିଲେ। ହେଲେ , ସେଥିରେ ବି ଆରତୀ କେଉଁଠି ନଜର ଆସି ନଥିଲେ । ଯାହାକୁ ନେଇ ଉଭୟଙ୍କ ମଧ କିଛି ଠିକ ନଥିବା ଚର୍ଚ୍ଚା ହେଉଛି । ସେହୱାଗ ଏବଂ ଆରତୀ ୨୦୦୪ ମସିହାରେ ବିବାହ କରିଥିଲେ । ଏବେ ଏପରି ଚର୍ଚ୍ଚା ହେଉଛି ଯେ ସେମାନେ ଇନଷ୍ଟାଗ୍ରାମରେ ପରସ୍ପରକୁ ଅନଫଲୋ କରିଦେଇଛନ୍ତି। ଯାହା ଜଣାପଡିଛି ଯେ ସେହୱାଗ ଏବଂ ଆରତୀ କିଛି ମାସ ଧରି ଅଲଗା ରହୁଛନ୍ତି । ଖୁବ୍ ଶୀଘ୍ର ପରସ୍ପରକୁ ଛାଡପତ୍ର ଦେଇପାରନ୍ତି। କହିବାକୁ ଗଲେ ବୀରେନ୍ଦ୍ର




ସେହୱାଗ ବହୁ ବର୍ଷ ପୂର୍ବରୁ କ୍ରିକେଟକୁ ଅଲବିଦା କହିସାରିଛନ୍ତି। ବିବାହ କରିବାର ତିନି ବର୍ଷ ପରେ, ସେମାନଙ୍କର ଏକ ପୁତ୍ର ସନ୍ତାନ ଆର୍ଯ୍ୟବୀର ହୋଇଥିଲା। ୨୦୧୦ ମସିହାରେ ଜନ୍ମିତ ସାନ ପୁଅର ନାମ ବେଦାନ୍ତ । ବୀରେନ୍ଦ୍ର ସେହୱାଗ ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ ବଢୁଥିବା ମତଭେଦ ବିଷୟରେ ଗୁଜବ ପ୍ରଥମେ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ସେହୱାଗ ଗତ ବର୍ଷ ଦୀପାବଳିରେ ତାଙ୍କ ମାଆ ଏବଂ ପୁଅମାନଙ୍କ ସହିତ ଏକ ଫଟୋ ସେୟାର କରିଥିଲେ । କିନ୍ତୁ ସେଥିରେ ତାଙ୍କ ପତ୍ନୀଙ୍କ ଫଟୋ କିମ୍ବା ନାମର କୌଣସି ଉଲ୍ଲେଖ ନଥିଲା।

# ଭାରତର ନମ୍ବର ୱାନ୍ ଚେସ୍ ପ୍ଲେୟାର ଡି. ଗୁକେଶ



ନୂଆଦିଲ୍ଲୀ: ଗୁରୁବାର ନେଦରଲାଣ୍ଡସ୍‌ରେ ଆୟୋଜିତ ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଜର୍ମାନୀର ଭିନସେଣ୍ଟ କାଇମରଙ୍କୁ ପରାସ୍ତ କରି ବଡ଼ ରେକର୍ଡ କରିଛନ୍ତି ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ । ଭିନସେଣ୍ଟଙ୍କୁ ହରାଇବା ପରେ ଗୁକେଶ 'ହାଏଷ୍ଟ-ରାଙ୍କଡ୍' ଭାରତୀୟ ଚେସ୍ ଖେଳାଳି ହୋଇପାରିଛନ୍ତି । ୩.୫ ଅଙ୍କ ହାସଲ କରିବା ସହ ଭାରତର ଅର୍ଜୁନ ଏରିଗାଇସିଙ୍କୁ ପଛରେ ପକାଇଛନ୍ତି ଗୁକେଶ । ସେହିଭଳି ଆର ପ୍ରଜ୍ଞାନନ୍ଦ ପୂର୍ବତନ ବିଶ୍ୱ ଚାମ୍ପିଅନ ବିଶ୍ୱନାଥନ ଆନନ୍ଦଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ ଗୁକେଶ ଲାଇଭ୍ ରେଟିଂସ ଅନୁସାରେ ବିଶ୍ୱ ରାଙ୍କିଂରେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି । ଗୁକେଶ ସାତୋଟି ଇଏଲଓ ପଏଣ୍ଟ ହାସଲ କରିବା ପରେ ତାଙ୍କର ଲାଇଭ୍ ରେଟିଂ ପଏଣ୍ଟ ୨୭୮୪ ହୋଇଥିଲା । ଅନ୍ୟପଟେ ଭାରତର ଏକ ନମ୍ବର ଚେସ୍ ଖେଳାଳି ଥିବା ଏରିଗାଇସି ୨୧.୫ ପଏଣ୍ଟ ହରାଇବା ପରେ ତାଙ୍କର ଲାଇଭ୍ ରେଟିଂ ୨୭୭୯ ପଏଣ୍ଟ ହୋଇଛି । ଏହା ପୂର୍ବରୁ ଏରିଗାଇସି ୨୮୦୦ କ୍ଲବରେ ସାମିଲ ଥିବା ଏକମାତ୍ର ଭାରତୀୟ ଖେଳାଳି ଥିଲେ । ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଖରାପ ଫର୍ମ ଯୋଗୁ ଏରିଗାଇସି ବର୍ତ୍ତମାନ ସୁଦ୍ଧା ୱିଜ୍ ଆନ୍ ଜୀରେ ତିନୋଟି ଗେମ୍ ହାରିଛନ୍ତି ଏବଂ ଦୁଇଟି ଡ୍ର' କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ସେ ଲିଓନ୍ ଲୁକ୍ ମେଣ୍ଡୋଙ୍କାଙ୍କ ସହ ମିଳିତ ଭାବେ ଶେଷ ସ୍ଥାନରେ ରହିଛନ୍ତି । ଅନ୍ୟପଟେ, ଗୁକେଶ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହି ଦୁଇଟି ବିଜୟ ଏବଂ ତିନୋଟି ଡ୍ର' ଖେଳିଛନ୍ତି । ଭ୍ଲାଡିମିର୍ ଫେଡୋସିଭ୍ ଏବଂ ଆଲେକ୍ସୀ ସାରାନାଙ୍କ ବିପକ୍ଷରେ ଡ୍ର' କରିଥିଲେ । ଅନିଷ ଗିରି ଏବଂ ଭିନସେଣ୍ଟ କାଇମରଙ୍କ ବିପକ୍ଷରେ ମ୍ୟାଚ୍ ଜିତିଥିଲେ । ସେପଟେ ଯଦି ଲାଇଭ୍ ରେଟିଂ ବଦଳେ ତେବେ ଏରିଗାଇସି ପୁନର୍ବାର ଗୁକେଶଙ୍କ ସ୍ଥାନ ନେଇପାରନ୍ତି । ଟୁର୍ଣ୍ଣାମେଣ୍ଟରେ ଆହୁରି ୮ଟି ସ୍ୱିସ୍ ରାଉଣ୍ଡ ଏବଂ ପ୍ଲେ ଅଫ୍ ଖେଳାଯିବ ।ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ନକରିବା ସତ୍ତ୍ୱେ ମାଗନସ୍ କାର୍ଲସେନ୍ ୨୮୩୨.୫ ଲାଇଭ୍ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଅଛନ୍ତି । ଦ୍ୱିତୀୟ ଆମେରିକୀୟ ଜିଏମ୍ ହିକାରୁ ନାକାମୁରା (୨୮୦୨) ଏବଂ ତୃତୀୟ ସ୍ଥାନରେ ଫାବିଆନୋ କରୁଆନା (୨୭୮୯) ଅଛନ୍ତି ।

# ୨୦୨୫ ଅଷ୍ଟ୍ରେଲିଆନ୍ ଓପନ୍‌ରୁ ଜୋକୋଭିକ୍ ବାଦ୍



ନୂଆଦିଲ୍ଲୀ: ଷ୍ଟାର ଟେନିସ୍ ଖେଳାଳି ନୋଭାକ ଜୋକୋଭିଚ୍ ୨୦୨୫ ଅଷ୍ଟ୍ରେଲିଆନ୍ ଓପନରୁ ବାଦ ପଡ଼ିଛନ୍ତି। ଜୋକୋଭିଚ୍ ଆଘାତ ଯୋଗୁଁ ସେମିଫାଇନାଲ ମ୍ୟାଚ୍ ମଝିରେ ରିଟାର୍ଡ ନେଇଥିଲେ। ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କ ବିପକ୍ଷରେ ସେ ଖେଳୁଥିଲେ। ତାଙ୍କର ଜେଭରେଭ୍ ପ୍ରଥମ ସେଟ୍ ୭-୬ରେ ଜିତିଥିଲେ କିନ୍ତୁ ପରେ ଜୋକୋଭିଚ୍ ଅବସର ନେଇଥିଲେ। ଯାହା ଜର୍ମାନ ଖେଳାଳିଙ୍କୁ ୱାକଓଭର ଦେଇଥିଲା। ଏହାସହ ଫାଇନାଲକୁ ଏଣ୍ଟ୍ରି କରିଛନ୍ତି ଜେଭେରେଭ୍। ସେପଟେ ଦ୍ୱିତୀୟ ସେମିଫାଇନାଲରେ ଇଟାଲୀର ୟାନିକ୍ ସିନର ଏବଂ ଆମେରିକାର ବେନ୍ ସେଲଟନଙ୍କ ମଧ୍ୟରେ ମୁକାବିଲା ହେବ। ଏହାର ବିଜେତା ଫାଇନାଲରେ ଜେଭେରେଭ୍‌ଙ୍କୁ ଭେଟିବେ। ପ୍ରକାଶଥାକି- ଜୋକୋଭିଚ୍ ସର୍ବାଧିକ ସିଙ୍ଗଲ୍ସ (ପୁରୁଷ ଏବଂ ମହିଳା ସିଙ୍ଗଲ୍ସ) ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା କ୍ଷେତ୍ରରେ ପୂର୍ବତନ ଅଷ୍ଟ୍ରେଲିୟ କିମ୍ବଦନ୍ତୀ ମାର୍ଗାରେଟ କୋର୍ଟଙ୍କ ସହ ସମକକ୍ଷ। ସେମାନେ ମିଳିତ ଭାବରେ ମୋଟ ୨୪ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଜୋକୋଭିଚଙ୍କ ସପ୍ନ ଥିଲା ୨୦୨୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ ମାରାଗେଟ୍‌ଙ୍କ ରେକର୍ଡ ଭାଙ୍ଗିଥାନ୍ତେ। କିନ୍ତୁ ତାଙ୍କର ଏହି ସପ୍ନ ପୁଣି ଭାଙ୍ଗି ଯାଇଛି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583